ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୨୦, ସଂଖ୍ୟା: ୨୪୬
୧୨ ଫେବୃଆରୀ, ୨୦୨୬ ଗୁରୁବାର
ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

8 Pages
Price ₹ 5.00
Vol. 20, Issue No. : 246
12th February, 2026 Thursday
Bhubaneswar

ODISHA EXPRESS — SIGHTS TRUTH WRITES TRUTH — ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2006/23033 Postal Regd. No. : BN/169/13-15 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

### ନୀତି ବାଣୀ

**କୁତ ଆଗତ୍ୟ ଘଟତେ ବିଘଟ୍ୟ କ୍ୱନୁ ଯାତିଚ ।**
**ନ ଲକ୍ଷ୍ୟତେ ଗତିଶ୍ଚିତ୍ରା ଘନସ୍ୟ ଚ ଧନସ୍ୟ ଚ ।**

ମେଘ ଏବଂ ଧନର ଗତି ବିଚିତ୍ର । ଏହା ଦେଖାଯାଏ ନାହିଁ । କେଉଁଠାରୁ ଆସି ମିଳିତ ହୁଏ ଏବଂ ବିଭକ୍ତ ହୋଇ କେଉଁଆଡ଼େ ଚାଲିଯାଏ !

**ଅମ୍ବିକା ପ୍ରସାଦ ଦାସଙ୍କ ‘ସତ କହିବାକୁ କିଆଁ ଡରିବି’ ସ୍ତମ୍ଭରେ**

## କିଛି ମିଳୁ ବା ନମିଳୁ...

# ଆଜି ଭାରତ ବନ୍ଦ: ପରିବହନ ପ୍ରଭାବିତ ହେବ !

**ଭୁବନେଶ୍ୱର,୧୧।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକ ବିରୋଧୀ ନୀତି ପ୍ରତିବାଦରେ କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନର ମିଳିତ ମଂଚ ପକ୍ଷରୁ ଗୁରୁବାର ୧୨ଘଣ୍ଟିଆ ଧର୍ମଘଟ ଓ ହରତାଳ ଡାକରା ଦିଆଯାଇଛି। ଏହି ୧୨ଘଣ୍ଟିଆ ଧର୍ମଘଟକୁ ଓଡିଶାରେ ଶ୍ରମିକ ସଂଗଠନଗୁଡିକର ରାଜ୍ୟ ଶାଖା ସମେତ ବିଜେଡି, କଂଗ୍ରେସ ଓ ବାମଦଳଗୁଡିକ ସମର୍ଥନ ଦେଉଥିବାରୁ ରାଜ୍ୟବ୍ୟାପୀ ଏହି ‘ବନ୍ଦ’ର ପ୍ରଭାବ ଅନୁଭୂତ ହେବାର ଆଶଙ୍କା ରହିଛି।

ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ବନ୍ଦ ଯୋଗୁ ଜନଜୀବନ ପ୍ରଭାବିତ ହେବା ସହ ସାଧାରଣ ପରିବହନ ସେବା, ରେଳରୋକ, ରାସ୍ତା ଅବରୋଧ, ବ୍ୟାଙ୍କ, ସରକାରୀ ଅଫିସ୍ ଓ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିବ। କେନ୍ଦ୍ରୀୟ ଅଫିସ ଓ ପ୍ରତିଷ୍ଠାନ ଆଗରେ ପିକେଟିଂ କରାଯିବାର ସମ୍ଭାବନା ରହିଛି।

ଏହି ବନ୍ଦକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ଓ ସମସ୍ତ ଜିଲ୍ଲା ଏସପିମାନଙ୍କୁ ଆଲର୍ଟ ରହିବା ପାଇଁ ନିର୍ଦ୍ଦେଶ ଜାରି ହୋଇଛି। ତେବେ ବନ୍ଦ ପାଳନବେଳେ ଅତ୍ୟାବଶ୍ୟକ ସେବା ଜାରି ରହିବ ବୋଲି ଶ୍ରମିକ ସଂଗଠନଗୁଡିକ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଧର୍ମଘଟକୁ ଦେଶର ୧୦ଟି ଟ୍ରେଡ୍ ୟୁନିଅନ୍ ସମେତ କୃଷକ ସଂଗଠନ ମଧ ସମର୍ଥନ ଜଣାଇଛନ୍ତି।




### ବିଜେଡି-କଂଗ୍ରେସ ଓ ବାମଦଳ ଦଳର ସମର୍ଥନ

ବିଜେଡିର ଶ୍ରମିକ ୱିଙ୍ଗ୍ (ବିଜୁ ଶ୍ରମିକ ସାମ୍ମୁଖ୍ୟ) ପକ୍ଷରୁ ଆଜି ଏକ ପ୍ରେସ୍ ରିଲିଜ୍ ଜାରି କରାଯାଇ ଏହି ସର୍ବଭାରତୀୟ ଧର୍ମଘଟକୁ ପୂର୍ଣ୍ଣ ସମର୍ଥନ ଘୋଷଣା କରାଯାଇଛି। ବିଜୁ ଶ୍ରମିକ ସାମ୍ମୁଖ୍ୟର ସଭାପତି ପ୍ରଫୁଲ୍ଲ ସାମଲ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଟ୍ରେଡ୍ ୟୁନିଅନ୍ ଯେଉଁ ଆନ୍ଦୋଳନ କରୁଛନ୍ତି ତାକୁ ଆମେ ସମର୍ଥନ ଦେଉଛୁ।

ବିଜୁ ଶ୍ରମିକ ସାମ୍ମୁଖ୍ୟ ପକ୍ଷରୁ ଜାରି ପ୍ରେସ୍ ରିଲିଜ୍ ଅନୁସାରେ, କେନ୍ଦ୍ର ସରକାର କର୍ପୋରେଟ୍ ସଂସ୍ଥାମାନଙ୍କ ସ୍ୱାର୍ଥରେ ଶ୍ରମିକମାନଙ୍କ ଦୀର୍ଘଦିନର ସାମ୍ବିଧାନିକ ଅଧିକାରକୁ ଛଡାଇ ନେଇଛନ୍ତି। ୨୯ଟି ଶ୍ରମ ଆଇନକୁ ଉଚ୍ଛେଦ କରି ୪ଟି କୋଡରେ ପରିଣତ କରିବା ଓ ରାଜ୍ୟରେ କମ୍ପାନୀ ମାଲିକମାନଙ୍କ ଦ୍ୱାରା ହେଉଥିବା ବେଆଇନ ଛଟେଇ ବିରୁଦ୍ଧରେ ବିଜୁ ଶ୍ରମିକ ସାମୁଖ୍ୟ ନିଜର ଲଢ଼େଇ ଜାରି ରଖିବ ବୋଲି ସଂଗଠନର ଖୋର୍ଦ୍ଧା ଜିଲ୍ଲା ସଭାପତି ନବକିଶୋର ମହାନ୍ତି ସ୍ପଷ୍ଟ କରିଛନ୍ତି।

ସେହିପରି ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଏବଂ ସିପିଆଇ ନେତା ସୁର ଜେନା ଏହି ୧୨ଘଣ୍ଟିଆ ଧର୍ମଘଟକୁ ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି। ବରିଷ୍ଠ କଂଗ୍ରେସ ନେତା ଜୟଦେବ ଜେନା ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଶ୍ରମିକ, ଦାଦନ ଓ ଚାଷୀର ସମସ୍ୟା ହେଉଛି ମାନବିକ ସମସ୍ୟା। ଏହାକୁ ଲୋକେ ସମର୍ଥନ ଦେବେ। ପିସିସି ସଭାପତି ଯେଉଁ ଢାଂଚାରେ ସମର୍ଥନ ଘୋଷଣା କରିଛନ୍ତି ସେହି ଆଧାରରେ କାର୍ଯ୍ୟକ୍ରମ କରାଯିବ। ସେହିପରି ସିପିଆଇ ସାଧାରଣ ସମ୍ପାଦକ ପ୍ରଶାନ୍ତ ମିଶ୍ର କହିଛନ୍ତି ଯେ, ବିଜେପି ସରକାରଙ୍କ ଶ୍ରମିକ ଓ କୃଷକ ବିରୋଧୀ ନୀତି ସୀମା ଟପିଲାଣି। ଏହି ବନ୍ଦ ଜରିଆରେ କେନ୍ଦ୍ର ଓ ରାଜ୍ୟର ବିଜେପି ସରକାରଙ୍କୁ ଏକ ଶକ୍ତ ଚେତାବନୀ ଦିଆଯିବ ବୋଲି କଂଗ୍ରେସ ଓ ବାମଦଳ ସୂଚନା ଦେଇଛି।

ବିଜେଡି, କଂଗ୍ରେସ ଓ ବାମଦଳଗୁଡିକର ସମର୍ଥନ ଯୋଗୁ ଆସନ୍ତାକାଲି ଦେଶବ୍ୟାପୀ ଧର୍ମଘଟର ସିଧାସଳଖ ପ୍ରଭାବ ଓଡିଶା ଉପରେ ପଡିବ। ରାଜ୍ୟରେ ପରିବହନ ଓ ବ୍ୟବସାୟିକ କାର୍ଯ୍ୟକଳାପ ବ୍ୟାପକ ଭାବେ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି।

ଧର୍ମଘଟକାରୀମାନେ ରାସ୍ତା ଅବରୋଧ, ରେଳରୋକ ଓ ପିକେଟିଂ କରିବାକୁ *(ଶେଷ ପୃଷ୍ଠା ଦେଖନ୍ତୁ)*

### ବଳ ସାମନ୍ତଙ୍କ ବଡ଼ ବୟାନ
## ୩ ଘଣ୍ଟାରେ ୧୦ ହଜାର ଲୋକ ଗଦେଇ ଦେବି

**ଭୁବନେଶ୍ୱର,୧୧।୨: ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁରରେ ବିଜେଡିର ଚାଷୀ ଆନ୍ଦୋଳନ ନେଇ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ବଡ଼ ବୟାନ। ମନ୍ତ୍ରୀ କହିଛନ୍ତି, ଯେଉଁମାନେ ଆନ୍ଦୋଳନ କରୁଛନ୍ତି ୨୦୦ ଟଙ୍କା ଦେଲେ ଆନ୍ଦୋଳନନ ପାଇଁ ଆସିଯିବେ। ଏବେ କହିଲେ ତିନି ଘଣ୍ଟାରେ ୧୦ ହଜାର ଲୋକ ଗଦେଇ ଦେବି। ସେଭଳି ଲୋକ ବହୁତ ଅଛନ୍ତି, ତାଙ୍କର ଦଳ ନାହିଁ, ଯିଏ ଡ଼ାକିବ ଯିବେ, ଖାଇବେ ପିଇବେ ଆସିବେ। ଚାଷୀ ଏଠିକି କାହିଁକି ଆସିବେ। ଚାଷୀ ଆରାମରେ ଅଛନ୍ତି। ଚାଷୀ ୮୦୦ ଟଙ୍କା ପାଇଲେ ଘରେ ଆରାମରେ ଅଛନ୍ତି। ଚାଷୀ ତାଙ୍କ କାମରେ ଅଛନ୍ତି, ତାଙ୍କ ପାଖରେ ସମୟ କାହିଁ। ବିଜେଡି ଆନ୍ଦୋଳନର ପ୍ରଭାବ ଯାଜପୁରରେ ପଡ଼ିବ ନାହିଁ କିମ୍ବା ଓଡିଶାରେ ବି ପଡ଼ିବ ନାହିଁ।

### ସପ୍ତାହକ ବ୍ୟବଧାନରେ ଅଦଳବଦଳ
## ରଶ୍ମିତା ଏମଏସଏମଇ ସଚିବ

**ଭୁବନେଶ୍ୱର,୧୧।୨: ଏକ୍ସପ୍ରେସ୍ ନ୍ୟୁଜ୍**

ସପ୍ତାହକ ବ୍ୟବଧାନରେ ରାଜ୍ୟ ସରକାର ପୁଣିଥରେ ଆଇଏଏସ୍ ଅଫିସରସ୍ତରରେ ଅଦଳବଦଳ କରିଛନ୍ତି। ଦୁଇଟି ବିଭାଗରେ ନୂଆ ସଚିବଙ୍କୁ ନିଯୁକ୍ତି ଦେବା ସହ ଆବୋଲି ସୁନୀଲ ନରୱ୍ୱଣେଙ୍କୁ ଇପିକଲ ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ ହୋଇଛି । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି ।

ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ସଚିବ ୨୦୦୮ ବ୍ୟାଚ୍ ଆଇଏଏସ୍ ଭୂପେନ୍ଦ୍ର ସିଂ ପୁନିଆଙ୍କୁ କ୍ରୀଡା ଓ ଯୁବ ବ୍ୟାପାର ବିଭାଗର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି। ସେ ଦାୟିତ୍ୱ ଗ୍ରହଣ କରିବା ପରେ କୃଷି ସଚିବ ସଚିନ ରାମଚନ୍ଦ୍ର ଯାଦବଙ୍କର କ୍ରୀଡା ବିଭାଗରୁ ଅତିରିକ୍ତ ଦାୟିତ୍ୱ ସମାପ୍ତ ହେବ।

ସେହିପରି ୨୦୧୦ ବ୍ୟାଚ୍ ଆଇଏଏସ୍ ରଶ୍ମିତା ପଣ୍ଡାଙ୍କୁ ଏମଏସଏମଇ ବିଭାଗର କମିଶନର ତଥା ସଚିବ ଭାବେ ନିଯୁକ୍ତି ମିଳିଛି। ଗତ ସପ୍ତାହରେ ତାଙ୍କୁ ଭୁବନେଶ୍ୱର ଉନ୍ନୟନ ପ୍ରାଧିକରଣ(ବିଡିଏ) ଉପାଧକ୍ଷ ଭାବେ ବଦଳି କରାଯାଇଥିଲା । ମାତ୍ର ଏହି ନିର୍ଦ୍ଦେଶକୁ ବାତିଲ କରି ତାଙ୍କୁ ଆଜି ଏମଏସଏମଇ ବିଭାଗର ସଚିବ ଭାବେ ବଦଳି କରାଯାଇଛି। ତାଙ୍କୁ ଷ୍ଟାର୍ଟଅପ୍ ଓଡିଶାର ଅଧକ୍ଷା ତଥା ସିଇଓ ସହ ଓରସାକ୍ ସିଇଓ ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ ହୋଇଛି।

୨୦୦୯ ବ୍ୟାଚ୍ ଆଇଏଏସ୍ ଡି ପ୍ରଶାନ୍ତ କୁମାର ରେଡ୍ଡୀଙ୍କଠୁ ଏମଏସଏମଇ ବିଭାଗର ସଚିବ ଦାୟିତ୍ୱ କାଢ଼ି ନିଆଯାଇଛି । ତାଙ୍କୁ ଇଡକୋ ପରିଚାଳନା ନିର୍ଦ୍ଦେଶକ ଭାବେ *(ଶେଷ ପୃଷ୍ଠା ଦେଖନ୍ତୁ)*

### ବିଧାନସଭା ବଜେଟ୍ ଅଧିବେଶନ
## ୧୬ରେ ସର୍ବଦଳୀୟ ବୈଠକ

**ଭୁବନେଶ୍ୱର,୧୧।୨: ଏକ୍ସପ୍ରେସ୍ ନ୍ୟୁଜ୍**

ବିଧାନସଭା ବଜେଟ୍ ଅଧିବେଶନ ପାଇଁ ୧୬ ତାରିଖରେ ବସିବ ସର୍ବଦଳୀୟ ବୈଠକ। ଦିନ ୧୧.୩୦ ବାଚସ୍ପତି ସୁରମା ପାଢ଼ୀଙ୍କ ଅଧକ୍ଷତାରେ ସର୍ବଦଳୀୟ ବୈଠକ ବସିବ। ଆସନ୍ତା ୧୭ ତାରିଖରେ ବିଧାନସଭାର ବଜେଟ୍ ଅଧିବେଶନ ଆରମ୍ଭ ହେବ ।

ସୂଚନାଯୋଗ୍ୟ ଯେ, ଫେବ୍ରୁଆରୀ ୧୭ରେ ରାଜ୍ୟପାଳଙ୍କ ଅଭିଭାଷଣରୁ ଆରମ୍ଭ ହେବ ବିଧାନସଭା ବଜେଟ୍ ଅଧିବେଶନ। ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ମୋହନ *(ଶେଷ ପୃଷ୍ଠା ଦେଖନ୍ତୁ)*

### ସରକାରଙ୍କୁ ରାହୁଲଙ୍କ ଟାର୍ଗେଟ
# ଭାରତକୁ ବିକ୍ରି କରୁଥିବାରୁ ଲାଜ ଲାଗୁନି ?

**ନୂଆଦିଲ୍ଲୀ,୧୧।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବେଶ କିଛି ଦିନର ନାରାବାଜୀ ଓ ହଟ୍ଟଗୋଳ ପରେ ଆଜି ଲୋକସଭାରେ ବଜେଟ ଉପରେ ହୋଇଛି ସ୍ୱାଭିବକ ଆଲୋଚନା। ତେବେ ଲୋକସଭାରେ ନିଜର ଅଭିଭାଷଣ ରଖିବା ସମୟରେ କେନ୍ଦ୍ର ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି ବିରୋଧୀ ଦଳ ନେତା ରାହୁଲ ଗାନ୍ଧି। ଆମେରିକା ଓ ଭାରତ ମଧ୍ୟରେ ନିକଟରେ ଚୂଡାନ୍ତ ହୋଇଥିବା ବାଣିଜ୍ୟ ଡିଲକୁ ସେ ସମାଲୋଚନା କରିଛନ୍ତି। ଡିଲ ପାଇଁ ସରକାର ଲଜିତ ହେବା କଥା ବୋଲି ସେ କହିଛନ୍ତି।

ନିଜ ଆକ୍ରମଣକୁ ତୀବ୍ର କରି ରାହୁଲ ଗାନ୍ଧି କହିଛନ୍ତି ଯେ କେନ୍ଦ୍ର ସରକାର ‘ଭାରତକୁ ବିକ୍ରି’ କରି ଦେଇଛନ୍ତି। ଆମେରିକୀୟ ଦ୍ରବ୍ୟକୁ ଭାରତୀୟ ବଜାରରେ ପ୍ରବେଶ ପାଇଁ ସରକାର ଅନୁମତି ଦେଇ ଚାଷୀଙ୍କ ଜୀବନ ଜୀବିକାକୁ ବିପଦରେ ପକାଇ ଦେଇଛନ୍ତି। ଆପଣ ଭାରତକୁ ବିକ୍ରି କରି ଦେଇଛନ୍ତି। ଭାରତକୁ ବିକ୍ରି କରୁଥିବାରୁ ଆପଣଙ୍କୁ ଲାଜ ଲାଗୁନାହିଁ। ଆପଣ ଆମ ମା’ଙ୍କୁ, ଭାରତ ମାତାଙ୍କୁ ବିକ୍ରି କରିଦେଇଛନ୍ତି। ବାଣିଜ୍ୟ ଚୁକ୍ତି ମାଧ୍ୟମରେ ସରକାର ଗରିବ ଚାଷୀଙ୍କୁ ଦଳି ଦେବାର ପଥ ପ୍ରଶସ୍ତ କରିଛନ୍ତି। ଭାରତର କୌଣସି ପ୍ରଧାନମନ୍ତ୍ରୀ ଏହା ପୂର୍ବରୁ କରିନାହାଁନ୍ତି। ଆମର ଚାଷୀମାନେ ପ୍ରଥମଥର ପାଇଁ ଏକ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ଆମେରିକାର ଆମଦାନୀ ୪୬ ବିଲିୟନରୁ ୧୪୬ ବିଲିୟନକୁ ବୃଦ୍ଧି



ପାଇବ। ଭାରତ ଉପରେ ଶୁଳ୍କ ୩ ପ୍ରତିଶତରୁ ୧୮ ପ୍ରତିଶତକୁ ବୃଦ୍ଧି ପାଇଛି, ଏବଂ ସେମାନଙ୍କର ୧୬ ପ୍ରତିଶତରୁ ଶୂନ୍ୟକୁ ହ୍ରାସ ପାଇଛି।

ରାହୁଲ ଗାନ୍ଧିଙ୍କ କହିବା କଥା ଯେ ଏହି ଡିଲ ହୋଲସେଲ ଆତ୍ମସମର୍ପଣ। ଡିଲ ବଳରେ ଭାରତର ଶକ୍ତି ସୁରକ୍ଷାକୁ ଆମେରିକା ହାତରେ ନ୍ୟସ୍ତ କରାଯାଇଛି। ଭାରତର ଚାଷୀଙ୍କ ସ୍ୱାର୍ଥକୁ ବୁଝମଣା କରାଯାଇଛି। ଯଦି ଇଣ୍ଡିଆ ବ୍ଲକ ସରକାର ବାଣିଜ୍ୟ ଡିଲକୁ ନେଇ ଆମେରିକା ସହ ଆଲୋଚନା କରିଥାଆନ୍ତା, ତା’ହେଲେ ନିଶ୍ଚିତ *(ଶେଷ ପୃଷ୍ଠା ଦେଖନ୍ତୁ)*

### ‘ବନ୍ଦେ ମାତରମ’କୁ ନେଇ ନୂଆ ନିର୍ଦ୍ଦେଶାବଳୀ
## ଏଣିକି ଠିଆ ହେବା ବାଧ୍ୟତାମୂଳକ

**ନୂଆଦିଲ୍ଲୀ,୧୧।୨: ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ର ସରକାର ଜାତୀୟ ସଙ୍ଗୀତ ‘ବନ୍ଦେ ମାତରମ୍’କୁ ନେଇ ନୂଆ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ଜାତୀୟ ସଙ୍ଗୀତ ଜନ ଗଣ ମନ ପୂର୍ବରୁ ବାଧ୍ୟତାମୂଳକ ହେବ ବନ୍ଦେ ମାତରମ୍। ଗୃହ ମନ୍ତ୍ରଣାଳୟର ନିର୍ଦ୍ଦେଶ ଅନୁଯାୟୀ, ‘ବନ୍ଦେ ମାତରମ୍’ ପଦ୍ମ ପୁରସ୍କାର ଓ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ସମେତ ଏବେ ସରକାରୀ କାର୍ଯ୍ୟକ୍ରମ, ପବ୍ଲିକ୍ ସ୍କୁଲ୍ କାର୍ଯ୍ୟକ୍ରମ କିମ୍ବା ଅନ୍ୟାନ୍ୟ ଆନୁଷ୍ଠାନିକ ସମାବେଶରେ ଗାନ ହେବ। ଏହି କାର୍ଯ୍ୟକ୍ରମଗୁଡ଼ିକରେ ସମସ୍ତଙ୍କ ପାଇଁ ସମ୍ମାନ ଜଣାଇ ଛିଡା ହେବା ବାଧ୍ୟତାମୂଳକ ହେବ। ଜାତୀୟ ସଙ୍ଗୀତ ‘ଜନ ଗଣ ମନ’ ପରେ ତୁରନ୍ତ ୬ ପଦ ବିଶିଷ୍ଟ ‘ବନ୍ଦେ ମାତରମ୍’ ଗାନ ହେବ। ଏହି ସମୟରେ ଛିଡା ହେବା ବାଧ୍ୟତାମୂଳକ। ଗୀତ ସମୟସୀମା ୩ ମିନିଟ୍ ୧୦ ସେକେଣ୍ଡ ରହିବ। ନିୟମରେ ଏହା କୁହାଯାଇଛି କି, ଯଦି ‘ଜନ ଗଣ ମନ’ ଏବଂ ‘ବନ୍ଦେ ମାତରମ୍’ ଏକା ସଙ୍ଗେ ଗାନ ହେବାର ଥିବ ତେବେ ‘ବନ୍ଦେ ମାତରମ୍’ ପ୍ରଥମ




ଗାନ କରାଯିବ ।

ନୂତନ ନିୟମ ଅନୁଯାୟୀ, ୬ଟି ପଦ୍ୟ ବିଶିଷ୍ଟ ‘ବନ୍ଦେ ମାତରମ୍’ ପୂର୍ଣ୍ଣ ସଂସ୍କରଣ ଏବେ ବାଜିବ, ଯାହାର ଅବଧି ୩ ମିନିଟ୍ ୧୦ ସେକେଣ୍ଡ। ଏଥିରେ ଦୁର୍ଗାଙ୍କ ସମେତ ୩ ଜଣ ହିନ୍ଦୁ ଦେବୀଙ୍କର ଉଲ୍ଲେଖ ଅଛି। ଏପର୍ଯ୍ୟନ୍ତ, ମୂଳ ବନ୍ଦେ ମାତରମ୍ ଗୀତର କେବଳ ୬ ପଦ୍ୟ ମଧ୍ୟରୁ ପ୍ରଥମ ଦୁଇଟି ଗାନ କରାଯାଉଥିଲା। ଜାତୀୟ ପତାକା ଉତ୍ତୋଳନ, କାର୍ଯ୍ୟକ୍ରମରେ ରାଷ୍ଟ୍ରପତିଙ୍କ ଆଗମନ, ଜାତି ଉଦ୍ଦେଶ୍ୟରେ ତାଙ୍କର ଭାଷଣ ଏବଂ ଅଭିଭାଷଣ ପୂର୍ବରୁ ଏବଂ ପରେ, ଏବଂ ରାଜ୍ୟପାଳମାନଙ୍କ ଆଗମନ ଏବଂ ଭାଷଣ ପୂର୍ବରୁ ଏବଂ ପରେ ‘ବନ୍ଦେ ମାତରମ୍’ ବଜାଇବା ଅନେକ ସରକାରୀ ଅବସରରେ ବାଧ୍ୟତାମୂଳକ କରାଯାଇଛି। ସାର୍ବଜନୀନ ସମାବେଶରେ ‘ବନ୍ଦେ ମାତରମ୍’ର ଛଅଟି ପଦ ବାଧ୍ୟତାମୂଳକ କରିବା ପାଇଁ ସରକାର ନିର୍ଦ୍ଦେଶ ଜାରି କରିଛନ୍ତି। ସିନେମା ହଲ୍ ଭଳି ସାର୍ବଜନୀନ ସ୍ଥାନ, ସମସ୍ତ ସରକାରୀ ସ୍କୁଲ୍ ଓ କାର୍ଯ୍ୟକ୍ରମ, ଅଫିସିଆଲ୍ କାର୍ଯ୍ୟକ୍ରମରେ ‘ବନ୍ଦେ ମାତରମ୍’ ବାଧ୍ୟତାମୂଳକ। ‘ବନ୍ଦେ ମାତରମ୍’ ଗାନ ବେଳେ ସାବଧାନ ଭଙ୍ଗୀରେ ରହିବାକୁ ନିର୍ଦ୍ଦେଶନାମା। ଯଦି କେହି ଅସମ୍ମାନ କରନ୍ତି ସର୍ବାଧିକ ୩ ବର୍ଷ ଜେଲଦଣ୍ଡ ନିର୍ଦ୍ଦେଶ।

## ସ୍କୁଲ ଭିତରେ ଆଖିବୁଜା ଗୁଳିମାଡ଼: ୩୪ ମୃତ

**ବ୍ୟାଙ୍କକ,୧୧।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଥାଇଲ୍ୟାଣ୍ଡର ସୋଙ୍ଗଖଲାରେ ଜଣେ ବନ୍ଧୁକଧାରୀ ଯୁବକର ନାରକୀୟ କାଣ୍ଡ ଦେଖିବାକୁ ମିଳିଛି। ଏକ ସ୍କୁଲରେ ପଶି ଆଖିବୁଜା ଗୁଳିମାଡ଼ କରିବା ଫଳରେ ୨୨ଜଣ ଛାତ୍ରଛାତ୍ରୀଙ୍କ ସମେତ ୩୪ ଜଣଙ୍କ ଜୀବନ ଚାଲିଯାଇଛି। ସ୍ଥାନୀୟ ଗଣମାଧମ ଅନୁଯାୟୀ ଜଣେ ୧୮ ବର୍ଷୀୟ ଯୁବକ ଏକ ‘ଏମ୍-୪’



ବନ୍ଧୁକରୁ ଆଖିବୁଜା ଗୁଳିମାଡ଼ କରିଥିଲେ। ପୁଲିସ ଏବେ ଘଟଣାର ତଦନ୍ତ କରୁଛି। ସ୍କୁଲକୁ ସିଲ୍ କରାଯିବା ସହ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଭିଜିଲାନ୍ସ ଜାଲରେ କିରାଣି

**ଅନୁଗୁଳ,୧୧।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଅନୁଗୁଳ ଜିଲା ମୁଖ୍ୟ ଚିକିତ୍ସାଳୟର କିରାଣି ସୁବ୍ରତ ବେହେରାଙ୍କ ଘରେ ଭିଜିଲାନ୍ସ ଚଢାଉ କରିଛି। ସୁସୁଡା ବାସଭବନ ସମେତ ୫ଟି ସ୍ଥାନରେ ଭିଜିଲାନ୍ସ ଟିମ୍ ଚଢାଉ ହୋଇଥିବା ସୂଚନା ମିଳିଛି। ଢେଙ୍କାନାଳ ବାଉଁଶପୋଖରୀ ପୈତୃକ ଘର ଓ ବଅଁରପାଳ ଶ୍ୱଶୁର ଘରେ ରେଡ୍ କରାଯାଇଛି। ଟଙ୍କା ହେରଫେର ମାମଲାରେ ସାଢେ ୩ମାସ ହେବ ନିଖୋଜ ହେବା ପରେ ଭିଜିଲାନ୍ସ ସୁବ୍ରତଙ୍କୁ ଗିରଫ କରିଛି। ନିଜ ଦରମା ବୃଦ୍ଧି ସହ ପ୍ରାୟ ଅଢେଇ କୋଟି ଟଙ୍କା ଜାଲିଆତି କରିଥିବା ଅଭିଯୋଗ ରହିଛି।

ଅନ୍ୟପକ୍ଷରେ କିରାଣି ଶ୍ରୀ ବେହେରାଙ୍କ ଘର ଦେଖି ତାଜୁବ ହୋଇଯାଇଛନ୍ତି ଭିଜିଲାନ୍ସ ଅଧିକାରୀ। ମାତ୍ର ୮ ହଜାର ଟଙ୍କା ଦରମାରେ ଚାକିରି ଆରମ୍ଭ କରିଥିବା ଏହି ଧୃତ କିରାଣିଙ୍କ ଅନୁଗୁଳ ସହରରେ ରହିଛି ବିଳାସମୟ କୋଠା। ଯେଉଁଥିରେ ଖଞ୍ଜାଯାଇଛି ଅତ୍ୟାଧୁନିକ ସାମଗ୍ରୀ। ରହିଛି ଦାମୀ କାର, ସୁନା, ଗହଣା ଓ ଦାମୀ ଘଣ୍ଟା। ଆଜି ଚଢ଼ଉ ବେଳେ ତାଙ୍କ ସଂପତ୍ତି ଦେଖି ଭିଜିଲାନ୍ସ ଅଧିକାରୀଙ୍କ ଆଶ୍ଚର୍ଯ୍ୟ ହୋଇଛନ୍ତି। ଚଢ଼ଉ ବେଳେ ତାଙ୍କର ବିପୁଳ ସଂପତ୍ତିର ପ୍ରମାଣ ପାଇଛି ଭିଜିଲାନ୍ସ। ତାଙ୍କର ୩ ମହଲା କୋଠା ସହ ପାଖାପାଖି *(ଶେଷ ପୃଷ୍ଠା ଦେଖନ୍ତୁ)*

## ସମସ୍ତଙ୍କୁ ପିୟୁସିସି ବାଧ୍ୟତାମୂଳକ: ମନ୍ତ୍ରୀ

**ଭୁବନେଶ୍ୱର,୧୧।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ପିୟୁସିସିକୁ ହାଇକୋର୍ଟର ଖାରଜ ପରେ ପ୍ରତିକ୍ରିୟା ରଖିଛନ୍ତି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା। ସମସ୍ତଙ୍କୁ ପିୟୁସିସି କରିବା ବାଧ୍ୟତାମୂଳକ କହିଛନ୍ତି ପରିବହନ ମନ୍ତ୍ରୀ। ସେ କହିଛନ୍ତି ଯେ, ଯେଉଁ କଥା ଆମେ କହୁଥିଲୁ ଲୋକଙ୍କ ଆବେଗ ଥିଲା ଯେ ପିୟୁସିସି ହଠାତ୍ ବୋଝ ଭଳିଆ ହୋଇଗଲା ବୋଲି। ବାଧ୍ୟତାମୂଳକ ନିୟମ କିଛି ନୂଆ ନ ଥିଲା। ଗାଡ଼ିଟେ ଥିଲେ ପିୟୁସିସି ଆବଶ୍ୟକ। ଯେମିତି ଫିଟନେସ ଦରକାର, ଲାଇସେନ୍ସ ଦରକାର ସେମିତି ପିୟୁସିସିର ମଧ୍ୟ ଆବଶ୍ୟକ ଥିଲା। ହଠାତ୍ କାର୍ଯ୍ୟକାରୀ କରାଯିବାରୁ ଲୋକେ ବୋଝ ବୋଲି ଭାବିଲେ। ଯେହେତୁ ଓଡ଼ିଶାର ବାୟୁ ପ୍ରଦୂଷଣ ବଢୁଛି ତେଣୁ ପିୟୁସିସି ବାଧବାଧକତାରେ ହେବା ଦରକାର। ଓଡ଼ିଶାରେ କୋଟିଏରୁ ଉର୍ଦ୍ଧ୍ୱ ଗାଡ଼ି ହେଲାଣି। ତାକୁ ଆଖି ଆଗରେ ରଖି ଆମେ ଅମାନିଆଙ୍କ ପାଇଁ ପିୟୁସିସି ନାହିଁ କି ତେଲ ନାହିଁ କଲୁ, ସମସ୍ତେ ବ୍ୟଗ୍ରତାର ସହ ପିୟୁସିସି ସାର୍ଟିଫିକେଟ କଲେ। ଜନସ୍ୱାର୍ଥ ମାମଲା ଦାଖଲ କରିବା ଲୋକଙ୍କ ଅଧିକାର, ଲୋକଙ୍କ ସ୍ୱାଧୀନତା ମଧ୍ୟ। ମାନ୍ୟବର ହାଇକୋର୍ଟ ତାକୁ ଖାରଜ କଲେ। କାହାଠୁ ଜରିମାନା ନେଇକି ସରକାର ଚାଲିବା ଆମ ସରକାରଙ୍କ ପ୍ରାଥମିକତା ନାହିଁ। ନିଶ୍ଚିତ ଭାବେ ତାକୁ ତର୍ଜମା କରାଯିବ ଓ କମ ବି କରାଯିବ।

# ପିଲାଙ୍କୁ ଆବଶ୍ୟକ ଶିକ୍ଷକ: ଦରକାର ନୁହେଁ ମଧ୍ୟାହ୍ନ ଭୋଜନ କି ୟୁନିଫର୍ମ

**ଭୁବନେଶ୍ୱର,୧୧।୨: ତଥ୍ୟ**

“ପାଠ ପଢ଼ିବା ପାଇଁ ଆମକୁ ଶିକ୍ଷକ ଦରକାର। ତା’ପରେ ଯାଇ ମଧ୍ୟାହ୍ନ ଭୋଜନ ଓ ସ୍କୁଲ ୟୁନିଫର୍ମ।” ଏଭଳି ପ୍ରତିବାଦର ସ୍ୱର ଉଠାଇ ବୟସ୍କ ନାଗରିକ, ସମାଜ ଚିନ୍ତକ, ଶିକ୍ଷାବିତ୍ ଏବଂ ରାଜ୍ୟ ଚଳାଉଥିବା ରାଜନୈତିକ ଓ ପ୍ରଶାସନିକ ଅଧିକାରୀମାନଙ୍କ ଆଖି ଖୋଲିବା ପାଇଁ ଚେଷ୍ଟା କରିଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ କଖାରୁଣୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କୁନିକୁନି ଛାତ୍ରଛାତ୍ରୀମାନେ।

ବର୍ଷବର୍ଷ ଧରି ଏହି ବିଦ୍ୟାଳୟରେ ଶିକ୍ଷକ ସଂକଟ ଲାଗି ରହିଛି। ବିଭିନ୍ନ ମହଲରୁ ବାରମ୍ବାର ଦାବି ହେଲେ ବି ଏହି ମୌଳିକ ସମସ୍ୟା ପ୍ରତି କେହି କର୍ଣ୍ଣପାତ କରୁନାହାନ୍ତି। ଏହି ବିଦ୍ୟାଳୟଟି ପ୍ରାୟ ୯୦ବର୍ଷ ତଳେ ୧୯୩୬ ମସିହାରେ ବ୍ରିଟିଶ ଶାସନ ସମୟରେ ସ୍ଥାପନ କରାଯାଇଥିଲା। ରାଜ୍ୟର ଯେଉଁ କେତୋଟି ପୁରୁଣା ପ୍ରାଥମିକ ବିଦ୍ୟାଳୟ ରହିଛି ସେଗୁଡ଼ିକ ଭିତରେ କଖାରୁଣୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅନ୍ୟତମ।

ଏହି ବିଦ୍ୟାଳୟରେ ପ୍ରଥମରୁ ୭ମ ପର୍ଯ୍ୟନ୍ତ ୭ଟି ଶ୍ରେଣୀରେ ୩୦୯ ଜଣ ଛାତ୍ରଛାତ୍ରୀ ଥିବାବେଳେ ଏମାନଙ୍କୁ



ପଠା ପଢ଼ାଇବା ପାଇଁ ଅଛନ୍ତି ମାତ୍ର ୪ଜଣ ଶିକ୍ଷକ। ଏମାନେ ଅଧିକାଂଶ ସମୟରେ ବିଦ୍ୟାଳୟ କାମରେ ବିଭିନ୍ନ ଦପ୍ତର ଦୌଡ଼ିବା, ଭୋଟର ତାଲିକା ସଂଶୋଧନଠାରୁ ବିଭିନ୍ନ ସରକାରୀ କାର୍ଯ୍ୟରେ ନିୟୋଜିତ ହେବା, ମଧ୍ୟାହ୍ନ ଭୋଜନ ପିଲାଙ୍କୁ ଖୁଆଇବା ଏବଂ ବିଦ୍ୟାଳୟର ବିଭିନ୍ନ କାମ ପାଇଁ ଆସୁଥିବା ସରକାରୀ ଟଙ୍କାର ହିସାବ କିତାବରେ ବ୍ୟସ୍ତ ରହୁଛନ୍ତି। ପର୍ଯ୍ୟାପ୍ତ ସଂଖ୍ୟକ ଶିକ୍ଷକ ନଥିବାବେଳେ ଶ୍ରେଣୀ ଗୃହର ମଧ୍ୟ ଅଭାବ ରହିଛି।

ବଡ଼ମାନଙ୍କ ଗୁହାରି ଉଚ୍ଚ କର୍ତ୍ତୃପକ୍ଷ ଶୁଣୁନଥିବାବେଳେ ଏବେ କୁନିକୁନି ପିଲାମାନେ ନିଜ ସମସ୍ୟା ନିଜେ ସମାଧାନ କରିବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଆଜି ସେମାନେ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଖାଇନାହାନ୍ତି। କେବଳ ସେତିକି ନୁହେଁ, ସେମାନଙ୍କ ପାଇଁ ସରକାରୀ ଯେଉ ୟୁନିଫର୍ମ ଡ୍ରେସ ଯୋଗାଇଛନ୍ତି ସେଗୁଡ଼ିକୁ ମଧ୍ୟ ଜଣ ଜଣକରି ଫେରାଇଛନ୍ତି। ସ୍କୁଲ ପରିସର ଭିତରେ ପିଲାମାନେ ଏହି ସରକାରୀ ୟୁନିଫର୍ମ ଡ୍ରେସ ଗଦା କରି ଚାଲିଯାଇଛନ୍ତି। ଯେ ପର୍ଯ୍ୟନ୍ତ ସେମାନଙ୍କୁ ପାଠ ପଢ଼ାଇବା ପାଇଁ ଆବଶ୍ୟକ ସଂଖ୍ୟକ ଶିକ୍ଷକ ଓ ଅନ୍ୟ ଭିତ୍ତିଭୂମିର ବିକାଶ କରାନଯାଇଛି ସେ ପର୍ଯ୍ୟନ୍ତ ସେମାନେ ପ୍ରତିବାଦ ଜାରି ରଖିବେ ବୋଲି କହିଛନ୍ତି।

ସ୍ୱାଧୀନତା ଆନ୍ଦୋଳନ ସମୟରେ ଛୋଟ ଛୋଟ ପିଲାମାନେ ବାନର ସେନା ଗଢ଼ି ବ୍ରିଟିଶ ସରକାର ଆଖିରୁ ନିଦ ହଜାଇ ଦେଇଥିଲେ। ଏବେ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଏଆଇ ଯୁଗରେ ମୋବାଇଲ୍ ନେଟ୍‌ୱର୍କ ପାଇଁ ଲୋକେ କଲବଲ



**୧୧।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଆଉ ମାସ କେଇଟା ପରେ ଦେଶ ୮୦ତମ ସ୍ୱାଧୀନତା ଦିବସ ପାଳନ କରିବ । ଏଆଇ ଯୁଗରେ ଅନେକ ଅଗ୍ରଗତି ଘଟିଛି । ମହାକାଶରେ ଭାରତୀୟଙ୍କ ପାଦ ବି ପଡ଼ିଲାଣି ହେଲେ ସମ୍ବଲପୁର ଜିଲ୍ଲାର ବିହୁପୁର ଭଳି ଅନେକ ଗାଁ ଅଛି, ଯେଉଁଠି ମୋବାଇଲ ନେଟ୍‌ୱର୍କ ପାଇଁ ଲୋକେ ଆଜି ମଧ୍ୟ ସଂଘର୍ଷ କରୁଛନ୍ତି । ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ୍ ମୁଖ୍ୟାଳୟଠାରୁ ୩୦ କିଲୋମିଟର ଓ ପଞ୍ଚାୟତ ମୁଖ୍ୟାଳୟ ଜାମୁଙ୍କୁରିଠାରୁ ୩.୫ କିଲୋମିଟର ଦୂରରେ ରହିଛି ବିହୁପୁର । ଗାଁର ଲୋକ ସଂଖ୍ୟା ୮୫୦ରୁ ଅଧିକ । ଗାଁରେ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିବା ସୁବିଧା ଥିବାବେଳେ ହାଇସ୍କୁଲ ପାଇଁ ନିକଟସ୍ଥ ଜାମୁଙ୍କୁରି କିମ୍ବା ବାଟଗାଁ ହାଇସ୍କୁଲ ଏବଂ କଲେଜ ଶିକ୍ଷାଦାନ ପାଇଁ ନାକଟିଦେଉଳ ଓ ରୋଖୋଲ ଉପରେ ନିର୍ଭର କରିବାକୁ ପଡୁଛି । ଆଜିର ଆଧୁନିକ ଯୁଗରେ ଯୋଗାଯୋଗ, ଶିକ୍ଷାଦାନ, ଅଧ୍ୟୟନ ସହିତ ବିଭିନ୍ନ ସରକାରୀ ସୁବିଧା ନିମନ୍ତେ ମୋବାଇଲ୍ ନେଟ୍‌ୱର୍କର ଗୁରୁତ୍ୱ ବଢ଼ିଯାଇଛି । ଅଥଚ ବିହୁପୁର ଗାଁ ଲୋକେ ଏଥିପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଗାଁର ଯେଉଁ କିଛି ଲୋକଙ୍କର ପକ୍କାଘର ରହିଛି, ସେମାନେ ନେଟ୍‌ୱର୍କ ପାଇଁ ଘର ଛାତ ଉପରକୁ ଯାଇ କଥାବାର୍ତ୍ତା ହୋଇଥାନ୍ତି । ତଥାପି ବହୁ କଷ୍ଟରେ ନେଟ୍‌ୱର୍କ ମିଳିଥାଏ । ଅନେକ ସମୟରେ ଅଧାରୁ କଲ୍ ବନ୍ଦ ହୋଇଯାଏ । ତେବେ ଗାଁର ଅନ୍ୟ ପରିବାର ନେଟ୍‌ୱର୍କ ପାଇଁ ନିକଟସ୍ଥ ଗଛ ଉପରକୁ ଚଢ଼ିଥାନ୍ତି କିମ୍ବା ଅନ୍ୟ କୌଣସି ଉଚ୍ଚଜାଗାକୁ ଯାଇ କଥାବାର୍ତ୍ତା କରନ୍ତି । ଗାଁର ଅନେକ ଯୁବକ ବାହାରେ ରହୁଛନ୍ତି । କିଏ ଚାକିରି କରୁଛି, ତ ଆଉ କିଏ ଉଚ୍ଚଶିକ୍ଷା ପାଇଁ ବାହାରେ ରହୁଛନ୍ତି । ନିଜ ପରିବାର ସହିତ ଯୋଗାଯୋଗ କରିବା ସେମାନଙ୍କ ପାଇଁ କଷ୍ଟକର ହୋଇପଡୁଛି । ଅନ୍ୟତ୍ର ବିବାହ କରିଥିବା ଗାଁର ଝିଅମାନେ ଓ ଗାଁକୁ ଆସିଥିବା ବୋହୂମାନେ ବି ନିଜ ବାପଘର ଲୋକଙ୍କ ସହ ଫୋନ୍‌ରେ ଟିକେ କଥା ହେବାର ସୁଯୋଗ ପାଉ ନାହାନ୍ତି । ଗାଁରେ ମୋବାଇଲ ଟାୱାର୍ ସ୍ଥାପନ ପାଇଁ ନାକଟିଦେଉଳ ବିଡିଓ, ସମ୍ବଲପୁର ଜିଲ୍ଲାପାଳ, ବିଏସ୍‌ଏନ୍‌ଏଲ ସହିତ ଅନ୍ୟାନ୍ୟ କମ୍ପାନିର ବରିଷ୍ଠ ପଦାଧିକାରୀଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ବି ଦ୍ୱାରସ୍ଥ ହୋଇଛନ୍ତି । ବିଭିନ୍ନ ଦପ୍ତରକୁ ବାରମ୍ବାର ଦୌଡ଼ିବା ପରେ ମଧ୍ୟ କୌଣସି ସୁଫଳ ମିଳିନାହିଁ ବୋଲି ଗାଁର ମିଳନ ପ୍ରଧାନ କହିଛନ୍ତି । ଯେଉଁଠି ଅନ୍ୟ ଅଞ୍ଚଳର ପିଲା ଆକାଶରେ ଉଡ଼ିବା ପାଇଁ ସ୍ୱପ୍ନ ଦେଖୁଛନ୍ତି, ସେଠି ଆମକୁ ସାମାନ୍ୟ ମୋବାଇଲ ନେଟ୍‌ୱର୍କ ପାଇଁ ସଂଘର୍ଷ କରିବାକୁ ପଡୁଛି ଶ୍ରୀ ପ୍ରଧାନ କ୍ଷୋଭ ପ୍ରକାଶ କରି କହିଛନ୍ତି ।

## ଆଜିର ରାଶିଫଳ

| ତାରିଖ | ଗୁରୁବାର– ଦଶମୀ |
|---|---|
| ୧୨.୨.୨୦୨୬ | ନକ୍ଷତ୍ର– ଜ୍ୟେଷ୍ଠା, ବିଛାଚନ୍ଦ୍ର |



| | | |
|---|---|---|
| ମେଷ | : | ଦୁର୍ଘଟଣା ଭୟ ରହିଛି । |
| ବୃଷ | : | ଅପେକ୍ଷା କରିଥିବା କାମ ନହେବାରୁ ହତାଶ ହେବେ । |
| ମିଥୁନ | : | ଅସୁସ୍ଥମତା ହେବେ । |
| କର୍କଟ | : | ଯେକୌଣସି କାର୍ଯ୍ୟ କରିବେ ସାହାଯ୍ୟ ପାଇବେ । |
| ସିଂହ | : | ଯାତ୍ରାରେ କ୍ଷତିରେ ପଡ଼ିବେ । |
| କନ୍ୟା | : | ଅର୍ଥଲାଭ ଯୋଗ ରହିଛି । |
| ତୁଳା | : | ଅଯଥା ଖର୍ଚ୍ଚାନ୍ତରେ ପଡ଼ିବେ । |
| ବିଛା | : | ଦ୍ରବ୍ୟପ୍ରାପ୍ତି ହେବେ । |
| ଧନୁ | : | ମନସ୍ତାପ କରିବେ । |
| ମକର | : | ଶାରୀରିକ ଅସୁସ୍ଥତା କଷ୍ଟ ଦେବ । |
| କୁମ୍ଭ | : | ଅର୍ଥଲାଭ ଯୋଗ ରହିଛି । |
| ମୀନ | : | ଦୂରଯାତ୍ରା ସଫଳ ହେବ । |

## ପାନୀୟ ଜଳ ପ୍ରକଳ୍ପ କେଉଁ କାମକୁ ?

**ହିନ୍ଦୋଳ, ୧୧।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନ୍ ଏ ସି ୧୩ ନଂ ୱାର୍ଡ ରାଜ ମହୋନପୁର ଗ୍ରାମ ସ୍ଥିତ ରାଶି ପାଳ ଉଚ୍ଚ ବିଦ୍ୟାଳୟ ଓ ରାଜ ମହୋନପୁର ଉପ୍ରା ବିଦ୍ୟାଳୟ ସମ୍ମୁଖ ଭାଗରେ ମୁଖ୍ୟ ରାସ୍ତା ପାର୍ଶ୍ୱକୁ ଥିବା ପାନୀୟ ଜଳ ପ୍ରକଳ୍ପଟି ଦୀର୍ଘ ୬ ବର୍ଷରୁ ଉର୍ଦ୍ଧ୍ୱ ହେବ ପରିତ୍ୟକ୍ତ ଅବସ୍ଥାରେ ବନ୍ଦ ହୋଇ ପଡ଼ି ରହିଥିବାରୁ ଏହା କେଉଁ କାମକୁ ବୋଲି ଏବେ ୱାର୍ଡବାସୀଙ୍କ ମନରେ ପ୍ରଶ୍ନ ଉଙ୍କି ମାରିଚି ।

ଉଲ୍ଲେଯୋଗ୍ୟ ଯେ ବିଗତ ୨୦୧୮ ସେପ୍ଟେମ୍ବର ୯ ତାରିଖରୁ ତତ୍କାଳୀନ ଢେଙ୍କାନାଳ ଲୋକସଭା ସାଂସଦ ତଥାଗତ ଶତପଥୀଙ୍କ କର କମଳରେ ପ୍ରକଳ୍ପଟି ଜନ ହିତରେ ଉତ୍ସର୍ଗ ହୋଇଥିଲା । ପ୍ରକଳ୍ପ ମଧ୍ୟରେ ଫିଜର ବ୍ୟବସ୍ଥା ଥିବାରୁ ଉଭୟ ପାଇପ ଯୋଗେ ଥଣ୍ଡା ଓ ସାଧାରଣ ବିଶୁଦ୍ଧ ଜଳ ଯୋଗାଣ ଆରମ୍ଭ ହୋଇଥିଲା । ପ୍ରଥମେ ଏନ୍‌ଏସି ପକ୍ଷରୁ ଏହାକୁ ଠିକ୍ ଭାବେ ପରିଚାଳନା ଓ ଦେଖାଶୁଣା କରାଯିବାରେ ଏହା ଜଳ ଯୋଗାଣ ସେବା ଯୋଗାଇ ପାରି ଥିଲା । ପ୍ରାୟ ୨୦୨୦ ମସିହା ଠାରୁ ପରିଚାଳନାଗତ ତ୍ରୁଟି ଯୋଗୁଁ ସମୟେ ସମୟେ ଏହା ଜଳ ଯୋଗାଣ ସେବା ଦେଇପାରିନଥିଲା । ତା'ପରଠାରୁ ସ୍ଥାନୀୟ ପ୍ରଶାସନ ଓ ନେତାଙ୍କ ଅଣଦେଖା ଯୋଗୁଁ ଏହା ସମ୍ପୂର୍ଣ୍ଣ ଭାବେ ପରିତ୍ୟକ୍ତ ଅବସ୍ଥାରେ ବନ୍ଦ ହୋଇ ପଡ଼ିରହିଛି । ଏବେ ଏହାକୁ କିଏ ମରାମତି କରି ସଚଳ କରିବ ପ୍ରଶ୍ନବାଚି ସୃଷ୍ଟି ହୋଇଛି । ସରକାରୀ ଅର୍ଥରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଏଭଳି ଜନ ହିତକର ପ୍ରକଳ୍ପ ବନ୍ଦ ହୋଇପଡ଼ି ରହିବାକୁ ସାଧାରଣରେ ନିନ୍ଦା କରାଯାଇଛି । ସ୍ଥାନୀୟ ପ୍ରଶାସନ ଓ ଲୋକ ପ୍ରତିନିଧି ଏଥି ପ୍ରତି ଯତ୍ନବାନ ହେବାକୁ ସାଧାରଣରେ ଦୃଢ଼ ଦାବି ହେଉଛି ।

## କର୍କଟ ଆକ୍ରାନ୍ତ ଯୁବକଙ୍କୁ ଆର୍ଥିକ ସହାୟତା

**ଖଣ୍ଡପଡ଼ା, ୧୧।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ ପଞ୍ଚାୟତ ଅଧୀନ କୃଷ୍ଣଚନ୍ଦ୍ରପୁର ପାଟଣାସାହିର ସୁରେଶ କୁମାର ସାହୁ (୪୫) ଦୀର୍ଘ ୧ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଫୁସଫୁସ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ ହେଁ ଚିକିତ୍ସା ନିମନ୍ତେ ଅର୍ଥ ବାଧକ ସାଜିଥିବାରୁ ପରିବାରବର୍ଗ ଏ ନେଇ ଚିନ୍ତାରେ ପଡି ଯାଇଥିବା ଜଣାପଡିଛି । ଉପଯୁକ୍ତ ଚିକିତ୍ସା ନିମନ୍ତେ ଅଧିକ ଅର୍ଥର ଆବଶ୍ୟକତା ବେଳେ ଏବେ ଗୋଟିଏ ଗୋଟିଏ ଇଞ୍ଜେକସନ ପାଇଁ ୧ ଲକ୍ଷ ୩୦ ହଜାର ଟଙ୍କା ଦେବାକୁ ପଡୁଥିବା ପରିବାରବର୍ଗଙ୍କ ସୁତ୍ରରୁ ଜଣାପଡିଛି । ରାଜ୍ୟ ସରକାର ପ୍ରଦାନ କରିଥିବା ଆୟୁଷ୍ମାନ କାର୍ଡରେ ଉପଲବ୍ଧ ଆନୁସଙ୍ଗିକ ଅର୍ଥ ରାଶି ଚିକିତ୍ସା ସମୟରେ ଶେଷ ହୋଇଯିବା ପରେ ଏବେ ପରିବାରବର୍ଗଙ୍କ ମୁଣ୍ଡରେ ଚଡକ ପଡିଛି । ରୋଗ ଯନ୍ତ୍ରଣାରେ ଛଟପଟ ହେଉଥିବା ଯୁବକ ଜଣକ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ଆଉ ଇଞ୍ଜେକସନ କିଣିବାକୁ ପରିବାରବର୍ଗଙ୍କ ନିକଟରେ ଆବଶ୍ୟକ ଅର୍ଥର ଅଭାବ ରହିଛି । ନୟାଗଡ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟିଦେଇ ଜିଲା ରେଡକ୍ରସ ପାଣ୍ଠିରୁ ଯୁବକଙ୍କ ଚିକିତ୍ସା ନିମନ୍ତେ ଆନୁସଙ୍ଗିକ ସହାୟତା ରାଶି ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି । ଅନୁରୁପ ଭାବେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ରୋଗାକ୍ରାନ୍ତ ଯୁବକଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ନିମନ୍ତେ ଖଣ୍ଡପଡ଼ା ବିଧାୟକ ଦୃଷ୍ଟି ଦେବାକୁ ସ୍ଥାନୀୟ ବାସିନ୍ଦା ଓ ପରିବାରବର୍ଗ ନିବେଦନ କରିଛନ୍ତି । ଉକ୍ତ ଯୁବକଙ୍କୁ ସହଯୋଗର ହାତ ବଢାଇବାକୁ ଇଛୁକ ସହୃଦୟ ବ୍ୟକ୍ତି ଓ ସ୍ୱେଚ୍ଛାସେବୀମାନେ ଏହି ମୋବାଇଲ ନମ୍ବରରେ ୭୮୫୫୯୮୨୪୨୩ ଯୋଗାଯୋଗ କରିବାକୁ ପରିବାରବର୍ଗ ନିବେଦନ କରିଛନ୍ତି । ଖଣ୍ଡପଡ଼ା ବିଧାୟକ ଓ କଟକ ସାଂସଦ ଉକ୍ତ ପରିବାର ପ୍ରତି ସଦୟ ହେବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି ।

## କୁର୍ମି ବଟିକା ଖାଇ ୨୫ ଛାତ୍ରଛାତ୍ରୀ ଗୁରୁତର

**ଘଟଗାଁ, ୧୧।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ମଙ୍ଗଳବାର ଥିଲା କୁର୍ମି ଦିବସ । ଏହି କୁର୍ମି ଦିବସ ପାଳନ ଅବସରରେ ସ୍ଥାନୀୟ ଘଟଗାଁ ବ୍ଲକ ଦେହୁରୀପଶି ଆଦିବାସୀ ବାଳକ ଉଚ୍ଚ ବିଦ୍ୟାଳୟରେ ଘଟିଯାଇଛି ଏକ ବଡ଼ଧରଣର ଅଘଟଣ । ଛାତ୍ରଛାତ୍ରୀଙ୍କୁ କୁର୍ମି ବାଟିକାର ଖାଇବାକୁ ଦେବାର ଏକ ଘଣ୍ଟା ପରେ ଦେଖାଦେଇଥିବା ପାର୍ଶ୍ୱ ପ୍ରତିକ୍ରିୟା ପ୍ରଥମେ ବାନ୍ତି, ମୁଣ୍ଡ ବୁଲାଇବା ସହ କେହି କେହି ଅଚେତ ହୋଇ ପଡୁଥିଲେ । ତେବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାମୋଦର ପଣ୍ଡା ଏହାକୁ ଗୁରୁତର ଭାବେ ଗ୍ରହଣ କରି ସେମାନଙ୍କୁ ୫ କିମି ଦୂର ଘଟଗାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଯାଇଥିଲା । ମେଡିକାଲରେ ଭର୍ତ୍ତି କରିବା ପରେ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ପ୍ରାୟ ସମସ୍ତଙ୍କୁ ସାଲାଇନ ଲାଗିଥିଲା । ତେବେ ପ୍ରଥମେ ଏହି ସଂଖ୍ୟା ୮ରୁ ୧୦ ପର୍ଯ୍ୟନ୍ତ ବଢ଼ି ବଢ଼ି ୩୦ ପର୍ଯ୍ୟନ୍ତ ସଂଖ୍ୟା



ପହଞ୍ଚିଥିଲା । ଦିନ ୧ ୧ ଘଟିକା ସମୟରେ ଏହି ଘଟଣା ଘଟିଥିବା ବେଳ ଦିନ ୧ ଘଟିକା ମଧ୍ୟରେ ବହୁ ଛାତ୍ର ଛାତ୍ରୀ ଘଟଗାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା । ଅପରାହ୍ନ ୪ଟା ସୁଦ୍ଧା କିଛି ଛାତ୍ରଛାତ୍ରୀ ସୁସ୍ଥ ହୋଇ ଆଶ୍ରମକୁ ଫେରି ଥିବାବେଳେ ଆଉ କିଛି ଛାତ୍ରଛାତ୍ରୀ ଏବେ ବି ଚିକିତ୍ସାଧୀନ ଥିବା ଜଣାଯାଇଛି । ଖବର ପାଇ ଛାତ୍ରଛାତ୍ରୀଙ୍କ ପିତାମାତା ତଥା ଅଭିଭାବକମାନେ ଘଟଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ନିଜ ପିଲାର ସ୍ୱାସ୍ଥ୍ୟବସ୍ଥା ନିଜେ ଦେଖିଥିଲେ । ତେବେ କୁର୍ମି ବାଟିକା ଖାଇ ଗୁରୁତର ହେବା ନେଇ ନାନା କଥା ଏବେ ସମସ୍ତଙ୍କ ମନରେ ଚର୍ଚ୍ଚା ହେଉଛି । କିଏ କହୁଛି ଏହି ବଟିକାର ସମୟ ସୀମା ପୂରିଯାଇଇଛି, ବାଟିକାର କିଛି ତ୍ରୁଟି ଥିଲା କି ଏମିତି ଅନେକ ପ୍ରଶ୍ନ ଅନ୍ୟ ପକ୍ଷରେ ଉକ୍ତ ଆଶ୍ରମ ଉଚ୍ଚ ବିଦ୍ୟାଳୟରେ ୬୦୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଓ ଅନ୍ୟୋ ୧୫୦ ଜଣ ଖାଇଥିବା ବେଳେ ୭୫୦ଜଣ ଛାତ୍ରଛାତ୍ରୀ ଏହି ବଟିକା ଖାଇଥିଲେ । ମାତ୍ର ୨୫ /୩୦ ଜଣଙ୍କ ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା । ଏ ନେଇ ଘଟଗାଁ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ମୁକ୍ତିକାନ୍ତ ନାୟକଙ୍କ ଯୋଗାଯୋଗ କରିବାକୁ ଏଭଳି ଘଟଣା ଘଟିଥାଏ ସାଧାରଣ ତ ଯେଉଁମାନଙ୍କ ପେଟରେ ରାଉଣ୍ଡ ୱାରମ ଥାଏ ସେମାନଙ୍କ ପାଖରେ ଏଭଳି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଏ । କିଛି ସମୟ ପରେ ସ୍ୱାଭାବିକ ହୋଇଯାଏ । ତେବେ ପୂର୍ବରୁ ବହୁବାର କୁର୍ମି ନାଶକ ବଟିକା ଦିଆଯାଇଥିବା ବେଳେ କୁର୍ମି ନାଶକ ଦିବସରେ ଏହି ଅଘଟଣ ଆଶ୍ରମ ସ୍କୁଲ ପାଇ ଦୁଃଖର ଦିନ ବୋଲି କହିଲେ ଭୁଲ ହେବ ନାହିଁ ।

ସୂଚନା ଅନୁଯାଇ ମାନସୀ ମୁଣ୍ଡା, ସୂର୍ଯ୍ୟ ମୁଣ୍ଡା, ଶମ୍ଭୁନାଥ ମୁଣ୍ଡା, ଛୋଟରାୟ ଟୁଡ୍ଡୁ, ଅମିତ ମାଝୀ, ଚାନ୍ଦିନୀ ମୁଣ୍ଡା, ଅମ୍ରିତା ମୁଣ୍ଡା, ମିତାଲି ଭଦ୍ରା, ଅନୁଷା ମୁଦି, ଲିପ୍ସା ମୁଣ୍ଡା, ସ୍ନେହଶ୍ରୀ ନାଏକ, ଭବାନୀ ମୁଦି, ଓମ ମୁଣ୍ଡା, ସଂଜୀବ ମୁଣ୍ଡା, ଅଙ୍କିତ ଗିରି, ଲିପୁନ ଭୂମିଜ, ଆୟେସ କୁମାର ନାଏକ ସମେତ ୩୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଗୁରୁତର ହୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ ।

## ଚିକିତ୍ସା ଅବହେଳାରୁ ଏଚଆଇଭି ପୀଡ଼ିତ ମୃତ

**ଜଳେଶ୍ୱର, ୧୧।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ସରକାର ମାଗଣା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବିଭାଗୀୟ ଅବହେଳାରୁ ଏଚଆଇଭି ପୀଡ଼ିତ ଅସହାୟ ଯୁବକର ଦୁଃଖଦ ମୃତ୍ୟୁ ଘଟିଛି । ଜଳେଶ୍ୱର ପୌରାଞ୍ଚଳବାସୀ ପପୁ ପାଣିଗ୍ରାହୀ(୪୬)ନାମକ ଚାଳକ ଲକ୍ଷ୍ମଣନାଥ ପଞ୍ଚାୟତ, ଗୋପ ଗ୍ରାମରେ ଏଡ଼ସ୍ ରୋଗରେ ଆକ୍ରାନ୍ତ ହୋଇ ଦୟନୀୟ ଅବସ୍ଥାରେ ରହୁଥିଲେ । ପୂର୍ବରୁ ରୋଗ ଚିହ୍ନଟ ପରେ ବାଲେଶ୍ୱରରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ । ଔଷଧ ଓ ଖାଦ୍ୟ ଅଭାବରୁ ମୃତ୍ୟୁ ସହ ଲଢେଇ କରୁଥିବା ବେଳେ ସମାଜସେବୀ ଓ ପ୍ରଶାସନ ଦୁସ୍ଥ ଯୁବକ ନିକଟରେ ପହଞ୍ଚି ସହାୟତା କରିବା ସହିତ ଚିକିତ୍ସା ଲାଗି ବିଭାଗକୁ ସୂଚିତ ମଧ୍ୟ କରିଥିଲେ । ବିଭାଗୀୟ ତତ୍ପରତା ନହେବାରୁ ସମାଜସେବୀ ହରିଶଙ୍କର ପଣ୍ଡା ଓ ବିଡ଼ିଓ ଗୌରଙ୍ଗ ଚରଣ ଘୋଷଙ୍କ ସହଯୋଗରେ ମଙ୍ଗଳବାର ମୁମୂର୍ଷୁ ଯୁବକ ଓ ଜଣେ ମହିଳା ଆକ୍ରାନ୍ତକୁ ଆମ୍ବୁଲାନ୍ସ ଯୋଗେ ବାଲେଶ୍ୱର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ବୁଧବାର ଭୋର ସମୟରେ ଫକୀରମୋହନ ହସ୍ପିଟାଲରେ ପପୁର ଅକାଳ ମୃତ୍ୟୁ ଘଟିଛି । ଆମ୍ବୁଲାନ୍ସ ଯୋଗେ ମୃତ ଶରୀର ଗାଁକୁ ଆଣିବା ଲାଗି ୨୫ଶହ ଟଙ୍କା ସମାଜସେବୀ ହରିଶଙ୍କର ପଣ୍ଡା ସଂଗ୍ରହ କରି ପ୍ରଦାନ କରିଛନ୍ତି । ମାନସ ପତ୍ନୀ ନମିତା ଓ ତାଙ୍କ ପରିବାର ସହଯୋଗରେ ସୁବର୍ଣ୍ଣରେଖା ନଦୀ କୂଳରେ ଶବ ସତ୍କାର ହୋଇଥିବା ବେଳେ ପୁଅ ରତନ ବିନ୍ଧାଣି ମୁଖାଗ୍ନୀ ଦେଇଥିଲେ । ଅନ୍ତେଷ୍ଟିକ୍ରିୟା ଲାଗି ଜରୁରୀ ଅର୍ଥ ଆବଶ୍ୟକ ଥିବାରୁ ସହାୟତା ଲାଗି ସାଧାରଣରେ ନିବେଦନ କରାଯାଇଛି । ଏହା ସହିତ ବସବାସ କରୁଥିବା ଅଞ୍ଚଳରେ ମେଡିକାଲ ଟିମ୍ ପହଞ୍ଚି ସ୍ୱାସ୍ଥ୍ୟ ପରୀକ୍ଷା ସହ ଜୀବାଣୁ ନାଶକ ଛିଞ୍ଚନ କରିବାକୁ ଦାବି ହୋଇଛି ।

## ବିବାହିତା ମହିଳାଙ୍କୁ ନିର୍ଯାତନା

**ବୈଶିଙ୍ଗା, ୧୧।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ତାଳପଦା ଗ୍ରାମର ଜନୈକା ମହିଳାଙ୍କୁ ତାଙ୍କ ଶାଶୁଘର ଲୋକେ ନିର୍ଯାତନା ଦେଇ ଘରୁ ତଡିଦେଇଥିବା ଅଭିଯୋଗ ହୋଇଛି । ମିଳିଥିବା ସୂଚନା ମୁତାବକ ଏହି ଗ୍ରାମର ମଲ୍ଲିକ ଅବଦୁଲ ହୁସେନଙ୍କ ସହିତ ଗୋବିନ୍ଦରାୟପୁର ଗ୍ରାମର ୱସେଦ ଅଲ୍ଲୀଙ୍କ ୨୦ ବର୍ଷିୟା ଝିଅ ରୋଜିନା ଖାତୁନଙ୍କ ବିଭାଘର ସରିବା ପରେ ଉଭୟଙ୍କ ୭ ମାସର କନ୍ୟା ସନ୍ତାନଟିଏ ରହିଛି । ଅବଦୁଲ ହୁସେନଙ୍କୁ ପରିବାର ପ୍ରତିପୋଷଣ ପାଇଁ ଘର ଛାଡ଼ି ବାହାରେ ରହିବାକୁ ପଡ଼ିଥାଏ । ସ୍ୱାମୀଙ୍କ ଅନୁପସ୍ଥିତିରେ ତାଙ୍କ ପ୍ରତି ପରିବାର ଲୋକଙ୍କ ଦୁର୍ବ୍ୟବହାର କାରଣରୁ ରୋଜିନା ଘରୁ ପଳାଇଯାଇ ବାପଘରେ ରହୁଥିଲେ । ତାଙ୍କ ମା' ବୁଝାସୁଝା କରି ରୋଜିନାଙ୍କୁ ଶାଶୁଘରେ ଛାଡ଼ିବାକୁ ଆସିଥିଲେ । ହେଲେ ସେମାନେ ତାଙ୍କୁ ଗ୍ରହଣ ନକରିବା ଯୋଗୁଁ ଉଭୟ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ରୋଜିନା ମା'ଙ୍କ ସହିତ ଫେରି ଆସି ପୋଲିସ ନିକଟରେ ଏହାକୁ ନେଇ ସୋମବାର ଅଭିଯୋଗ କରିଥିଲେ । ପୋଲିସ ପକ୍ଷରୁ ୫୪ ନଂରେ ଏକ ମାମଲା ରୁଜୁ କରାଯାଇଛି । ଅନ୍ୟପକ୍ଷରେ ସ୍ୱାମୀ ଅବଦୁଲ ହୁସେନ ମଧ୍ୟ ସ୍ତ୍ରୀ ରୋଜିନା ତାଙ୍କ ଘରେ ଜବରଦସ୍ତ ପ୍ରବେଶ ଉଦ୍ୟମ କରିଥିବା ଏବଂ ପରିବାର ଲୋକଙ୍କୁ ମାରଧର କରିଥିବା ନେଇ ଏକ ଅଭିଯୋଗ ଦାଖଲ କରିଛନ୍ତି । ଏହାକୁ ନେଇ ପୋଲିସ ପକ୍ଷରୁ ୫୭ ନଂରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି ।

### ପ୍ରାଚୀରୁ ମାଟି ଚୋରି ହେବା ଘଟଣା

## ପୋଲିସ-ମାଟି ମାଫିଆ ସଲାସୂତରାରେ ହେଉଥିଲା ଚୋରି

**ନିଆଳୀ, ୧୧।୨ : ଏକ୍ସପ୍ରେସ୍ ନ୍ୟୁଜ୍**

କଣ୍ଠାପଡା ତହସିଲ ଅଧିନସ୍ତ ଅଡସପୁର ପଞ୍ଚାୟତ ସଳେଇ ଠାରୁ ଅଡସପୁର ଆରଆଇ ଅଫିସ ପଛପଟ ପର୍ଯ୍ୟନ୍ତ ପ୍ରାଚୀ ନଦୀରୁ ମାଟି ଚୋରା ଚାଲାଣ ହେଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଥିଲା । ଏମିତିକି ଏହି ମାଟି ଚୋରି ଉକ୍ତ ଘଟଣାରେ କିଛି ଶାସକ ଦଳର ନେତାଙ୍କ ନାମ ଯୋଡି ଦିଆଯାଉଥିଲା । ଗତ ରବିବାର ୮ ତାରିଖ ରାତିରେ ୪ଟି ହାଇୱା ଓ ଜେସିବି ମେସିନ ସାହାଯ୍ୟରେ ମାଟି ଖୋଳା ଯାଇ ଚୋରା ଚାଲାଣ ହେଉଥିବା ବେଳେ ସ୍ଥାନୀୟ ଲୋକମାନେ ଜେସିବି ଓ ହାଇୱାକୁ ଅଟକାଇ ଓଲଟପୁର ଥାନା ଆଇଆଇସିକୁ ଫୋନ କରିଥିଲେ । ଏମିତିକି ଓଲଟପୁର ପୋଲିସ ମାଟି ଖୋଳା ଯାଇଥିବା ଘଟଣାସ୍ଥଳରେ ପହଞ୍ଚି ଗାଡି ଜବତ କରିବା ବଦଳରେ ହାଇୱା ଗୁଡିକ ଛାଡିଦେଇଥିବା ଅଭିଯୋଗ ହୋଇଛି । ଏମିତିକି ସୋସିଆଲ ମିଡ଼ିଆରେ ମାଟି ଚୋରାଚାଲାଣ କରୁଥିବା ଗାଡି ଓ ତା'ର ନମ୍ବର ଘୁରି ବୁଲୁଥିବା ବେଳେ ପୋଲିସର ଅଡିଓ ଗାଡି ଜବତ ହୋଇଛି । କିନ୍ତୁ କୌଣସି ଗାଡି ଜବତ ହୋଇନଥିବା ବେଳେ ସ୍ଥାନୀୟ ଅଞ୍ଚଳର ଲୋକମାନେ କଣ୍ଠାପଡା ତହସିଲଦାର ଜିଲ୍ଲା ଖଣି ବିଭାଗ, କଟକ ଜିଲ୍ଲା ଗ୍ରାମାଞ୍ଚଳ ଏସପି, କଟକ ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଗ୍ରୀଭାନ୍ସରେ ଗାଡିଗୁଡିକ ଓ ମାଟି ଚୋରା ଚାଲାଣ କରୁଥିବା ଭିଡିଓ ଓ ତଥ୍ୟ ପହଁଚିଛି । ଯାହାଫଳରେ ତଦନ୍ତ ଆରମ୍ଭ ହୋଇଛି । ଏ ନେଇ କଣ୍ଠାପଡା ତହସିଲଦାର ପ୍ରସନ୍ନ କୁମାର ସାମନ୍ତରାୟଙ୍କୁ ପଚାରିବାରୁ ଭିଡିଓ ପାଇଛି, ଜିଲ୍ଲା ଖଣି ବିଭାଗ ଆସିଲେ କେତେ ମାଟି ଖୋଳା ଯାଇଛି ତା' ଉପରେ ଜରିମାନା ଆଦାୟ କରାଯିବ । ସୂଚନାଥାଉ କି ଦୈନନ୍ଦିନ ପ୍ରାଚୀ ନଦୀକୂଳରୁ ଶହ ଶହ ହାଇୱାରେ ମାଟି ଚୋରା ଚାଲାଣ କରାଯାଉଛି । ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଦିନକୁ ଦିନ ବିରୋଧ କରିଛନ୍ତି ।

## ରନ୍ଧା ମଦ ଜବତ

**ବୈଶିଙ୍ଗା, ୧୧।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବେତନଟୀ ଅବକାରୀ ଚଢାଉ ସମୟରେ ବିପୁଳ ପରିମାଣର ପୋଚ ଏବଂ ରନ୍ଧା ମଦ ଜବତ କରାଯାଇ ନଷ୍ଟ କରିଦିଆଯାଇଛି । ବହୁ ଦିନ ଧରି ବଡସାହି ଥାନା ଅନ୍ତର୍ଗତ କମଳାଶୋଳ ଗ୍ରାମର ଅନତି ଦୂରରେ ବେଆଇନ ଦେଶୀ ମଦ ରନ୍ଧା ହେଉଥିବାର ଖବର ପାଇ ଅବକାରୀ ବିଭାଗ ଓ ପୁଲିସର ମିଳିତ ଭାବେ ଚଢ଼ାଉ କରାଯାଇଥିଲା । ଏଥିରେ ୧୧ ହଜାର କିଗ୍ରା ପୋଚ ଏବଂ ଏକ ହଜାର ତିରିଶ ଲିଟର ରନ୍ଧାମଦ ଜବତ କରାଯାଇ ଥିଲା । ଅବକାରୀ ଅଧିକ୍ଷକ ପ୍ରଶାନ୍ତ କହଁର, ବେତନଟୀ ଅବକାରୀ ଥାନାଧିକାରୀ ପ୍ରଦୀପ ବେହେରାଙ୍କ ନେତୃତ୍ୱରେ ଚଢାଉ କରାଯାଇଥିଲା ।

## ପ୍ରାଚୀକୂଳ ପାଲଟିଛି ପୋଡ଼ା ଇଟାଭାଟିର ହବ୍

**ନିଆଳୀ, ୧୧।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଗତ ୪ ତାରିଖ ଦିନ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ପବିତ୍ର ପ୍ରାଚୀ ନଦୀର ଉନ୍ନତିକରଣ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ ବୋଲି ଘୋଷଣା କରିଥିବା ବେଳେ ନିଆଳି ବିଧାୟକ ଛବି ମଲିକ ମଧ୍ୟ ଉପସ୍ଥିତ ରହିଥିଲେ । ଏବେ ପ୍ରାଚୀର ଉନ୍ନତିକରଣରେ ବାଧା ସାଜିଛନ୍ତି ଇଟା ମାଫିଆମାନେ । ଉକ୍ତ ତହସିଲ ଅଧିନସ୍ତ ନୂଆ ଗାଁ କଲେଜ ପାଖରୁ ପ୍ରାଚୀ କୂଳେ କୂଳେ ଏକାଧିକ ଇଟା ପୋଡା ଯାଉଥିବା ଦେଖିବାକୁ ମିଳିଛି । ସତେ ଯେମିତି ଏହି ପୋଡା ଇଟା ଭାଟି ଦେଖିଲେ ଲାଗୁଚି ଇଟାଭାଟିର ହବ । ପୋଡା ଇଟା ପକାଇବା ନିମନ୍ତେ ନଦୀ ପଠାକୁ ଖୋଳି ବାଲି ମାଟି ଚୋରି କରି ନେଉଛନ୍ତି ଇଟା ମାଫିଆ ମାନେ । ଓଡ଼ିଶାର ଉଚ୍ଚତମ ନ୍ୟାୟାଳୟ ପୋଡା ଇଟା ପକାଇବା ବନ୍ଦ କରିବା ନିମନ୍ତେ କଡା ନିର୍ଦ୍ଦେଶନାମା ଦେଇଥିବା ବେଳେ ଏଠାରେ କିନ୍ତୁ ପ୍ରଶାସନ ପାଳନ କରୁନାହାନ୍ତି । ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ଇଟା ମାଫିଆମାନେ ଖୁଲମଖୁଲା ଇଟା ପକାଉଛନ୍ତି । ୭ ଦିନ ମଧ୍ୟରେ ନିଆଳି ତହସିଲଦାର, ଜିଲ୍ଲା ପ୍ରଦୂଷଣ ବିଭାଗ, ଅଗ୍ନିଶମ ବିଭାଗ, ଇଟାଭାଟି ଉପରେ କାର୍ଯ୍ୟାନୁଷ୍ଠାନ ନ ନିଅନ୍ତି ଓଡ଼ିଶାର ଉଚ୍ଚତମ ନ୍ୟାୟାଳୟରେ ତହସିଲଦାର ଓ ରାଜସ୍ୱ ନିରୀକ୍ଷକଙ୍କ ନାମରେ ମାମଲା ରୁଜୁ ହେବ ବୋଲି ଚେତାବନୀ ଦେଇଛନ୍ତି ସମାଜସେବୀ କାଶୀନାଥ ଭୋଇ । ଦରକାର ପଡିଲେ ତହସିଲ କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ବୋଲି କହିଛନ୍ତି । ପ୍ରାଚୀ ନଦୀ କୂଳରେ ବେଆଇନ ଇଟାଭାଟି ଖୋଲିଥିବା ବେଳେ ସେମାନଙ୍କ ଠାରୁ ରାଜସ୍ୱ କର୍ମଚାରୀମାନେ ସରକାରଙ୍କୁ ମାତ୍ର କିଛି ରାଜସ୍ୱ ଦେଇ ମୋଟା ଅଙ୍କର ପିସି ନିଜ ପକେଟରେ ପୁରଉଛନ୍ତି । ହେଲେ ରାଜସ୍ୱ ବିଭାଗ ପୋଡା ଇଟା ଭାଟି ମାଲିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଉ ନାହାନ୍ତି । ଏ ନେଇ ନିଆଳୀ ତହସିଲଦାର ତାରିଣୀ ରଞ୍ଜନ ରାୟଙ୍କୁ ପଚାରିବାରୁ ଜରିମାନା ଆଦାୟ କରାଯାଉଛି । ଦରକାର ପଡିଲେ ଅଗ୍ନିସେବା ବାହିନୀକୁ ଡାକି ବୁଲଡୋଜର ଚଢାଇ ନଷ୍ଟ କରାଯିବ ବୋଲି କହିଛନ୍ତି ।



## ବିଲୁପ୍ତ ହେବାକୁ ଯାଉଛି ଜୁଳୁଜୁଳିଆ ପୋକ

**ବାଙ୍କୀ, ୧୦।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ମେଘ ଅନ୍ଧାର ରାତିରେ ଗାଁ ଗଣ୍ଡାର ରାସ୍ତାରେ ଗଲାବେଳେ ରାସ୍ତାକଡ ଗଛର ପତ୍ରରେ ଜୁଳୁଜୁଳୁଆ ପୋକ ସେଠାରେ ବସି ଆଲୋକ ପ୍ରଦାନ କରନ୍ତି। ଏହାଫଳରେ ରାସ୍ତାରେ ଲୋକମାନେ ଯିବା ଆସିବା କରିବା ପାଇଁ ବାଟ ପାଇଥାନ୍ତି । ବିଶେଷ କରି ଅମାବାସ୍ୟା ରାତିରେ ଆକାଶରେ ତାରା ମେଳି ଓ ଗାଆଁଗଣ୍ଡାର ବିଭିନ୍ନ ଗଛରେ ହଜାର ହଜାର ସଂଖ୍ୟାରେ ଜୁଳୁଜୁଳିଆ ପୋକ ଦପ ଦପ ଆଲୋକ ତାରା ଭଳି ଦେଖାଯାଆନ୍ତି । ଏହି ଜୁଳୁଜୁଳିଆ ପୋକ ପ୍ରକୃତିର ଅନବଦ୍ୟ ସୃଷ୍ଟି । ଗାଁ ଗଣ୍ଡାର ପିଲାମାନେ ଏହାକୁ ଧରି କାଚ ବୋତଲରେ ପୁରାଇ କିଛି ସମୟ ଏମାନଙ୍କର ଆଲୋକ ଉପଭୋଗ କରିବା ପରେ ବାହାରକୁ ଛାଡି ଦିଅନ୍ତି । ଜୁଳୁଜୁଳିଆ ପୋକକୁ ନେଇ ଅନେକ କବି ଗୀତ ଓ କବିତା ଲେଖିଥାନ୍ତି ବୋଲି ବରିଷ୍ଠ ସାହିତ୍ୟିକ ତଥା ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ପ୍ରାଣୀବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ପ୍ରାଧାପକ ମନୋଜ କୁମାର ମହାପାତ୍ର କୁହନ୍ତି । ଜୁଳୁଜୁଳିଆ ପୋକ ପୃଥିବୀରେ ଦୁଇ ହଜାରରୁ ଅଧିକ ପ୍ରଜାତିର ବାସ କରନ୍ତି ଓ ଏହା ଲାମ୍ପାଇରିଡେ ପରିବାରର ବୋଲି ପ୍ରାଧାପକ ମହାପାତ୍ର ପ୍ରକାଶ କରିଛନ୍ତି। ବିଶେଷ କରି ସ୍ତ୍ରୀ ଜୁଳୁଜୁଳିଆ ପୋକ ସେମାନଙ୍କର ଦପଦପ ଆଲୋକ ମାଧ୍ୟମରେ ପୁରୁଷମାନଙ୍କୁ ପ୍ରଲୋଭିତ କରି ସେମାନଙ୍କ ନିକଟକୁ



ଆଣିଥାନ୍ତି ବୋଲି ବୈଜ୍ଞାନିକ କାରଣ ରହିଛି । ବୟସ୍କ ଜୁଳୁଜୁଳିଆ ପୋକ କମ୍ ଆଲୋକ ପ୍ରଦାନ କରିଥିବା ବେଳେ କମ୍ ବୟସର ପୋକ ଅଧିକ ଆଲୋକ ପ୍ରଦାନ କରନ୍ତି। ଜଳବାୟୁ ପରିବର୍ତ୍ତନ, ସହରାଞ୍ଚଳ ସୃଷ୍ଟି, କୀଟନାଶକ ଔଷଧ ପ୍ରୟୋଗ, ଆଲୋକ ପ୍ରଦୂଷଣ ଆଦି କାରଣ ଯୋଗୁଁ ଏମାନଙ୍କର ବଂଶ ଆସ୍ତେ ଆସ୍ତେ ବିଲୁପ୍ତ ହେବାରେ ଲାଗିଛି । ପ୍ରକୃତି ମା'ର ଏହି ଛୋଟ କୀଟକୁ ଏପରି ଭାବରେ ବିଲୁପ୍ତ ହେଲେ ଏହି ପୋକ ଦିନେନା ଦିନେ ଅଦୃଶ୍ୟ ହେବା ସହ ଅତୀତର କାହାଣୀ ହୋଇପାରେ ବୋଲି ବିଶେଷଜ୍ଞମାନେ ।

## ଜିଲ୍ଲାରେ ୩୫୧୪୮ ଚାଷୀ ବିକିଲେଣି ଧାନ, ଅପେକ୍ଷାରେ ୧୦୫୨୫ ଜଣ ଚାଷୀ

**ବୌଦ୍ଧ, ୧୧।୨ : ଏକ୍ସପ୍ରେସ୍ ନ୍ୟୁଜ୍**



ବୌଦ୍ଧ ଜିଲ୍ଲା ଏକ କୃଷି ପ୍ରଧାନ ଜିଲ୍ଲା ହୋଇଥିବା ବେଳେ ଜିଲ୍ଲାରେ ପ୍ରାୟ ୮୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରିଥାନ୍ତି । ଧାନ ଚାଷ ହେଉଛି ସେମାନଙ୍କର ମୁଖ୍ୟ ପେସା । ଜିଲ୍ଲାରେ ପ୍ରଶାସନ ପକ୍ଷରୁ ଗତ ଡିସେମ୍ବର ୧୬ ତାରିଖରେ କଣ୍ଟାମାଳ ବ୍ଲକରେ ଏବଂ ଡିସେମ୍ବର ୨୩ ତାରିଖରେ ବୌଦ୍ଧ ଓ ହରଭଙ୍ଗା ବ୍ଲକରେ ଖରିଫ ଧାନକିଣା ଆରମ୍ଭ ହୋଇଥିଲା । ଜିଲ୍ଲାରେ ଚଳିତ ସିଜିନରେ ୪୫୯୯୧ ଜଣ ଚାଷୀ ପିକରଣ କରିଥିବା ବେଳେ ସେଥିମଧ୍ୟରୁ ୪୫୬୭୩ ଜଣ ଚାଷୀ ଧାନ ବିକ୍ରି କରିବାକୁ ସରକାରୀ ଭାବରେ ଯୋଗ୍ୟ ହୋଇଥିଲେ । ଗତ ସୋମବାର ସୁଦ୍ଧା ୩୫୧୪୮ ଜଣ ଚାଷୀ ଧାନ ବିକ୍ରି କରିସାରିଲେଣି । ୧୯ ଲକ୍ଷ ୨୬ ହଜାର କ୍ୱିଣ୍ଟାଲ ଧାନ କିଣିବାର ଲକ୍ଷଧାର୍ଯ୍ୟ ଥିବାବେଳେ ୧୬ ଲକ୍ଷ ୫ ହଜାର ୫୩୦ କ୍ୱିଣ୍ଟାଲ ଧାନ କିଣା ସରିଛି । ୬୩ ମଣ୍ଡିରେ ଧାନ କିଣା ଚାଲିଥିବା ବେଳେ ସେଥିମଧ୍ୟରୁ ବୌଦ୍ଧ ସହରରେ ଥିବା ମଣ୍ଡି କଣ୍ଟାମା ବ୍ଲକର ନାରାୟଣ ପ୍ରସାଦରେ ଥିବା ମଣ୍ଡିରେ ଧାନକିଣା ସରି ସାରିଛି । ୩ ଲକ୍ଷ ୨୦ ହଜାର ଧାନ କିଣିବାକୁ ବାକି ରହିଛି । ବିଭାଗ ପକ୍ଷରୁ ଆଉ ଅଧିକ ଧାନ କିଣିବାକୁ ସରକାରଙ୍କୁ ପତ୍ର ଲେଖାଯାଇଛି । ଆଜିବି ଅନେକ ଚାଷୀଙ୍କ ପାଖକୁ ଟୋକନ ପହଞ୍ଚି ପାରିନଥିବାର ଅଭିଯୋଗ ହେଉଛି ।ଆଉ ୧୦ ହଜାର ୫୨୫ ଜଣ ଚାଷୀ ଧାନ ବିକ୍ରି କରିବାକୁ ବାକି ରହିଛନ୍ତି । ହେଲେ ଏବେବି ଅନେକ ମଣ୍ଡିରେ ଶହ ଶହ ବସ୍ତା ପଡିରହିଛି । ଏଫଏକ୍ୟୁ ମାନର ଧାନର ମୂଲ୍ୟ ୩୧ ଶହ ଟଙ୍କା ରହିଛି । ଚାଷୀ ଟୋକନ ଆସିନ ଥିବାରୁ ଶୀତକାକରରେ ମଣ୍ଡି ଆଗରେ ପଡିରହିଛନ୍ତି । ସେପଟେ ମଣ୍ଡିଗୁଡିକରେ କଟନୀ ଛଟନୀ ହେଉଥିବାର ଅଭିଯୋଗ ହେଉଛି । ସରକାର ମଣ୍ଡିରେ କଟନୀ ଛଟନୀ ହେବନାହିଁ ବୋଲି କହିଥିଲେ । ହେଲେ ଜିଲ୍ଲାର ବିଭିନ୍ନ ମଣ୍ଡିରେ କଟନୀ ଛଟନୀ ଲାଗି ରହିଛି । ଯାହାଫଳରେ ଚାଷୀ ମଣ୍ଡିରେ ରହିଥିବା ସମସ୍ୟା ଠିକ ସମୟରେ ଧାନ ବିକ୍ରି କରି ପାରିନଥିବାରୁ ବାଧ ହୋଇ ଚାଷୀ ଶେଷରେ ଦଲାଲ ହାତରେ ୧୮ ଶହରୁ ୧୯ ଟଙ୍କା ମଧ୍ୟରେ ଧାନ ବିକ୍ରି କରିବାକୁ ବାଧ ହେଉଛି । ଏଠାରେ ଚାଷୀ ଦଲାଲଙ୍କ ଦ୍ୱାରା ଶୋଷିତ ହେଉଛି । ସରକାର ଅନ୍ନଦାତାଙ୍କ ସମସ୍ୟାକୁ ଦୂର କରିବା ସହିତ ସେମାନଙ୍କ ଧାନକୁ କଟନି ଛଟନି ନକରିବାକୁ ବୁଦ୍ଧିଜୀବୀ ମହଲରେ ଦାବିହେଉଛି ।

ଅନ୍‌ଲାଇନ୍ ଏବଂ କ୍ୟାସଲେସ୍ ନେଣଦେଣ ଲୋକଙ୍କ ସୁବିଧା ପାଇଁ କରାଯାଇଛି, କିନ୍ତୁ ସାଇବର ଅପରାଧୀମାନେ ଏହାକୁ ଲୁଟ୍‌ର ମାଧ୍ୟମ କରିଛନ୍ତି । ଆମ ସାଇବର ପୋଲିସମାନଙ୍କଠାରୁ ସେମାନେ ଅଧିକ ବିଚକ୍ଷଣ। ସେମାନେ ମଧ୍ୟ ବିଜ୍ଞାନକୁ କାମରେ ଲଗାଉଛନ୍ତି ଏବଂ ଏହା ଉପରେ ପରୀକ୍ଷା ନିରୀକ୍ଷା ଚଳାଇଛନ୍ତି, କେମିତି ଲୁଟ୍ କରିହେବ ସେଇ ଉଦ୍ଦେଶ୍ୟ । ତେଣୁ ଏଆଇ ବା କୃତ୍ରିମ ବୁଦ୍ଧିମତାକୁ କାମରେ ଲଗାଇ ଅନେକ ଭଲକାମ କରିହେବ । ଜୀବନ ସହଜ ହୋଇପାରିବ । କିନ୍ତୁ ଏହାର ଅପବ୍ୟବହାର ଅଧିକ ହେଉଛି । ଖଳପ୍ରକୃତିର ଲୋକମାନେ ଯାହାକୁ ପାରୁଛନ୍ତି ନଗ୍ନ କରିପାରୁଛନ୍ତି ଏଆଇର ସାହାଯ୍ୟ ନେଇ । କ୍ଷୀଣ ପୋଷାକ ମଧ୍ୟ ପିନ୍ଧାଇ ପାରୁଛନ୍ତି ସଂସ୍କାରୀ ମଣିଷକୁ । ତେଣୁ ଏସବୁକୁ କିଭଳି ରୋକାଯାଇପାରିବ ଏବଂ ଏହାର ଉତ୍ତମ ପ୍ରୟୋଗ କରାଯାଇପାରିବ ସେଇଟା ହିଁ ଏବେ ଚିନ୍ତାର ବିଷୟ ପାଲଟିଛି ।


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୧୨ ଫେବୃଆରୀ, ୨୦୨୬ | ଗୁରୁବାର


## ଓଡ଼ିଶା ଏକ୍ସପ୍ରେସ୍

## ସର୍ବଜନ ହିତାୟ-ସର୍ବଜନ ସୁଖାୟ

**ଫେ**ବୃଆରୀ ୧୬ରୁ ୨୦ ତାରିଖ ଯାଏଁ ଦିଲ୍ଲୀରେ 'ଏଆଇ ଇମ୍ପାକ୍ଟ ସମିଟି' ବା ଓଡ଼ିଆରେ କହିଲେ 'କୃତ୍ରିମ ବୃଦ୍ଧିମତା ସମ୍ମିଳନୀ' ଅନୁଷ୍ଠିତ ହେବାକୁ ଯାଉଛି । ଯେଉଁମାନେ ଦିଲ୍ଲୀ ଯାଇନପାରିବେ ସେମାନେ କାର୍ଯ୍ୟକ୍ରମର ସିଧା ପ୍ରସାରଣ ମଧ୍ୟ ଦେଖିପାରିବେ ଦୂରଦର୍ଶନରେ । ଏହାଛଡ଼ା ଆଜିକାଲି ତ ସବୁ ଉପଲବ୍ଧ ହେଲାଣି ସ୍ମାର୍ଟଫୋନ୍‌ରେ, ଇଣ୍ଟରନେଟ୍ ଜରିଆରେ । ବିଜ୍ଞାନ ପ୍ରଯୁକ୍ତିର ଏହା କମାଲ କହିଲେ ଅତ୍ୟୁକ୍ତି ହେବନାହିଁ । ଏବେ ଏକପାଦ କାହିଁକି, ଅନେକ ପାଦ ଆଗେଇ ଯାଇ ବିଜ୍ଞାନ ଜନ୍ମ ଦେଇଛି– ଏଆଇ ଭଳି ଏକ ଭସ୍ମାସୁରକୁ । ଯାହାର ପ୍ରୟୋଗ ଅନେକ ସମସ୍ୟା ସୃଷ୍ଟି କଲାଣି । ତେଣୁ ବିଜ୍ଞାନର ଏ ଉଦ୍ଭାବନକୁ କିଭଳି ଲୋକଙ୍କ କଲ୍ୟାଣରେ ଲଗାଯାଇପାରିବ ତାରି ଉପରେ ବୋଧେ ଏ ସମ୍ମିଳନୀରେ ଦିଗ୍ଗଜ ବିଜ୍ଞାନୀମାନେ ସେମାନଙ୍କ ମତ ରଖିବେ । ଯେଉଁମାନେ ଏହାର ଉଦ୍ଭାବନ କରିଛନ୍ତି ବା ଭସ୍ମାସୁର ତିଆରି କରିଛନ୍ତି ସେମାନଙ୍କ ପାଖରେ ହିଁ ଏହାର ନକରାତ୍ମକ ପ୍ରୟୋଗକୁ କିଭଳି ରୋକାଯାଇପାରିବ ତା'ର ମନ୍ତ୍ର ନିଶ୍ଚିତ ଭାବରେ ଥିବ । ନହେଲେ ଭସ୍ମାସୁର ଶିବଙ୍କ ମୁଣ୍ଡରେ ହାତ ରଖିବାକୁ ଉଦ୍ୟମ କଲାଭଳି ଅବସ୍ଥା ହେବ ।

ଶିବ ଭସ୍ମାସୁରର ତପସ୍ୟାରେ ପ୍ରିତ ହୋଇ ବର ଦେଇଥିଲେ– ସିଏ ଯାହା ମୁଣ୍ଡରେ ହାତ ରଖିବ ସିଏ ଭସ୍ମ ହୋଇଯିବ । ଭସ୍ମାସୁର ଏ ବରର ପରୀକ୍ଷା ପାଇଁ ପାଇଁ ଶିବଙ୍କ ମୁଣ୍ଡରେ ମଧ୍ୟ ହାତ ରଖିବାକୁ ଉଦ୍ୟମ କରିଥିଲା । ଏକଥା ଆପଣମାନେ ଜାଣିଥିବେ ନିଶ୍ଚୟ। ଏବେ ଏଆଇ ଭସ୍ମାସୁର ପାଲଟିବାକୁ ଆରମ୍ଭ କରିଛି । ତେଣୁ ତାକୁ କିଭଳି ଆୟତ୍ତ କରାଯାଇପାରିବ ସେଇଟା ହିଁ ମୂଳ ପ୍ରଶ୍ନ । ଏଆଇ ବିଭିନ୍ନ ପ୍ରକାର ସାମାଜିକ ସମସ୍ୟା ସୃଷ୍ଟି କଲାଣି ।

ଦିଲ୍ଲୀଠାରେ ଆୟୋଜିତ ହେବାକୁ ଥିବା ଏଆଇର ପ୍ରଭାବ ଉପରେ ଯେଉଁ ସମ୍ମିଳନୀ ଆୟୋଜନ କରାଯାଇଛି ତା'ର ଟ୍ୟାଗ୍ ଲାଇନ୍ ବା ସ୍ଲୋଗାନ ରହିଛି, ସର୍ବଜନ ହିତାୟ– ସର୍ବଜନ ସୁଖାୟ । ସମସ୍ତଙ୍କ ହିତ ପାଇଁ ଏବଂ ସମସ୍ତଙ୍କ ସୁଖ ପାଇଁ ।

ବିଜ୍ଞାନ ପ୍ରଯୁକ୍ତି ଆମକୁ ଅନେକ ଅୟସଆରାମ ଦେଇଛି ଏଥିରେ ସାମାନ୍ୟତମ ସନ୍ଦେହ ନାହିଁ । ପ୍ରତି ମୁହୂର୍ତ୍ତରେ ଆମେ ଏସବୁର ବ୍ୟବହାର କରୁଛେ । କିନ୍ତୁ ଏସବୁର ବ୍ୟବହାର ଏବଂ ପ୍ରୟୋଗ ବେଳେବେଳେ ଆମ ପାଇଁ ବିପଦ ମଧ୍ୟ ଆଣି ଦେଉଛି । ବିଜ୍ଞାନ ଆମକୁ ଏତେ ଅୟସୀ କରିଦେଇଛି ଯେ ଆମେ କର୍ମକୁଣ୍ଠ ହୋଇପଡୁଛେ । ଶାରୀରିକ ପରିଶ୍ରମର ଅଭାବ ଅନେକ ରୋଗକୁ ଡାକି ଆଣୁଛି । ଶରୀର ରକ୍ତ ସର୍କରା ବୃଦ୍ଧି ଶ୍ରମର ଅଭାବ ପାଇଁ ହେଉଛି ବୋଲି ଡାକ୍ତରମାନେ ମତ ଦେଉଛନ୍ତି, ତେଣୁ ସକାଳୁ ଉଠି ୩–୪ କିଲୋମିଟର ଚାଲିବାର ପରାମର୍ଶ ଦେଉଛନ୍ତି ସେମାନେ । ଆମେ ରୋଗକୁ ଭୟ କରି ସକାଳୁ ଉଠି ଚାଲୁଛେ ସତ କିନ୍ତୁ ପୁଣି ଅଫିସ୍ ଯିବା ପାଇଁ ବାଇକ୍ କିମ୍ବା କାର୍ ବ୍ୟବହାର କରିବାକୁ ପସନ୍ଦ କରୁଛେ । ପାଦଚଲା ଦୂରତା ପାଇଁ ବାଇକ୍ କିମ୍ବା କାର୍ ନନେଇ ଆମେ ଯଦି ଚାଲିଚାଲି କିମ୍ବା ସାଇକେଲ ବ୍ୟବହାର କରନ୍ତେ ତା'ହେହେଲ ବୋଧେ ଆମକୁ ଆଉ ବଡ଼ିଭୋରୁ ଉଠି ଚାଲିବାକୁ ପଡ଼ନ୍ତାନି । ସବୁବେଳେ ଶୀତତାପ ନିୟନ୍ତ୍ରିତ ଘରେ ରହିବା ପରେ ମଧ୍ୟ ବିଭିନ୍ନ ରୋଗ ଆମକୁ କବଳିତ କରୁଛି । ଆମେ ସାମାନ୍ୟ ଗରମ ସହିପାରୁନେ । ଶରୀର ସନ୍ତୁଳନ ବଜାୟ ରଖିପାରୁନାହିଁ ପରିବେଶ ସହିତ । ବିଜ୍ଞାନ କ'ଣ କହିଛି, ତା'ର ପ୍ରୟୋଗରେ ସଂଯମୀ ଏବଂ ସତର୍କ ନହେବା ପାଇଁ? ଡିନାମାଇଟ୍ ବିସ୍ଫୋରଣରେ ମଣିଷର ମୃତ୍ୟୁ ମଧ୍ୟ ହୋଇପାରେ । କିନ୍ତୁ ଡିନାମାଇଟ୍‌ର ଉଦ୍ଭାବନ କ'ଣ ମଣିଷ ମାରିବା ପାଇଁ ଆଲ୍‌ଫ୍ରେଡ ନୋବେଲ କରିଥିଲେ? ସିଏ ମଧ୍ୟ ଶାନ୍ତିର ପୂଜାରୀ ଥିଲେ, ତେଣୁ ଶାନ୍ତି ପାଇଁ ମଧ୍ୟ ନୋବେଲ ପୁରସ୍କାର ରହିଛି, ଆଲ୍‌ଫ୍ରେଡ୍ ନୋବେଲଙ୍କ ନାମରେ । ଯିଏ ଡିନାମାଇଟ୍ ଭଳି ଭୟଙ୍କର ବିସ୍ଫୋରକର ଉଦ୍ଭାବକ ।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ଆମେ ବିଜ୍ଞାନର ଉଦ୍ଭାବନକୁ କେଉଁ ବାଟରେ ଲଗାଉଛେ । ଲୋକଙ୍କ ହିତ ଏବଂ ସୁଖ ପାଇଁ ଏହାର ବ୍ୟବହାର ହେବା ଉଚିତ୍ । କିନ୍ତୁ ଏହାର ଅପବ୍ୟବହାର ମଣିଷକୁ ସୁଖ ଦେବା ବଦଳରେ ଯନ୍ତ୍ରଣା ଦେଉଛି ଏବଂ ମୁଣ୍ଡବ୍ୟଥାର କାରଣ ପାଲଟୁଛି ।

ଅନ୍‌ଲାଇନ୍ ଏବଂ କ୍ୟାସଲେସ୍ ନେଣଦେଣ ଲୋକଙ୍କ ସୁବିଧା ପାଇଁ କରାଯାଇଛି, କିନ୍ତୁ ସାଇବର ଅପରାଧୀମାନେ ଏହାକୁ ଲୁଟ୍‌ର ମାଧ୍ୟମ କରିଛନ୍ତି । ଆମ ସାଇବର ପୋଲିସମାନଙ୍କଠାରୁ ସେମାନେ ଅଧିକ ବିଚକ୍ଷଣ। ସେମାନେ ମଧ୍ୟ ବିଜ୍ଞାନକୁ କାମରେ ଲଗାଉଛନ୍ତି ଏବଂ ଏହା ଉପରେ ପରୀକ୍ଷା ନିରୀକ୍ଷା ଚଳାଇଛନ୍ତି, କେମିତି ଲୁଟ୍ କରିହେବ ସେଇ ଉଦ୍ଦେଶ୍ୟ । ତେଣୁ ଏଆଇ ବା କୃତ୍ରିମ ବୁଦ୍ଧିମତାକୁ କାମରେ ଲଗାଇ ଅନେକ ଭଲକାମ କରିହେବ । ଜୀବନ ସହଜ ହୋଇପାରିବ । କିନ୍ତୁ ଏହାର ଅପବ୍ୟବହାର ଅଧିକ ହେଉଛି । ଖଳପ୍ରକୃତିର ଲୋକମାନେ ଯାହାକୁ ପାରୁଛନ୍ତି ନଗ୍ନ କରିପାରୁଛନ୍ତି ଏଆଇର ସାହାଯ୍ୟ ନେଇ । କ୍ଷୀଣ ପୋଷାକ ମଧ୍ୟ ପିନ୍ଧାଇ ପାରୁଛନ୍ତି ସଂସ୍କାରୀ ମଣିଷକୁ । ତେଣୁ ଏସବୁକୁ କିଭଳି ରୋକାଯାଇପାରିବ ଏବଂ ଏହାର ଉତ୍ତମ ପ୍ରୟୋଗ କରାଯାଇପାରିବ ସେଇଟା ହିଁ ଏବେ ଚିନ୍ତାର ବିଷୟ ପାଲଟିଛି । ଏଆଇ ଇମ୍ପାକ୍ଟ ସମିଟି ନିଶ୍ଚିତ ଭାବେ ଏ ଦିଗରେ ଲୋକଙ୍କୁ ସୁରକ୍ଷା ଦେଇପାରିବ ବୋଲି ଆଶା ।

# କିଛି ମିଳୁବା ନ ମିଳୁ...

### ସତ କହିବାକୁ କିଆଁ ଡରିବି

**ଅମ୍ବିକା ପ୍ରସାଦ ଦାସ**

**ତାଙ୍କର ସ୍ୱର୍ଗବାସ ହେବାର ଢେରଦିନ ହେଲାଣି । କାହାରିକୁ ଆଘାତ ଦେବାର ଉଦ୍ଦେଶ୍ୟ ନଥିବାରୁ ଏଠି ତାଙ୍କ ପରିଚୟ ଗୋପନ ରଖିଛି । କିନ୍ତୁ ବ୍ୟସ୍ତ ଲାଗେ ତାଙ୍କ ଜୀବନର ଶେଷ କେତେବର୍ଷର କାର୍ଯ୍ୟଶୈଳୀକୁ ଅନୁଶୀଳନ କଲେ । କେବଳ ଦୁର୍ଜନଙ୍କ ପ୍ରଭାବ ଓ ସେମାନଙ୍କ କୁପରାମର୍ଶ କାରଣରୁ ସେ ଶେଷ ଆଡକୁ ପତନୋନ୍ମୁଖୀ ହେଲେ । ବିଶ୍ୱାସ ଭାଙ୍ଗିଥିବା କାରଣରୁ ଉପରେ ଆସ୍ଥା ହରାଇଲେ ।**

ବିଶ୍ୱାସ ଭାଙ୍ଗିଲେ ବିପତ୍ତି ଥୟ, ଏକଥା ଜାଣି ମଧ୍ୟ ମଣିଷ ବାଟହୁଡ଼େ କାହିଁକି? ଅନେକଙ୍କ ମନରେ ଏଇ ପ୍ରଶ୍ନ ଉଠେ । ସେଦିନ ଏମିତି ପ୍ରଶ୍ନ କରିଥିଲେ ଜଣେ ପ୍ରିୟଜନ ।

ମୁଁ କହିଲି– ମଣିଷ ବୁଝି ବି ବେଳେବେଳେ ଭୁଲ୍ ରାସ୍ତା ଆପଣାଏ। ସେଥିଲାଗି କୁହାଯାଇଛି– 'ଦୁର୍ଜନ ସଙ୍ଗେ କଲେ ବାସ, ଅବଶ୍ୟ ହେବ ସକଳ ନାଶ'। 'ସୁକର୍ମେ ସାଧୁସଙ୍ଗ ପାଇ, କୁକର୍ମେ ଅସାଧୁ ମିଳଇ'।

ଏଇକ୍ରମରେ ମନେପଡୁଥିଲା ଜଣେ ଚର୍ଚ୍ଚିତ ନେତାଙ୍କ ଜୀବନର ଶେଷ ଦୁଇ ଦଶନ୍ଧିର କଥା। ୮୦ଦଶକରୁ ତାଙ୍କୁ ଭଲଭାବେ ଜାଣିବାର ସୁଯୋଗ ମିଳିଥିଲା । ତାଙ୍କ ବ୍ୟକ୍ତିତ୍ୱ ଅନେକଙ୍କୁ ଆକର୍ଷିତ କରିଥିଲା ସେତେବେଳେ । ସେ ତାଙ୍କ ଜୀବଦ୍ଦଶାରେ ତିନିଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ସତୁରି ଦଶକରେ ଥରେ, ଅଶୀ ଦଶକରେ ଥରେ ଓ ଅନ୍ତିମଥର ଲାଗି ନବେ ଦଶକର ଶେଷଭାଗରେ ବିଧାନସଭାକୁ ଯାଇଥିଲେ ସେ । ତାଙ୍କର ସ୍ପଷ୍ଟବାଦିତା ଓ ଅନ୍ୟମାନଙ୍କ ତୁଳନାରେ ତାଙ୍କ କାର୍ଯ୍ୟଧାରାରେ ସ୍ୱଚ୍ଛତା ଦେଖି ତାଙ୍କୁ ଦଳ ଭିତରେ ଓ ବାହାରେ ସମର୍ଥନ ମିଳୁଥିଲା । ଦଳ ଉଚ୍ଚ କର୍ତ୍ତୃପକ୍ଷଙ୍କ ପାଖରେ ବି ତାଙ୍କର ବେଶ୍ କାଟ୍‌ତି ଥିଲା। ଯେଉଁ କାରଣରୁ ରାଜ୍ୟରେ ନିଜ ଦଳର ମୁଖିଆଙ୍କୁ ଦିଲ୍ଲୀ ଦରବାରରେ ଟକ୍କର ଦେଇପାରୁଥିଲେ ସେ। ୨୦୦୦ ମସିହାରେ ମନ୍ତ୍ରୀ ଥିବା ସତ୍ତ୍ୱେ ଦଳୀୟ ଟିକେଟରୁ ସେ ବଞ୍ଚିତ ହେଲେ । କିନ୍ତୁ ଦିଲ୍ଲୀ ଦରବାରର ଦୃଷ୍ଟିକୁ ନେବା ପରେ ତାଙ୍କୁ ସ୍ୱତନ୍ତ୍ର ଭାବେ ଦଳୀୟ ଟିକେଟ୍ ମିଳିବାର ବ୍ୟବସ୍ଥା କରାଯାଇଥିଲା । ଏହି ନିର୍ବାଚନରେ ଯଦିଓ ସେ ବିଜୟର ସ୍ୱାଦ ଚାଖିପାରିନଥିଲେ ତଥାପି ତାଙ୍କୁ ବେଶ୍ ଗୁରୁତ୍ୱ ଦିଆଯାଉଥିଲା ଉପରସ୍ତରରେ ।

ହେଲେ ୨୦୦୪ରେ ସବୁ ଗଡ଼ବଡ଼ ହୋଇଗଲା । ଦୁର୍ଜନଙ୍କ କୁପରାମର୍ଶ କାଳ ହେଲା ତାଙ୍କ ପାଇଁ। ରାଜନୈତିକ ବାଧ୍ୟବାଧକତା କାରଣରୁ ଦଳର ଉଚ୍ଚକର୍ତ୍ତୃପକ୍ଷ ୨୦୦୪ ନିର୍ବାଚନରେ ତାଙ୍କୁ ଦଳୀୟ ଟିକେଟ୍ ଦେଇପାରିନଥିଲେ ବି ସେ ଦଳ ଓ ହାଇକମାଣ୍ଡଙ୍କ ଗୁଡ୍‌ବୁକ୍‌ରେ ଥିବାରୁ ତାଙ୍କୁ ସମ୍ମାନ ସ୍ୱରୂପ ଦଳର ରାଜ୍ୟ ମୁଖିଆ ତତ୍ତୁଲ୍ୟ ପ୍ରଚାର କମିଟି ମୁଖ୍ୟ ପଦବୀରେ ଅବସ୍ଥାପିତ କରାଯାଇଥିଲା । ଏକଥା ବି କୁହାଯାଇଥିଲା ଯେ ଯଦି ନିର୍ବାଚନରେ ବିଧାନସଭାରେ ଦଳକୁ ସଂଖ୍ୟା ମିଳେ ତେବେ ତାଙ୍କୁ ରାଜ୍ୟସଭାକୁ ଯିବାର ବ୍ୟବସ୍ଥା କରାଯିବ । ଏସବୁ ସତ୍ତ୍ୱେ ତାଙ୍କୁ ଘେରି ରହିଥିବା ଦୁର୍ଜନ କୁପରାମର୍ଶ ଦେଲେ । ସେମାନେ ପ୍ରବର୍ତ୍ତାଇଲେ– ସାର୍, ଆପଣଙ୍କୁ ତ ଟିକେଟ୍ ମିଳିଲାନି, ଯାହାଙ୍କୁ ଟିକେଟ୍ ମିଳିଛି ସେମାନଙ୍କୁ ପାରୁପର୍ଯ୍ୟନ୍ତ ହରାଇବା !!

ତୋଷାମୋଦକାରୀ, ଚାଟୁକାରକଙ୍କର ଏତେ ଶକ୍ତି ଥାଏ ଯେ ଭଲ ଲୋକ ମଧ୍ୟ ଭୁଲ୍ ରାସ୍ତାରେ ଯାଏ । ଏଥିସହିତ ସେମାନଙ୍କ ପ୍ରଭାବରେ ହିତାହିତ ଜ୍ଞାନ ବି ଭୁଲିଯାଏ ସେ । ଯାହା ଘଟିଥିଲା ସେଇ ବ୍ୟକ୍ତିଙ୍କ କ୍ଷେତ୍ରରେ ସେତେବେଳେ । ହାଇକମାଣ୍ଡଙ୍କ ସମ୍ମାନଜନକ ଥଇଥାନ ଓ ଭବିଷ୍ୟତ ଲାଗି ଦୃଢ଼ ପ୍ରତିଶ୍ରୁତି ସତ୍ତ୍ୱେ ସେ କୁପରାମର୍ଶରେ ବାଟ ହୁଡ଼ିଲେ । ରିପୋର୍ଟ ଗଲା ହାଇକମାଣ୍ଡଙ୍କ ପାଖକୁ । କୁହାଗଲା– ଯାହାଙ୍କୁ ଆପଣ ପ୍ରଚାର ମୁଖ୍ୟ କଲେ ସେ ଦଳ ପ୍ରାର୍ଥୀଙ୍କୁ ତ ସାହାଯ୍ୟ କଲେନି ବରଂ ଭିତରେ ଭିତରେ ବିରୋଧ କରିବାର କୌଣସି ସୁଯୋଗ ଛାଡ଼ିଲେନି ।

ବିଶ୍ୱାସ ଭାଙ୍ଗିଥିବାରୁ ଭୀଷଣ କ୍ଷୁବ୍ଧ ହେଲେ ହାଇକମାଣ୍ଡ ।

ନିର୍ବାଚନ ସରିଲା, ଶାସନ ପାଇଁ ଯଦିଓ ଦଳକୁ ଆସନ ମିଳିଲାନି ତଥାପି ରାଜ୍ୟସଭା ଲାଗି ଆଶାନୁରୂପ ଆସନ ମିଳିଲା ଦଳକୁ ।

ବାବୁ ଗଲେ ଦିଲ୍ଲୀ ଦରବାରକୁ । ସପ୍ତାହେ, ଦି' ସପ୍ତାହେ, ତିନି ସପ୍ତାହେ ବି ଅପେକ୍ଷା କଲେ, କିନ୍ତୁ ହାଇକମାଣ୍ଡଙ୍କୁ ଦେଖା କରିବା ସମ୍ଭବ ହେଲାନି ତାଙ୍କ ପାଇଁ । ପୂର୍ବରୁ ଯେବେବି ସେ ଯାଇଛନ୍ତି ତାଙ୍କୁ ତୁରନ୍ତ ସାକ୍ଷାତର ସୁଯୋଗ ମିଳିଛି । ଆଶାନୁରୂପ ଫଳ ବି ମିଳିଥିଲା ତାଙ୍କୁ । କିନ୍ତୁ ୨୦୦୪ ପରେ ସବୁକିଛି ଓଲଟପାଲଟ ହୋଇଗଲା । ନଈରେ ହଜାଇ ପୋଖରୀରେ ଖୋଜିଲା ଭଳି ପ୍ରଚାର ମୁଖିଆର ଦାୟିତ୍ୱ ସଠିକ୍ ଭାବେ କରିନପାରି କେବଳ ରାଜ୍ୟସଭାକୁ ଯିବାର ପ୍ରତିଶ୍ରୁତି ମନେପକାଇ ଯେତେ ଚିଠି ଲେଖିଲେ ବି ଆଉ ଉତ୍ତର ଆସିଲାନି ଉପରୁ । ଏପରିକି ୨୦୦୪ରୁ ଦେଢ଼ ଦଶନ୍ଧି ଧରି ବହୁବାର ଚେଷ୍ଟା ସତ୍ତ୍ୱେ ଆଉ ଦେଖା କରିପାରିଲେନି ହାଇକମାଣ୍ଡଙ୍କୁ ସେ । ତା'ର ଏକମାତ୍ର କାରଣ ଥିଲା– ବିଶ୍ୱାସ ଭଙ୍ଗ ।

ସ୍ୱଭାବତଃ ସେ ପୂର୍ବରୁ ସେପରି ନଥିଲେ । ଜବାବ ଦେଲେ ରଖୁଥିଲେ। କାର୍ଯ୍ୟଧାରାରେ ବି ଅନେକାଂଶରେ ସ୍ୱଚ୍ଛତା ଥିଲା । ଉପରକୁ ଟାଣ ଦେଖାଯାଉଥିଲେ ବି ଭିତରେ ବେଶ୍ ଉଦାର ଥିଲେ ସେ। କିନ୍ତୁ କାଳକ୍ରମେ ସେ ତୋଷାମୋଦିଆଙ୍କ ମାୟାଜାଲରେ ଏପରି ଛନ୍ଦି ହୋଇଗଲେ ଯେ ଭଲ–ଭେଲର ଫରକ ବୁଝିପାରିଲେନି । ଗୋଟିକ ପରେ ଗୋଟିଏ ଭୁଲ୍ କରିଚାଲିଲେ ସେ । ସେ ଯେଉଁ ବ୍ୟକ୍ତିତ୍ୱ ଯୋଗୁଁ ଶ୍ରଦ୍ଧାଭାଜନ ହେବା ସହିତ ସମ୍ମାନର ପାତ୍ର ହୋଇଥିଲେ ସେଇ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ବେଳକୁ ବେଳ ବିବାଦୀୟ ହୋଇପଡ଼ିଲା ।

ଭିତରେ ଗୋଡ଼ ମୋଡୁଥିବା ଲୋକ ବାହାରେ ଆସି ହାକିମାତି କଲା। ଲୋକଙ୍କୁ ଠକି ପକେଟ ଭରୁଥିବା ଲୋକ ମିଠା ମିଠା କଥା କହି ତାଙ୍କୁ ଭୁଲ୍ ମାର୍ଗରେ ନେଇଗଲେ।

ଦିନକର ଘଟଣା। ଏକ କାମରେ ଆମ ଘରକୁ ଆସିଥାନ୍ତି ସେ । ଇପ୍‌ସିତ କାର୍ଯ୍ୟ ସରିବା ପରେ ବାଟେଇଦେବାକୁ ଗଲି ମୁଁ। ପଚାରିଲି– ଆପଣ ଅମୁକ ଅମୁକ ଅସାଧୁ ଲୋକଙ୍କ ମେଳରେ ରହୁଛନ୍ତି, ଠିକ୍ ବାର୍ତ୍ତା ଯାଉନି ବାହାରକୁ?

ମୋ' ଆଡ଼କୁ ଚାହିଁଲେ ସେ । ହସ ହସ ମୁହଁରେ କହିଲେ– ଭଲ ଲୋକ କ'ଣ ମିଳୁଛନ୍ତି?

ମୁଁ ଆଉ କିଛି କହିନଥିଲି ସେଦିନ ।

ତାଙ୍କର ସ୍ୱର୍ଗବାସ ହେବାର ଢେରଦିନ ହେଲାଣି । କାହାରିକୁ ଆଘାତ ଦେବାର ଉଦ୍ଦେଶ୍ୟ ନଥିବାରୁ ଏଠି ତାଙ୍କ ପରିଚୟ ଗୋପନ ରଖିଛି । କିନ୍ତୁ ବ୍ୟସ୍ତ ଲାଗେ ତାଙ୍କ ଜୀବନର ଶେଷ କେତେବର୍ଷର କାର୍ଯ୍ୟଶୈଳୀକୁ ଅନୁଶୀଳନ କଲେ । କେବଳ ଦୁର୍ଜନଙ୍କ ପ୍ରଭାବ ଓ ସେମାନଙ୍କ କୁପରାମର୍ଶ କାରଣରୁ ସେ ଶେଷ ଆଡକୁ ପତନୋନ୍ମୁଖୀ ହେଲେ । ବିଶ୍ୱାସ ଭାଙ୍ଗିଥିବା କାରଣରୁ ଉପରେ ଆସ୍ଥା ହରାଇଲେ ।

ତେଣୁ ଏଥିରୁ ଏତିକି ଅନ୍ତତଃ ବୁଝାପଡ଼େ, କିଛି ମିଳୁ ବା ନମିଳୁ କେହି କାହାର ବିଶ୍ୱାସ ଭାଙ୍ଗିବା ଅନୁଚିତ୍ । ପ୍ରତିଷ୍ଠିତ ଲୋକଙ୍କ ଚାରିପାଖେ ଦୁର୍ଜନ ଓ ତୋଷାମୋଦକାରୀ ଘେରି ରହିବା ସ୍ୱଭାବିକ । ତେବେ ନିଜ ବିବେକର ଉପଯୋଗ କରି ଭଲ–ଭେଲର ତଫାତ ତଉଲି ଯିଏ ଯେତେ ସଠିକ୍ ନିଷ୍ପତ୍ତି ନିଏ ତା'ର ଭବିଷ୍ୟତ ସେତେ ଉଜ୍ଜ୍ୱଳ ହୁଏ । କିନ୍ତୁ ତୋଷାମୋଦୀରେ କୃତ୍ୟ କୃତ୍ୟ ହୋଇ ଯଦି ମଣିଷ ଏମାନଙ୍କ ମାୟାଜାଲରେ ଛନ୍ଦି ହୋଇଯାଏ ତେବେ କିପରି ଚଢ଼ା ମୂଲ ଦେବାକୁ ପଡ଼େ ଉପରୋକ୍ତ ଘଟଣା ତା'ର ଏକ ଦୃଷ୍ଟାନ୍ତ ମାତ୍ର ।

# ଆଲୋଚନାରେ 'ମିଟର ଝଡ଼'

**ବିକ୍ରମ କେଶରୀ ବିଶ୍ୱାଳ**

ଓଡ଼ିଶାରେ ଡବଲ ଇଞ୍ଜିନ ସରକାର । ଡବଲ ଇଞ୍ଜିନ ଅର୍ଥ କେନ୍ଦ୍ରରେ ମୋଦୀ, ଓଡ଼ିଶାରେ ମୋହନ ମାଝୀଙ୍କ ସରକାର ବିକାଶକୁ ତ୍ୱରାନ୍ୱିତ କରୁଛନ୍ତି ବୋଲି ଗଣମାଧ୍ୟମରେ ଖବର ପ୍ରକାଶ ପାଉଛି । ପ୍ରଦୂଷଣ ସାର୍ଟିଫିକେଟ ମାମଲାରେ ସରକାର ନିଜ ହାତ ପୋଡ଼ି ସାରିଛନ୍ତି । ଗାଡ଼ିର ବୈଧ ପ୍ରଦୂଷଣ ପ୍ରମାଣପତ୍ର ପାଇଁ ଗାଡ଼ି ମାଲିକଙ୍କୁ ବକେୟା ଚାଲଣ ଭରିବାକୁ ଗାଡ଼ି ମାଲିକଙ୍କୁ ବାଧ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି । ସେପଟେ ସ୍ମାର୍ଟ ମିଟର କାଦୁଅ ଭିତରେ ଗୋଡ଼ ଭର୍ତ୍ତି କରି ସାରିଛନ୍ତି ସରକାର । ଆଗକୁ ମଧ୍ୟ ଏହାକୁ ନେଇ ସରକାରଙ୍କ ଗୋଡ଼ ପୋଡ଼ିବାର ଆଶଙ୍କା ଅଛି । ମାମଲା ଗଲାଣି ହାଇକୋର୍ଟକୁ । କ୍ୟାବିନେଟ ଏକ ନିଷ୍ପତ୍ତିରେ ସ୍ମାର୍ଟ ମିଟର ଲଗାଇବା ପାଇଁ ପ୍ରଥମ ପର୍ଯ୍ୟାୟ ସକାଶେ ୧୨ଲକ୍ଷ ଉପଭୋକ୍ତାଙ୍କ ନିମନ୍ତେ ୭୬୫ କୋଟି ଟଙ୍କା ମଞ୍ଜୁର କରିଛନ୍ତି । କ୍ୟାବିନେଟ ନିଷ୍ପତ୍ତି ଅନୁସାରେ ୮୭୫୦୦୦ଟି ପୁରୁଣା ମିଟର ବଦଳରେ ସ୍ମାର୍ଟ ମିଟର ଲାଗିବ। ୨୭୮୧୦୦ଟି ନୂତନ ସଂଯୋଗ ସକାଶେ ସ୍ମାର୍ଟ ମିଟର ବ୍ୟବହାର କରାଯିବ । ଯେଉଁ ଉପଭୋକ୍ତାମାନେ ୨ କିଲୋୱାଟ କିମ୍ବା ତା'ଠୁ କମ ବିଦ୍ୟୁତ ସଂଯୋଗ ନେଇଛନ୍ତି, ସେମାନଙ୍କ ଲାଗି ମାଗଣା ସ୍ମାର୍ଟ ମିଟରର ବ୍ୟବସ୍ଥା କରିବେ ସରକାର ।

ସରଳ ଭାଷାରେ ବୁଝିବାକୁ ହେଲେ ଉପଭୋକ୍ତାଙ୍କୁ ମିଟର ଲଗାଇବା ପାଇଁ ପଇସା ଦେବାକୁ ପଡ଼ିବ ନାହିଁ । ତେବେ ଏଥିରେ ଆପତ୍ତି କ'ଣ ଅଛି? ଆପତ୍ତିଟି ହେଲା ବାହାନା କମ ବିଦ୍ୟୁତ ବ୍ୟବହାର କରୁଥିବା ଉପଭୋକ୍ତା । କିନ୍ତୁ ସରକାର ପୋଷିବେ ଟାଟା ପାୱାରକୁ। କୋଉ ଦାତାଙ୍କ ପଇସା? ମେହେରବାନୀ କରିବେ ସରକାର । ପ୍ରାୟ ୪୮୮ କୋଟି ଟଙ୍କାର ଏକ ସ୍କାମର ବାସନା ଆସୁଛି ସାମ୍ନାକୁ । ତଥ୍ୟ ଅନୁସନ୍ଧାନରୁ ଜଣାପଡ଼ିଛି ୨୦୨୫ରେ ମାଗଣା ସ୍ମାର୍ଟ ମିଟର ସ୍ଥାପନ ଲାଗି ବିଦ୍ୟୁତ ବିଭାଗ ଓଡ଼ିଶା ବିଦ୍ୟୁତ ନିୟନ୍ତ୍ରକ ଆୟୋଗଙ୍କ ଠାରୁ ଅନୁମତି ଲୋଡ଼ି ଥିଲେ । ସେତେବେଳେ ଓଇଆରସିର କେହି ଅଧ୍ୟକ୍ଷ ନଥିଲେ । ସେହି ସମୟରେ ଆୟୁକ୍ତର ଇଞ୍ଜିନିୟର ସଭ୍ୟ ଓ ଜୁଡ଼ିସିଆଲ ସଭ୍ୟ ମାଗଣା ସ୍ମାର୍ଟ ମିଟର ସ୍ଥାପନ ପାଇଁ ସସର୍ତ୍ତ ଅନୁମତି ଦେଇଥିଲେ। ୩ଟି ସର୍ତ୍ତ ହେଲା ପ୍ରଥମତଃ ଅର୍ଥାତ୍ ପର୍ଯ୍ୟାୟରେ ଟାଟା ପାୱାର ୬୩ କେଭି, ୩୩ କେଭି, ୨୫ କେଭି ଏବଂ ଗାଁ ଗଣ୍ଡାରେ ଲାଗିଥିବା ଟ୍ରାନ୍ସଫର୍ମରରେ ସ୍ମାଟ ମିଟର ଲଗାଇବେ। ଏହାଫରେ କେତେ କ୍ଷତି ବା ଚୋରି ହେଉଛି ଜଣାପଡ଼ିବ । ଦ୍ୱିତୀୟତଃ ଥ୍ରୀ ଫେଜ ସଂଯୋଗ ନେଇଥିବା ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ଲାଗିବ। ତୃତୀୟତଃ, ଶେଷ ପର୍ଯ୍ୟାୟରେ ୨ କିଲୋୱାଟ ବା ତା'ଠୁ କମ ବିଦ୍ୟୁତ ସଂଯୋଗ ନେଇଥିବା ଉପଭୋକ୍ତାଙ୍କ ଘରେ ମାଗଣାରେ ସ୍ମାର୍ଟ ମିଟର ଲାଗିବ । ଚତୁର୍ଥତଃ, ଯେଉଁ ଉପଭୋକ୍ତାଙ୍କ ମିଟର ୫ ବର୍ଷ ପୁରୁଣା ହୋଇଥିବ ସେହି ସବୁ ମିଟର ବଦଳରେ ସ୍ମାର୍ଟ ମିଟର ଲଗାଯିବ।

କିନ୍ତୁ ସରକାର ଏବଂ ଟାଟା ପାୱାର ପ୍ରଥମ ଦୁଇଟି ସର୍ତ୍ତ ପୂରଣ ଉପରେ ଧ୍ୟାନ ନଦେଇ କାହିଁକି ଦୁଇ କିଲୋୱାଟ କିମ୍ବା ତା ଠାରୁ କମ ସଂଯୋଗ ନେଇଥିବା ଉପଭୋକ୍ତାଙ୍କ ସକାଶେ ମାଗଣାରେ ସ୍ମାର୍ଟ ମିଟର ଲଗାଇବା ପାଇଁ ଆଗ୍ରହୀ ହେଲେ? ପ୍ରଥମେ ସବୁ ଟ୍ରାନ୍ସଫର୍ମରେ କାହିଁକି ସ୍ମାର୍ଟ ମିଟର ଲଗାଗଲା ନାହିଁ? ମାଗଣା ସ୍ମାର୍ଟ ମିଟର ଲାଗିବ, କିନ୍ତୁ ଏଥିପାଇଁ ମାସିକିଆ ଭଡ଼ା ଆଦାୟ କରାଯିବ ନାହିଁ। ଏହି ଥୋପ ଭିତରେ ଛପି ରହିଛି ସ୍କାମର ମଞ୍ଜି। ସ୍ମାର୍ଟ ମିଟର କିଣିବ କିଏ? କିଏ କିଣିବା କଥା? ବିଦ୍ୟୁତ ବ୍ୟବସ୍ଥା ସହ ଦୁଇଟି ସରକାରୀ ସଂସ୍ଥା ଜଡ଼ିତ। ଗ୍ରୀଡ଼କୋ ଏବଂ ଓପିଟିସିଏଲ। କିନ୍ତୁ ଟାଟା ପାୱାରକୁ ମିଟର କିଣିବା ପାଇଁ କାହିଁକି ଅନୁମତି ଦେଲେ ସରକାର? ସ୍କାମର ବିନ୍ଦୁ ଏଇଠି ଅଛି। ସ୍ମାର୍ଟ ମିଟର ପାଇଁ ସରକାର ଅର୍ଥ ବ୍ୟବସ୍ଥା କରିଛନ୍ତି । ଏହା ପୁଣି ବିପୁଳ। କିନ୍ତୁ ଏଥିପାଇଁ ଟେଣ୍ଡର ଜରୁରୀ ନା ନାହିଁ? ଟେଣ୍ଡର ହୋଇଛି କି? ଯଦି ହୋଇଛି, ତେବେ ଏଥିରେ କେଉଁ କେଉଁ ସଂସ୍ଥା ଭାଗ ନେଇଛନ୍ତି? ଟେଣ୍ଡର ହେବା ଆଗରୁ ସ୍ମାର୍ଟ ମିଟର କିଣାଯାଇଛି କି? କେବଳ ୪ଟି ସଂସ୍ଥାରୁ ଟାଟା ପାୱାର ଆଣିଛି ବା ଆଣୁଛି କି ସ୍ମାର୍ଟ ମିଟର? ୫୪ଟି ସଂସ୍ଥା ସ୍ମାର୍ଟ ମିଟର ତିଆରି କରୁଛନ୍ତି । କିନ୍ତୁ ନିର୍ଦ୍ଦିଷ୍ଟ ୪ଟି ସଂସ୍ଥାକୁ ମିଟର ଯୋଗାଇବା ପାଇଁ କୁହାଯିବା ପଛରେ କି କାରଣ ଅଛି? ସରକାରଙ୍କ ଆଇଏସଓ ଗାଇଡ଼ଲାଇନ ଅନୁସରଣ କରାଯାଇଛି କି? ଏହିସବୁ ତମାମ ପ୍ରଶ୍ନ ସରକାରଙ୍କ ମତିଗତି ଆଗରେ ପ୍ରଶ୍ନ ଚିହ୍ନ ଆଙ୍କିଦେଇ ସାରିଛି। ଏହା ତ ଗୋଟିଏ ଅଂଶ। କିନ୍ତୁ ସ୍କାମର ଅସଲ ଅଂଶ ଫିଟିଙ୍ଗ ଚାର୍ଜେସକୁ ନେଇ ଉଠିଛି ।

ଯେଉଁସବୁ ପ୍ରଦେଶରେ ଭାରତ ସରକାରଙ୍କ ଆରଡ଼ିଏସ ଯୋଜନା କାର୍ଯ୍ୟକାରୀ ହେଉଛି, ସେହି ସବୁ ରାଜ୍ୟରେ ଫିଟିଙ୍ଗ ଚାର୍ଜ ସକାଶେ ୨୦୦ ଟଙ୍କା ନିଆଯାଉଛି । ଦୁଇଟି ବଡ଼ ରାଜ୍ୟ ଉତ୍ତରପ୍ରଦେଶ ଏବଂ ବିହାରରେ ଆରଡ଼ିଏସଏସ ଲାଗୁ ହୋଇଛି । ଯେଉଁ ରାଜ୍ୟରେ ବିଦ୍ୟୁତ ବିତରଣ ବ୍ୟବସ୍ଥା ଘରୋଇକରଣ ହୋଇଛି, ସେ ସବୁ ରାଜ୍ୟରେ ମିଟର ଫିକ୍ସିଂ ଚାର୍ଜ ଅଲଗା ଅଲଗା। ମୁମ୍ବାଇରେ ଆଦାନୀକୁ ସ୍ମାର୍ଟ ମିଟର ସ୍ଥାପନ ଲାଗି ଅନୁମତି ମିଳିଛି । ପ୍ରତି ସ୍ମାର୍ଟ ମିଟର ସକାଶେ ଆଦାନୀ ନେଉଛି ୧୪୦ ଟଙ୍କା । ଓଡ଼ିଶା ପାଇଁ ଫିକ୍ସିଂ ଚାର୍ଜ ରଖାଯାଇଛି ୭୦୦ ଟଙ୍କା। ଅର୍ଥାତ୍ ଆଦାନୀ ତୁଳନାରେ ଟାଟା ସରକାରଙ୍କ ଠାରୁ ପ୍ରତି ସ୍ମାର୍ଟ ମିଟର ସକାଶେ ୫୬୦ ଟଙ୍କା ଅଧିକ ନେବ। ପ୍ରଥମ ପର୍ଯ୍ୟାୟରେ ୧୨ ଲକ୍ଷ ଉପଭୋକ୍ତାଙ୍କ ଘରେ ଲାଗିବ ମାଗଣା ସ୍ମାର୍ଟ ମିଟର । ଦୁଇ କିଲୋୱାଟ ଏବଂ ତା'ଠୁ କମ ବିଦ୍ୟୁତ ବ୍ୟବହାରକାରୀଙ୍କ ସଂଖ୍ୟା ୮୦ରୁ ୯୦ ଲକ୍ଷ । ଅର୍ଥାତ୍ ୮୦ ଲକ୍ଷ ଉପଭୋକ୍ତାଙ୍କ ପାଇଁ ୪୮୮କୋଟି ଟଙ୍କା ସରକାର ଅଧିକ ଦେବେ ଟାଟା ପାୱାରକୁ। ଏହା କାହାର ଟଙ୍କା? ଏହାହିଁ ହେଉଛି ୪୮୮ କୋଟି ଟଙ୍କାର ସ୍ମାର୍ଟ ସ୍କାମ । ଓଡ଼ିଆରେ ଏକ ପୁରାତନ କଥାଟି ଅଛି 'ଗୋଦରା କୋଡ଼େ ଯେତେ ମାଡ଼େ ସେତେ' ଅର୍ଥାତ୍ ଓଡ଼ିଶାରେ ବିକାଶ ହେଉଛି କିନ୍ତୁ ପ୍ରଦୂଷଣ ସାର୍ଟିଫିକେଟ ମାମଲା ହେଉ ବା ବିଜୁଳି ସ୍ମାର୍ଟ ମିଟର ଘଟଣା ଏସବୁ ଜନସାଧାରଣଙ୍କ ସ୍ୱାର୍ଥରେ କି ନାହିଁ ସେ ବିଚାର ସହୃଦୟ ପାଠକ ବର୍ଗଙ୍କ!!

ଯାଜପୁର ରୋଡ଼, ଯାଜପୁର,
ମୋ.: ୯୯୩୮୫୩୬୦୭୬

# ବିବର୍ତ୍ତନ ତତ୍ତ୍ୱ ମାନବତାର ସର୍ବଶ୍ରେଷ୍ଠ ବୌଦ୍ଧିକ ସଫଳତା

**ଅସିତ ମହାନ୍ତି**

ବିଜ୍ଞାନ ଏବଂ ମାନବ ଚିନ୍ତାଧାରାର ଇତିହାସରେ ଫେବୃଆରୀ ୧୨ ତାରିଖର ଏକ ବିଶେଷ ଗୁରୁତ୍ୱ ରହିଛି, କାରଣ ଏହି ଦିନରେ ମହାନ ବୈଜ୍ଞାନିକ ଚାର୍ଲ୍ସ ଡାରଓ୍ୱିନଙ୍କ ଜନ୍ମ ହୋଇଥିଲା । ଡାରଓ୍ୱିନ ଏପରି ଆବିଷ୍କାର କରିଥିଲେ ଯାହା ମଣିଷର ଅସ୍ତିତ୍ୱ ଏବଂ ପ୍ରକୃତି ସହିତ ସମ୍ପର୍କକୁ ବୁଝିବାର ଉପାୟକୁ ପରିବର୍ତ୍ତନ କରିଥିଲା । ତାଙ୍କର ବିବର୍ତ୍ତନ ତତ୍ତ୍ୱ ଏବଂ ପ୍ରାକୃତିକ ଚୟନ ସ୍ପଷ୍ଟ କରିଥିଲେ ଯେ ଜୀବନର ବିବିଧତା କୌଣସି ଅନିୟମିତ ଘଟଣା କିମ୍ବା ସ୍ଥିର ବ୍ୟବସ୍ଥାର ଫଳାଫଳ ନୁହେଁ, ବରଂ ନିରନ୍ତର ପରିବର୍ତ୍ତନ ଏବଂ ଅନୁକୂଳନର ପ୍ରକ୍ରିୟାରୁ ଉତ୍ପନ୍ନ ହୁଏ । ଏହି ଧାରଣା ସେ ସମୟର ଧାର୍ମିକ ଏବଂ ସାମାଜିକ ବିଶ୍ୱାସକୁ ଚ୍ୟାଲେଞ୍ଜ କରିଥିଲା, କିନ୍ତୁ ଧୀରେଧୀରେ ଆଧୁନିକ ବିଜ୍ଞାନର ମୂଳଦୁଆ ପାଲଟିଥିଲା ।

ଡାରଓ୍ୱିନଙ୍କ ସର୍ବଶ୍ରେଷ୍ଠ ଅବଦାନ ଥିଲା ଯେ ସେ ଜୀବନକୁ ଏକ ଗତିଶୀଳ ପ୍ରକ୍ରିୟା ଭାବରେ ଦେଖୁଥିଲେ । ସେ ଦେଖାଇଥିଲେ ଯେ ପ୍ରାଣୀ ଏବଂ ଉଦ୍ଭିଦ ସେମାନଙ୍କ ପରିବେଶ ଅନୁସାରେ ପରିବର୍ତ୍ତନ ହୁଅନ୍ତି । ଯେଉଁ ପ୍ରଜାତି ସେମାନଙ୍କ ପରିବେଶ ସହିତ ଖାପଖୁଆଇ ଥାଆନ୍ତି ସେମାନେ ବଞ୍ଚି ରହନ୍ତି ଏବଂ ବଢ଼ନ୍ତି, ଯେତେବେଳେ ବିଫଳ ହେଉଥିବା ପ୍ରଜାତିଗୁଡ଼ିକ ଧୀରେ ଧୀରେ ମରିଯାଆନ୍ତି । ସେ ଏହି ପ୍ରକ୍ରିୟାକୁ ପ୍ରାକୃତିକ ଚୟନ ବୋଲି କହିଥିଲେ । ଏହି ଧାରଣା ଏତେ ସରଳ ଏବଂ ଶକ୍ତିଶାଳୀ ଥିଲା ଯେ ଏହା ଜୀବବିଜ୍ଞାନ ଏବଂ ସମାଜବିଜ୍ଞାନକୁ ମଧ୍ୟ ଏକ ନୂତନ ଦିଗଦର୍ଶନ ଦେଇଥିଲା ।

ଡାରଓ୍ୱିନଙ୍କ ଆବିଷ୍କାର ମଣିଷକୁ ବୁଝିବାରେ ସାହାଯ୍ୟ କରିଥିଲା ଯେ ସେମାନେ ପ୍ରକୃତିଠାରୁ ପୃଥକ ଅନନ୍ୟ ପ୍ରାଣୀ ନୁହଁନ୍ତି, ବରଂ ସମାନ ବିବର୍ତ୍ତନ ପ୍ରକ୍ରିୟାର ଏକ ଅଂଶ ଯାହା ଅନ୍ୟ ସମସ୍ତ ଜୀବନକୁ ଜନ୍ମ ଦେଇଛି । ଏହି ଧାରଣା ମଣିଷର ଅହଂକାରକୁ ଚ୍ୟାଲେଞ୍ଜ କରେ, କିନ୍ତୁ ସେହି ସମୟରେ, ଏହା ଆମକୁ ପ୍ରକୃତି ସହିତ ଏକ ଗଭୀର ସମ୍ପର୍କର ଅନୁଭବ ଦିଏ । ଯେତେବେଳେ ଆମେ ବୁଝିପାରୁ ଯେ ଆମର ଅସ୍ତିତ୍ୱ ମଧ୍ୟ ସମାନ ବିବର୍ତ୍ତନ ପ୍ରକ୍ରିୟାର ଫଳାଫଳ, ଆମେ ପରିବେଶ ଏବଂ ଅନ୍ୟାନ୍ୟ ଜୀବଜନ୍ତୁ ପ୍ରତି ଅଧିକ ସମ୍ବେଦନଶୀଳ ହୋଇପଡୁ ।

ଆଜି ଏହା ଚିନ୍ତାର ବିଷୟ ଯେ ଡାରଓ୍ୱିନଙ୍କ ତତ୍ତ୍ୱକୁ ଅନେକ ପାଠ୍ୟକ୍ରମରୁ ହଟାଇ ଦିଆଯାଉଛି । ଏହା କେବଳ ଏକ ବୈଜ୍ଞାନିକ ତତ୍ତ୍ୱକୁ ହଟାଇବାର ବିଷୟ ନୁହେଁ, ବରଂ ମାନବତାର ବୌଦ୍ଧିକ ଯାତ୍ରାକୁ ଅସ୍ୱୀକାର ଯାହା ଆମକୁ ଆଧୁନିକ ବିଜ୍ଞାନ ଆଡ଼କୁ ନେଇଯାଇଥିଲା । ଯଦି ଆମେ ପିଲାମାନଙ୍କୁ ଜୀବନ କିପରି ବିକଶିତ ହେଲା ତାହା ଶିଖାଇବା ନାହିଁ, ତେବେ ଆମେ ସେମାନଙ୍କୁ କେବଳ ଅନ୍ଧବିଶ୍ୱାସ ଏବଂ ଅସମ୍ପୂର୍ଣ୍ଣ ସୂଚନା ସହିତ ଛାଡିଦେବୁ। ବିଜ୍ଞାନର ଉଦ୍ଦେଶ୍ୟ ହେଉଛି ପ୍ରଶ୍ନ ପଚାରିବା, ଆବିଷ୍କାର କରିବା ଏବଂ ପ୍ରମାଣ ଉପରେ ଆଧାରିତ ନିଷ୍କର୍ଷ ବାହାର କରିବା । ଡାରଓ୍ୱିନଙ୍କ ତତ୍ତ୍ୱ ଏହି ବୈଜ୍ଞାନିକ ପଦ୍ଧତିର ଏକ ପ୍ରମୁଖ ଉଦାହରଣ । (CBSE ଏବଂ NCERTରେ ଡାରଓ୍ୱିନଙ୍କ ତତ୍ତ୍ୱର ସ୍ଥିତି– ଶ୍ରେଣୀ ୯– ୧୦ମ (ବିଜ୍ଞାନ): ବିବର୍ତ୍ତନ ଅଧ୍ୟାୟ ପୂର୍ବରୁ ଡାରଓ୍ୱିନଙ୍କ ପ୍ରାକୃତିକ ଚୟନ ତତ୍ତ୍ୱକୁ ବିସ୍ତୃତ ଭାବରେ କଭର କରିଥିଲା । ତଥାପି, ପାଠ୍ୟକ୍ରମକୁ ହାଲୁକା କରିବା ପାଇଁ ଏହାକୁ ୨୦୨୨–୨୩ରେ ହଟାଇ ଦିଆଯାଇଥିଲା । ଶ୍ରେଣୀ ୧୧–୧୨ (ଜୀବବିଜ୍ଞାନ): ବିବର୍ତ୍ତନ ଅଧ୍ୟାୟ ଦ୍ୱାଦଶ ଶ୍ରେଣୀ ଜୀବବିଜ୍ଞାନରେ ରହିଛି । ଏହା ଡାରଓ୍ୱିନଙ୍କ ତତ୍ତ୍ୱ, ଲାମାର୍କବାଦ ଏବଂ ନବ–ଡାରଓ୍ୱିନିଜମକୁ କଭର କରିଥାଏ । NCERT ସଂଶୋଧନ (୨୦୨୩): ଡାରଓ୍ୱିନଙ୍କ ତତ୍ତ୍ୱକୁ ଶ୍ରେଣୀ ୧୦ମ ପାଠ୍ୟପୁସ୍ତକରୁ ହଟାଇ ଦିଆଯାଇଥିଲା, ଏହା କହିଥିଲା ଯେ ଏହା ଉଚ୍ଚ ଶ୍ରେଣୀରେ ବିସ୍ତୃତ ଭାବରେ ପଢ଼ାଯିବ । ଏହି ପରିବର୍ତ୍ତନ ବୈଜ୍ଞାନିକ ଏବଂ ଶିକ୍ଷାବିତ୍‌ମାନଙ୍କ ଦ୍ୱାରା ବ୍ୟାପକ ଭାବରେ ବିତର୍କିତ ହୋଇଥିଲା ।)



ଡାରଓ୍ୱିନଙ୍କ ସମୟରେ ମଧ୍ୟ, ତାଙ୍କ ତତ୍ତ୍ୱ ବିରୋଧର ସମ୍ମୁଖୀନ ହୋଇଥିଲେ । ଧାର୍ମିକ ଅନୁଷ୍ଠାନଗୁଡ଼ିକ ଏହାକୁ ଈଶ୍ୱରଙ୍କ ଅସ୍ତିତ୍ୱ ବିରୁଦ୍ଧରେ ବିବେଚନା କରୁଥିଲେ । କିନ୍ତୁ ଧୀରେଧୀରେ, ବୈଜ୍ଞାନିକ ପ୍ରମାଣ ଦର୍ଶାଇଥିଲା ଯେ ବିବର୍ତ୍ତନ ତତ୍ତ୍ୱ କେବଳ ଏକ କାଳ୍ପନିକ ନଥିଲା ଏହାକୁ ଜୀବାଶ୍ମ, ଜେନେଟିକ୍ସ ଏବଂ ପରିବେଶଗତ ଅଧ୍ୟୟନ ଦ୍ୱାରା ନିରନ୍ତର ସମର୍ଥନ କରାଯାଇଛି । ଆଜି ମଧ୍ୟ, ଯେତେବେଳେ ଆମେ ଡିଏନଏ ଅଧ୍ୟୟନ କରୁ, ଆମେ ସ୍ପଷ୍ଟ ଭାବରେ ଦେଖୁ ଯେ ସମସ୍ତ ଜୀବ ଏକ ସାଧାରଣ ପୂର୍ବପୁରୁଷ ଅଟନ୍ତି । ଏହି ପ୍ରମାଣ ଡାରଓ୍ୱିନଙ୍କ ଦୃଷ୍ଟିକୋଣକୁ ଆହୁରି ଦୃଢ଼ କରେ ।

ପାଠ୍ୟକ୍ରମରୁ ଏହି ତତ୍ତ୍ୱକୁ ହଟାଇବା କେବଳ ବିଜ୍ଞାନ ପ୍ରତି ଅସମ୍ମାନ ନୁହେଁ ବରଂ ଭବିଷ୍ୟତ ପିଢ଼ିକୁ ଅଜ୍ଞତାର ସହିତ ଶିକ୍ଷା ଦେବାର ଏକ ଉପାୟ । ଯଦି ପିଲାମାନେ ଜୀବନ କିପରି ବିକଶିତ ହେଲା ତାହା ଶିଖନ୍ତି ନାହିଁ, ତେବେ ସେମାନେ ଆଧୁନିକ ଔଷଧ, ପରିବେଶ ସଂରକ୍ଷଣ ଏବଂ ଜୈବ ବିବିଧତା ବିଷୟରେ ବୁଝାମଣାରୁ ମଧ୍ୟ ବଞ୍ଚିତ ହେବେ । ଉଦାହରଣ ସ୍ୱରୂପ, ରୋଗର ପ୍ରସାର ଏବଂ ସେମାନଙ୍କର ଚିକିତ୍ସାକୁ ବୁଝିବା ପାଇଁ ବିବର୍ତ୍ତନ ତତ୍ତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପ୍ରାକୃତିକ ଚୟନର ନିୟମ ଅନୁସାରେ ଭାଇରସ ଏବଂ ଜୀବାଣୁ ମଧ୍ୟ ପରିବର୍ତ୍ତନ କରନ୍ତି । ଯଦି ଆମେ ଏହା ବୁଝିବା ନାହିଁ, ତେବେ ଆମେ ମହାମାରୀ ସହିତ ଲଢ଼ିବା ପାଇଁ ଦୁର୍ବଳ ହେବୁ ।

ଡାରଓ୍ୱିନଙ୍କ ତତ୍ତ୍ୱ ଆମକୁ ଏହା ମଧ୍ୟ ଶିଖାଏ ଯେ ପରିବର୍ତ୍ତନ ଜୀବନର ନିୟମ । କୌଣସି ପ୍ରଜାତି ସ୍ଥିର ରହେ ନାହିଁ । ଏହି ଧାରଣା ଆମକୁ ଆମର ସାମାଜିକ ଏବଂ ସାଂସ୍କୃତିକ ଜୀବନରେ ମଧ୍ୟ ପ୍ରେରଣା ଦିଏ । ଯେତେବେଳେ ଆମେ ବୁଝିପାରୁ ଯେ ଅନୁକୂଳନ ହେଉଛି ବଞ୍ଚିବାର ଆଧାର, ଆମେ ଆମର ସମାଜକୁ ଅଧିକ ନମନୀୟ ଏବଂ ପ୍ରଗତିଶୀଳ କରିବାକୁ ଚେଷ୍ଟା କରୁଛ ଏହି ଅର୍ଥରେ, ଡାରଓ୍ୱିନଙ୍କ ଅବଦାନ କେବଳ ଜୀବବିଜ୍ଞାନରେ ସୀମିତ ନୁହେଁ ସେମାନେ ମାନବ ସଭ୍ୟତାର ଚିନ୍ତାଧାରାକୁ ମଧ୍ୟ ପ୍ରଭାବିତ କରନ୍ତି । ଡାରଓ୍ୱିନଙ୍କ ଜନ୍ମବାର୍ଷିକୀ ଆମକୁ ମନେପକାଇଦିଏ ଯେ ବିଜ୍ଞାନକୁ ସମ୍ମାନ କରିବା ଏବଂ ଆଗକୁ ବଢାଇବା ଆମର ଦାୟିତ୍ୱ । ତାଙ୍କ ଆବିଷ୍କାରଗୁଡ଼ିକ ଆମକୁ ଜୀବନର ଆଶ୍ଚର୍ଯ୍ୟଜନକ ବିବିଧତା ଏବଂ ଏହି ବିବିଧତା କିପରି ଆସିଲା ତାହା ଦେଖାଇଲେ । ଯଦି ଆମେ ପାଠ୍ୟକ୍ରମରୁ ଏହି ଜ୍ଞାନକୁ ବାଦ ଦେବା, ତେବେ ଆମେ ପିଲାମାନଙ୍କୁ ବିଜ୍ଞାନ ମାଧ୍ୟମରେ ମାନବଜାତି ଯେଉଁ ଆଶ୍ଚର୍ଯ୍ୟଜନକ ଯାତ୍ରା କରିଛି ତାହାରୁ ବଞ୍ଚିତ କରିବୁ ।

ଆଜି, ଯେତେବେଳେ ବିଶ୍ୱ ଜଳବାୟୁ ପରିବର୍ତ୍ତନ, ପରିବେଶଗତ ସଙ୍କଟ ଏବଂ ନୂତନ ରୋଗ ସହିତ ସଂଘର୍ଷ କରୁଛି, ଡାରଓ୍ୱିନଙ୍କ ତତ୍ତ୍ୱ ଆହୁରି ପ୍ରାସଙ୍ଗିକ ହୋଇପଡୁଛି । ଏହା ଆମକୁ କୁହେ ଯେ ଯେଉଁମାନେ ନିଜ ପରିବେଶ ସହିତ ଖାପଖୁଆଇ ପାରିବେ ସେମାନେ ହିଁ ବଞ୍ଚି ରହିବେ । ଯଦି ମାନବ ସମାଜ ପରିବେଶକୁ ନଷ୍ଟ କରିଚାଲିଥାଏ ଏବଂ ପ୍ରକୃତି ସହିତ ସମନ୍ୱୟରେ ବଞ୍ଚିବାରେ ବିଫଳ ହୁଏ, ତେବେ ଏହାର ଅସ୍ତିତ୍ୱ ବିପଦରେ ପଡ଼ିପାରେ । ଏହି ଚେତାବନୀକୁ ବୁଝିବା ଏବଂ ପିଲାମାନଙ୍କୁ ଏହା ଶିକ୍ଷା ଦେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଡାରଓ୍ୱିନଙ୍କ ଜୀବନ ଏବଂ ତାଙ୍କ ଆବିଷ୍କାରଗୁଡ଼ିକ ଆମକୁ ପ୍ରଶ୍ନ ପଚାରିବା ବନ୍ଦ ନ କରିବାକୁ ପ୍ରେରଣା ଦିଅନ୍ତି । ସେ ତାଙ୍କ ସମୟର ପ୍ରତିଷ୍ଠିତ ବିଶ୍ୱାସକୁ ଚ୍ୟାଲେଞ୍ଜ କରିଥିଲେ ଏବଂ ପ୍ରମାଣ ଉପରେ ଆଧାରିତ ଏକ ନୂତନ ଦୃଷ୍ଟିକୋଣ ଉପସ୍ଥାପନ କରିଥିଲେ । ଏହା ହେଉଛି ବିଜ୍ଞାନର ପ୍ରକୃତ ଶକ୍ତି । ଯଦି ଆମେ ପାଠ୍ୟକ୍ରମରୁ ଏହି ଶକ୍ତିକୁ ବାଦ ଦେବା, ତେବେ ଆମେ ଭବିଷ୍ୟତ ପିଢ଼ିକୁ ଅନ୍ଧାରରେ ଡୁବି । ତେଣୁ, ଡାରଓ୍ୱିନଙ୍କ ଜନ୍ମବାର୍ଷିକୀ କେବଳ ଜଣେ ବୈଜ୍ଞାନିକଙ୍କୁ ମନେରଖିବାର ଏକ ଅବସର ନୁହେଁ, ବରଂ ବିଜ୍ଞାନ ଏବଂ ଯୁକ୍ତିଯୁକ୍ତତାର ଗୁରୁତ୍ୱକୁ ପୁନଃନିର୍ମାଣ କରିବା ପାଇଁ ମଧ୍ୟ । ତାଙ୍କର ବିବର୍ତ୍ତନ ଏବଂ ପ୍ରାକୃତିକ ଚୟନ ତତ୍ତ୍ୱ ମାନବତାର ସର୍ବୋତ୍ତମ ବୌଦ୍ଧିକ ସଫଳତା ମଧ୍ୟରୁ ଗୋଟିଏ । ପାଠ୍ୟକ୍ରମରୁ ଏହାକୁ ବାହାର କରିବା କେବଳ ଏକ ତତ୍ତ୍ୱ ନୁହେଁ, ବରଂ ଆମର ଚିନ୍ତାଧାରା ଏବଂ ଭବିଷ୍ୟତକୁ ଦୁର୍ବଳ କରିଦେବ । ଆମକୁ ନିଶ୍ଚିତ କରିବାକୁ ପଡିବ ଯେ ଭବିଷ୍ୟତ ପିଢ଼ି ଏହି ମହାନ ଆବିଷ୍କାର ସହିତ ପରିଚିତ ହେବେ ଏବଂ ବିଜ୍ଞାନର ଆଲୋକରେ ଆଗକୁ ବଢ଼ିବେ ।

***ସୁଜନପୁର, ଯାଜପୁର***
***ମୋ. ୯୪୩୭୨୮୮୦୨୮***



# ସପ୍ତମ ଋତୁ ପଞ୍ଚମ ସ୍ୱର

ସାହିତ୍ୟ ଆସର

## କୁହୁଡ଼ି

● ତୁଷାର ପାଲଟାସିଂହ

ସୂର୍ଯ୍ୟଙ୍କୁ ବି ଦିନେଦିନେ
ଲଢ଼ିବାକୁ ପଡ଼େ
ଆସିବାକୁ
ଏ ଧରାପୃଷ୍ଠକୁ ।

ସହଜରେ
ବାଟ ଛାଡେନି
କୁହୁଡ଼ି ।

ଆମ ତମ କଥା ଭିନ୍ନ
କେତେଥର ଛୁଇଁଲାଣି
ଶୁଖିଲା ଓଠକୁ ,
କେତେଥର ଝରିଲାଣି
ବିନ୍ଦୁ ବିନ୍ଦୁ ହୋଇ
ଆଖିପତା ତଳୁ ।

କୋହ କୁହ
ଲୁହ କୁହ,
ଏକ ଅଜଣା
ଅଶୁଣା ସ୍ୱପ୍ନର
ମଝି ଆକାଶରେ
ଦୁର୍ଘଟଣାରେ
ଖଣ୍ଡ ଖଣ୍ଡ ହୋଇ
ଭାଙ୍ଗିଯିବାର କାହାଣୀ ।

ମୋ. ୯୪୩୭୧ ୩୧୪୫୪

## ଶୀତ ଫେରିଯିବାର ବେଳ...



କଥା ଏତିକି

● ସୁନୀଲ ବୋଷ

ଫଗୁଣ ଆସିଛି । ଶୀତ ଯିବ ଯିବ ହେଲାଣି । ଆଉ ଦିନକେଇଟା ପରେ ଖରା କାଟିବ, ଯେଉଁ ଖରାକୁ ଲୋଡୁଥିଲା ମଣିଷ, ତାକୁ ନିନ୍ଦିବ ।

ରାମୁ ବାପାର ମନ ମରିଆସିଲାଣି । ଶୀତ ଫେରିଗଲେ ତାକୁ ପୁଣି ଝୋପଡ଼ି ବାହାରେ ଶୋଇବାକୁ ପଡ଼ିବ । ବଢ଼ିଲା ପୁଅ ଝିଅଙ୍କ ପାଖରେ ରାମ ମା'କୁ ଜଡେଇ ନେଇ କ'ଣ ଆଉ ଶୋଇହେବ? ଉପରେ କମ୍ବଳ ଥାଏ ବୋଲି ଚଳିଯାଏ । ପିଲାଏ ବି କାନ୍ଥ ଆଡକୁ ମୁହଁ ବୁଲେଇ ଶୋଇଯା'ନ୍ତି ।

ରାମୁଟା ସିନା ସାନ କିନ୍ତୁ ଝିଅଟା ବଡ଼ ହେଇଆସିଲାଣି । ସିଏ ବି ସ୍ୱପ୍ନ ଦେଖିବା ଆରମ୍ଭ କଲାଣି ଆରସନ ଶୀତ ଆସିବା ଆଗରୁ ତା'ର ବାହାଘର କରେଇ ଦେବାକୁ ରାମୁ ମା' କହିଲାଣି । ବସ୍ତିର ଅନେକ ଟୋକା ତା' ପଛରେ ଏବେ । ଟିକେ ସଜେଇ ହେଲେ ଖୁବ୍ ଲୋଭିଲା ଦିଶେ ସିଏ ।

ରାମୁ ବାପା ଜୋତା ମରାମତି କରେ । ରାତିରେ ଟାଙ୍କିଏ ପିଇ ଘରକୁ ଫେରେ । ରାମୁ ମା' ସେତେବେଳକୁ ଝୋପଡ଼ିର ଟାଟି ଲଗେଇ ସାରିଥାଏ ଭିତରପଟୁ । ଆଉ ଝଗଡ଼ା କରିବାର ବଳ ନାହିଁ ରାମୁ ମା' ପାଖରେ, ନହେଲେ ନିଇତି ଝଗଡ଼ା ହେଉଥିଲା ।

ଶୀତ କେଇମାସ କିନ୍ତୁ ବାଧ୍ୟ ହୋଇ ସିଏ ଝୋପଡ଼ି ଟାଟି ଖୋଲା ରଖିଥାଏ । ରାମୁ ବାପା ପାଇଁ ତା' ପାଖରେ ଅଳ୍ପ ଟିକିଏ ଜାଗା ଥାଏ । ରାମୁ ବାପା ସେଇଠି ନିଜକୁ ଗୁଞ୍ଜିଦିଏ କମ୍ବଳ ତଳେ । ନିଶା ଛାଡ଼ିଯାଇଥିଲେ ପାହାନ୍ତା ବେଳକୁ ରାମୁ ମା'କୁ ଜଡେଇ ନିଏ ଆଉ କମ୍ବଳ ଦର୍କାର ହୁଏନି ସେତେବେଳକୁ । ରାମୁ ମା' କମ୍ବଳ ଘୋଡେଇନିଏ ଦିହିଁଙ୍କ ଉପରକୁ । ଶୀତକୁ ଆଉ ନିନ୍ଦିବାକୁ ମନ ଚାହେନି ।

ରାମୁ ବାପା ତା' ବେପାରରେ ବାହାରି ଯାଉ ଯାଉ ରାମୁ ମା'କୁ ପଚାରିଲା– ଅଗିରାପୁନେଇଁ ତ ଗଲାଣି ବୋଧେ?

ରାମୁ ମା' କହିଲା– ଏଥରଠୁ ବାହାରେ ଶୋଇବୁ ତ? ଝିଅ ବାହାଘର କଥା ଚିନ୍ତା କଲୁଣି ଏଯାଏ? ପିଲାଏ ଜାଣିବାର ହେଇଗଲେଣି କମ୍ବଳ ତଳେ କେତେ ଲାଜ ଲୁଚେଇବୁ? ଯାହା ରୋଜଗାର କଲୁ ସବୁ ତ ପିଇ କି ଉଡେଇଲୁ ।

## ବାକି ଅନୁଭୂତି

● ଚାର୍ବାକ୍



ବାକି ଖାଇବା ଅଭ୍ୟାସ ଅନେକ ଲୋକଙ୍କର ଥାଏ, ମୋର ବି ଅଛି । କିନ୍ତୁ ବାକିରେ ଖାଇବା, ଅର୍ଥାତ୍ ତତ୍‌କ୍ଷଣାତ୍ ପଇସା ନଦେଇ ଖାଦ୍ୟଗ୍ରହଣ କରିବା ବାବଦରେ ମୋର ପ୍ରତ୍ୟକ୍ଷ ଅନୁଭୂତି ନଥିଲା । ଆମପରି ଶ୍ରମଜୀବୀଙ୍କ ପାଇଁ ବାକିରେ ସଉଦା ଆଣିବା ଏକ ପରମ୍ପରାଗତ ପ୍ରକ୍ରିୟା । ତେଣୁ ଏହି ସୂତ୍ରରେ ଘରକୁ ସଉଦା ଆଣିବା ପରେ ଆଉ ଉଧାରରେ ରନ୍ଧା ଖାଦ୍ୟ ସେବନ କରିବାକୁ ସାହସ କୁଳାଏନା । ତା' ଛଡ଼ା ମୋର ଏ ସୌଭାଗ୍ୟ ଲାଭ ନକରିବାର ସବୁଠାରୁ ବଡ଼ କାରଣ ହେଲା ବାକିରେ ଖାଇଲା ପରି ହୋଟେଲ ମାଲିକଙ୍କ ସହିତ ମୋର ପରିଚୟ ନଥିଲା । ଏ ସୁଯୋଗ ମିଳିଲା ନୂତନ ଅଫିସରେ ଯୋଗଦେବା ପରେ । ସୁଯୋଗ କହିଲେ ଭୁଲ୍ ହେବ, ମୋ ପାଇଁ ଏହା ସୁବର୍ଣ୍ଣ ସୁଯୋଗ ଏବଂ ଏ ସୁଯୋଗ ଭିତରେ ଯେ ଏକ ବିରାଟ ଅନୁଭବ ଲୁକ୍କାୟିତ ହୋଇ ରହିଛି, ଏ ତଥ୍ୟ ଆବିଷ୍କାର କଲି ବାକିରେ ଖାଇବା ଆରମ୍ଭ କରିବାର ମାସକ ପରେ, ଯେତେବେଳେ କ୍ୟାଣ୍ଟିନ ମାଲିକ ପୂର୍ଣ୍ଣବାବୁ ବାକି ବାବଦରେ ଉଁ କି ଚୁଁ କଲେ ନାହିଁ । ବରଂ ମୋ ଆଡୁ ମୋ ଉପରେ କେତେ ଟଙ୍କା ଅଛି ସେ କଥା ତାଙ୍କ ଠାରୁ ପଚାରିବାକୁ ସେ ମୋତେ ବାଧ କଲେ । ପୂର୍ଣ୍ଣବାବୁ ଲମ୍ବାକୃତିର ସ୍ୱାସ୍ଥ୍ୟବାନ ବାକିଖାତାଟା ମୋ ଆଡ଼କୁ ବଢ଼େଇ ଦେଇ କହିଲେ ମୁଁ ଟୋଟାଲ୍ କରିନି । ଆପଣ ମିଶେଇକି ଦେଖନ୍ତୁ କେତେ ହୋଇଛି ।

ସେଦିନ ମୁଁ ବାକି ପରିମାଣ ଯୋଗକରି ତାଙ୍କୁ ଟଙ୍କା ବୁଝାଇଲି ।

ଏହା ପରଠାରୁ ବାକିରେ ଖାଦ୍ୟଗ୍ରହଣ ସଂପର୍କିତ ସଂକୋଚ ଭାବ ବେଶ୍ ଦୂର ହୋଇଗଲା ମୋର । ତେବେ ସେଇ ଅନନ୍ୟ ଅନୁଭବ ହାସଲ କଲି ଏହାର ସାତ/ଆଠ ଦିନ ପରେ ।

ସେ ଦିନ ଅପରାହ୍ଣରେ କ୍ୟାଣ୍ଟିନ୍ ବେଞ୍ଚରେ ବସିବା ପରେ ପୂର୍ଣ୍ଣବାବୁ ଉତ୍ତପ୍ତ ବରାପୂର୍ଣ୍ଣ ଡେକ୍‌ଚିଟା ଆଣି ଥୋଇଦେଲେ କାଚଲଗା ଆଲମାରି ଉପରେ । ଏହି ସମୟକୁ ମୋର ଆଉ ଜଣେ ବନ୍ଧୁ ଆସି ବେଞ୍ଚ ଦଖଲ କରିସାରିଥାନ୍ତି । ଏକୁଟିଆ ଖାଇବା ଅସୌଜନ୍ୟ ହେବ ଭାବି ବନ୍ଧୁଙ୍କୁ ମଧ୍ୟ ବରା ଦେବା ପାଇଁ କୁହନ୍ତେ କ୍ୟାଣ୍ଟିନ ବୟ ଦୁଇଟି ପ୍ଲେଟରେ ବରା ଆଣି ଥୋଇଦେଲା ଆମ ଆଗରେ । ମୋତେ ଭୀଷଣ ଭୋକ । ଚଟାପଟ ସେତକ ପାକୁଳି କରି କ୍ଷୁଧିତ ଦୃଷ୍ଟିରେ ପୁଣି ବରା ଡେକ୍‌ଚି ଆଡ଼େ ଚାହିଁ ରହିଥିବା ବେଳେ ପୂର୍ଣ୍ଣବାବୁ ବୟକୁ ହୁକୁମ ଦେଲେ– କିରେ ଆଉ ଦଉନୁ ବାବୁମାନଙ୍କୁ !

ବୟ ଆଉ କିଛି ବରା ଆଣି ମୋ ପ୍ଲେଟ ଅନଲୋଡ କରି ବନ୍ଧୁଙ୍କ ପ୍ଲେଟରେ ଢାଳିବାକୁ ଉଦ୍ୟତ ହୁଅନ୍ତେ ସେ ନାହିଁ କଲେ । ମୁଁ ତାଙ୍କ ଅମଙ୍ଗ ଭାବ ଦେଖି କହିଲି, ଆରେ ନିଅନ୍ତୁ ନା । ଭାରି ଟେଷ୍ଟି ହୋଇଛି । ସେ ତଥାପି ଅମଙ୍ଗ । ଏହି ସମୟରେ ପୂର୍ଣ୍ଣବାବୁ ସହାସ୍ୟ ବଦନରେ ବନ୍ଧୁଙ୍କୁ ଅଭୟ ଦେଇ କହିଲେ– ଆଜ୍ଞା ! ବାବୁ କହୁଛନ୍ତି ଯେତେବେଳେ ନଉନାହାନ୍ତି ! ୮/୧୦ଟା ବରା ଖାଇବାକୁ ଏତେ ଭୟ ! ପେଟ ଖରାପ ହେବନି ମ ଜମା ।

ପୂର୍ଣ୍ଣବାବୁଙ୍କ କଥା ଶୁଣି ଭାରି ଶାନ୍ତି ଲାଗିଲା । ବନ୍ଧୁଙ୍କୁ ବରାରେ ଆପ୍ୟାୟିତ କରିବାର ଇଚ୍ଛା ଥିଲା । ମାତ୍ର ଏ ଆପ୍ୟାୟନ ଯେ, ବାକିରେ ଏତେ ନିର୍ବିଘ୍ନରେ ହୋଇପାରିବ ସେ ଧାରଣା ନଥିଲା । ସେପଟେ ବନ୍ଧୁ ବି ହୁଏତ ଚାହୁଁନଥିଲେ ବରା ଜନିତ କାରଣରୁ ମୋ ପକେଟ ଭାରାକ୍ରାନ୍ତ ହେଉ । ତେଣୁ ବରା ଗ୍ରହଣରେ ରାଜି ନଥିଲେ ସେ । ହେଲେ କ୍ୟାଣ୍ଟିନ୍ ମାଲିକ ପୂର୍ଣ୍ଣବାବୁ ସ୍ପଷ୍ଟ ବାକି ନୀତି ଘୋଷଣା କରିବା ଫଳରେ ପକେଟ ଉପରେ ଆଦୌ ପ୍ରେସର ନପଡ଼ି ଯେ ଏତେ ସୁରୁଖୁରୁରେ ବନ୍ଧୁ ଆପ୍ୟାୟନ କରିହୁଏ ଏ କଥା ଅନୁଭବ କରିବା ପରେ ମୋ ଶରୀର ରୋମାଞ୍ଚିତ ହୋଇଉଠିଲା । କ୍ୟାଣ୍ଟିନ୍ ବୟକୁ ଆହୁରି କିଛି ବରା ଏବଂ ମିଠା ଦେବା ପାଇଁ ବରାଦ କଲି । କୋଉ ପଇସା ପଡୁଛି !

ବରାଖିଆ ପରେ ବାକି ଖାତାରେ ଅର୍ଥର ପରିମାଣ ଉଲ୍ଲେଖ କରୁଥିବା ବେଳେ ମୋ ମନରେ ପ୍ରଶ୍ନଟିଏ ଜାଗିଲା– ବାକିରେ ଖାଇବାର ଏ ରୋମାଞ୍ଚକର ଅନୁଭବ ଆଉ କେଉଁଥିରେ ଅଛି ? ଅନୁରୂପ ଅନେକ ଆଚରଣ ଏବଂ କାର୍ଯ୍ୟକଳାପ ସହିତ ତୁଳନା କଲି– ବିନା କାମରେ ଦରମା ପାଇବା ସହିତ ଏହା ତୁଳନୀୟ କି ? ନା । କାମ ନକରି ଦରମା ନେବାରେ ରୋମାଞ୍ଚ କାଇଁ ?

ତା'ହେଲେ ଲୋକଙ୍କୁ ଠକି ପଇସା ନେବାରେ ?

–ନା । ଏଥିରେ ପାପବୋଧ ବେଶୀ ।

କିଳାପୋତେଇରେ ?

ଏଥିରେ ରୋମାଞ୍ଚ ଅପେକ୍ଷା ଭୟ ବେଶୀ । ଉପରିସ୍ଥ ହାକିମଙ୍କୁ ତୋଷାମଦ କରି ଦରମା ବଢ଼ାଇବାରେ ? ନା, ଏଥିରେ ବି ନାହିଁ । ଏଥିରେ ଅସହାୟବୋଧ ଅଧିକ– କନ୍‌ଫିଡେନ୍ସ କମ୍ ।

ତା'ହେଲେ ଆଉ କାହା ସହିତ ଏ ବାକି ଖାଇବାର ସୁଖାନୁଭୂତି ତୁଳନୀୟ । ଏମିତି ଭାବୁଛି ହଠାତ୍ କ୍ୟାଣ୍ଟିନ ଫ୍ରିଜ୍ ଉପରେ ଥିବା ଟି.ଭି. ସ୍କ୍ରିନ୍ ଉପରେ ନଜର ପଡ଼ିଲା । ଗୋଟିଏ ଚଳଚ୍ଚିତ୍ରର କିଛି ଅଂଶ ପ୍ରଦର୍ଶିତ ହେଉଛି । ସମୁଦ୍ରକୂଳ ଓଦାବାଲିରେ ବସିଛନ୍ତି ପ୍ରେମୀଯୁଗଳ । ଉଭୟେ ମଧୁର ବାର୍ତ୍ତାଳାପରେ ମଗ୍ନ । ଏହି ସମୟରେ ହଠାତ୍ ପ୍ରେମିକା ନିଜକୁ ସଂପୂର୍ଣ୍ଣ ଭାବେ ସମର୍ପିଦେଲା ପ୍ରେମିକର ବାହୁପାଶରେ...

ଆରେ, ଆରେ ! ମୁଣ୍ଡ ଭିତରେ ଦପ୍‌କରି ହେଲା ମୋର । ଏଇ ତ ବାକିରେ ଖାଇବାର ଅବିକଳ ବିକଳ୍ପ ! ଆଗପଛ ବିଚାର ନକରି ଏ ପ୍ରକାର ଆନନ୍ଦ ବାକିରେ ଖାଇବା ଛଡ଼ା ଆଉ କେଉଁଥିରେ ଅଛି ? ବିନା ପ୍ରାପ୍ତିରେ ପ୍ରେମିକାର ସମର୍ପଣ ଯେ, କ୍ୟାଣ୍ଟିନ ମାଲିକ ଠାରୁ ବାକିରେ ମିଳୁଥିବା ଉତ୍ତପ୍ତ ବରା ଛଡ଼ା ଅନ୍ୟ କେଉଁଥିରୁ ମିଳିବ ନାହିଁ ଏ କଥାରେ ଆଉ କେହି ଦ୍ୱିମତ ହେଲେ ହୋଇପାରେ ମୁଁ ହେବିନାହିଁ । ଖାଲି ପକେଟରେ କ୍ୟାଣ୍ଟିନ୍ ଆଲମିରାର ସୁସ୍ୱାଦୁ ଖାଦ୍ୟର ମଧୁର ଆସ୍ୱାଦନ ଫୁଟା ପକେଟରେ ପ୍ରେମିକା ସହିତ ଯେକୌଣସି ବ୍ୟବହାର, ଏ ଦୁଇଟି ମୋତେ କାଇଁ ଏକାପରି ଲାଗୁଛି । ତତ୍‌କ୍ଷଣାତ୍ କିଛି ନଦେଇ ସବୁ କିଛି ପାଇବାର ମଜା କେବଳ ବାକିଖିଆରୁ ହିଁ ମିଳିପାରେ । ବାକି ଖାଇବା ତେଣୁ ମୋ ମତରେ ବେଶୀ ରୋମାଣ୍ଟିକ । ଏମିତିରେ ତ ଆମର ଜାତୀୟ ନୀତି ବାକି ଖାଇବା, ତେଣୁ ଏଥିରେ ରୋମାଣ୍ଟିକ୍ ଟଚ୍ ରହିଲେ କ୍ଷତି କ'ଣ ? ପଛକୁ କ'ଣ ହେବ ସେ ଆଶଙ୍କା ରହିବ ନାହିଁ...

ମୋତେ ଅନ୍ୟମନସ୍କ ଥିବାର ଲକ୍ଷ୍ୟକରି ବନ୍ଧୁ ପଚାରିଲେ–କ'ଣ ଭାବୁଛନ୍ତି ଏତେ ?

କହିଲି– ଏଇ ବାକିଖିଆ କଥା । ଦାସବାବୁ, ମୁଁ ଭାବୁଥିଲି ପ୍ରେମ ଅପେକ୍ଷା ବାକିରେ ଖାଇବା ଆହୁରି ରୋମାଣ୍ଟିକ୍ ! ଗୋଟାଏ ବାଦଶାହୀ ଭାବ ରହିଛି ଏଥିରେ ! ଆଗପଛ ବିଚାର ନଥାଏ ଏ ବାକି ଖାଇବାରେ !

ବନ୍ଧୁ ଅଳ୍ପ ହସି କହିଲେ– ବାକି ଖାଇବା ରୋମାଣ୍ଟିକ୍ ହୋଇପାରେ, ହେଲେ ପରେ ପଇସା ଦେଇନପାରିଲେ ହୋଟେଲ ମାଲିକର ଗାମୁଛା ବେକରେ ପଡ଼ିବା ଅସମ୍ଭବ ନୁହେଁ ।

ମୁଁ କହିଲି– ଏ ରିସ୍କ ପ୍ରେମରେ ବେଶୀ । ବାକି ଖାଇ ପଇସା ନଦେଲେ କ୍ୟାଣ୍ଟିନ୍ ଭିତରେ ବେଜିତ୍ ହେବାକୁ ପଡ଼ିପାରେ, ବିଚ୍‌ରାସ୍ତାରେ ନୁହେଁ । ହେଲେ ପ୍ରେମରେ ? ଖାଇ ଖସିଯିବାକୁ ଚେଷ୍ଟା କଲେ ଲମ୍ୱୋଦରା ପ୍ରେମିକା ର ଭାଇବନ୍ଧୁଙ୍କ ଠାରୁ ବିଚ୍‌ବଜାରରେ ଚପଲ ଖାଇବା ବିଚିତ୍ର ନୁହେଁ !

## ଆସ ମଧୁମାସ...

● ଲକ୍ଷ୍ମୀପ୍ରିୟା ପୃଷ୍ଟି

ଫେରନ୍ତା ବେଳାରେ ଏବେ ଶୁଭେ ଶୀତ କରୁଣ ସଙ୍ଗୀତ
ବସନ୍ତର ସ୍ୱାଗତ ପାଇଁକି ପିକ ଏବେ ଗାଇଲାଣି ଗୀତ
ସଫେଦ ଏ ଆକାଶର ତଳୁ ତାରା ମାନେ ଉଠିଲେଣି ହସି
ବାଆ ଏବେ ଧୀରେ ବହିଲାଣି ଫଗୁଣର ଫଗୁ ବିଞ୍ଚି ବିଞ୍ଚି ।

ନୂଆ ବଉଳର ନହୁଲି ପଣର ମଦିରା ପାତ୍ରକୁ ଧରି
ବାସ ବିଞ୍ଚି ବିଞ୍ଚି କୋମଳ ଗତିରେ ବାଆ ବହେ ଥିରିଥିରି
ହଳଦୀ ବସନ୍ତ ସ୍ୱାଗତ ଜଣାଏ ଲଳିତ ମଧୁର ସ୍ୱରେ
ହସି ହସି ଆସ ମଧୁ ମାସ ଆଗୋ ଶୀତ ଏବେ ଅପସରେ ।

ଲାଜ ଛାଡ଼ି ଏବେ ହସେ କୁମୁଦିନୀ ମିଠା ଚାହାଣି ତା ଫିଙ୍ଗି
ଭଉଣୀ ତାହାର ପଦ୍ମିନୀ ସୁନ୍ଦରୀ ହୋଇଛନ୍ତି ଦୁହେଁ ସଙ୍ଗୀ
ମଳୟ ହାତରେ ସନ୍ଦେଶ ଦିଅନ୍ତି ଋତୁରାଜ ଆସ ବାରେ
ହସିଉଠୁ ଏବେ ସୁଧନ୍ୟା ଧରଣୀ ପ୍ରୀତି ମମତାର ଡୋରେ ।

ଫେରିଯାଏ ଶୀତ ପାଶୋରି ବିଗତ ନୂଆ ପ୍ରତିଶ୍ରୁତି ଦେଇ
ଫଗୁଣ ପାଲିଙ୍କି ସଜ ହୋଇଲାଣି ଋତୁରାଜଙ୍କର ପାଇଁ ।

ମୋ. ୭୩୭୭୩୧୮୭୮୯

## ସ୍ମୃତି

● କେଦାର ରାୟ



ସ୍ମୃତି ତମେ ମୋର ଗହମା ନିଦର
ସାଉଁଟା ସପନଟିଏ,
ଧୂସର ଧରଣୀ କୋମଳ କୋରକେ
ଚମ୍ପା ଫୁଲ ପାଖୁଡ଼ାଏ ।

ବିଦିଶାର କେଉଁ ବିରହ ବିଧୁରା
ତରୁଣୀର ଟୋପେ ଲୁହ,
ତମେ କେବେ ପୁଣି ବାରୁଣାବନ୍ତର
ଅଧା ପୋଡ଼ା ଜତୁଗୃହ ।

ସ୍ମୃତି ତମେ ମୋର ଚଉଁରା ମୂଳରେ
ସଞ୍ଜ ସଳିତାର ଶିଖା,
ଗୋଧୂଳି ଲଗ୍ନରେ ଦୂର ଦିଗନ୍ତର
ଅପରୂପ ବର୍ଣ୍ଣବିଭା ।

ସ୍ମୃତି ତମେ ବୋଧେ ବୋଉ ହାତ ଖଟା
ମାମୁଘର ଆମ୍ବ ତୋଟା,
ଯେଉଁଠି ହଜିଛ ବାଲ୍ୟକାଳ ମୋର
ଅଜାଙ୍କ ବରଡ଼ା ଛତା ।

## ଇ-ମେଲ୍

● ମୃଣାଳ



ମୋ ପତ୍ନୀ ମୋତେ କହିଲେ, ଆମ କମ୍ପ୍ୟୁଟରରେ ଇଣ୍ଟରନେଟ୍ କନେକ୍ସନ ଲଗାଅ । ଇଣ୍ଟରନେଟ୍ ନ ଲଗେଇଲେ ସାହିରେ ଆଉ ଇଜ୍ଜତ ରହୁନି ।

– ଇଣ୍ଟରନେଟ୍ କ'ଣ ହେବ ?

– ମଲା ଇ-ମେଲ୍ ଆସିବ, ମୁଁ ଇ-ମେଲ୍ ପଠେଇବି ।

– ଇ-ମେଲ୍‌ଟା କ'ଣ ?

– କ'ଣ ମ ! ନ ଜାଣିଲା ଭଳି ପଚାରୁଛ ? ମେଲ୍ ହେଲା କମ୍ପ୍ୟୁଟରରେ ଚିଠି । ଯିବ କମ୍ପ୍ୟୁଟରରେ । ଆସିବ ବି କମ୍ପ୍ୟୁଟରରେ ।

ଇ-ମେଲ୍ ଯେତେବେଳେ ଆମ ସାହିର ଫିମେଲ୍ ମହଲରେ ଇଜ୍ଜତର ସୱାଲ ହୋଇଉଠିଲାଣି, ସେତେବେଳେ ଏହା ନିଃସନ୍ଦେହ ଯେ ଇଣ୍ଡିଆ ଆଗେଇଲାଣି ।

ମୁଁ କହିଲି ଚିଠି ଲେଖିବା ଆଉ ପଠେଇବା ପାଇଁ କମ୍ପ୍ୟୁଟର କ'ଣ ଦରକାର ? ହାତରେ ଲେଖୁନ ! ବାହାଘର ପୂର୍ବରୁ ମୋତେ ଯେମିତି ଲେଖୁଥିଲ ।

– ସେକାଳ ପଖାଳ ଆଉ ନାହିଁ। ସେ ବେଳକାଳ ଗଲାଣି । ଏବେ ଆଉ କେହି ଡାକରେ ଚିଠି ପଠଉନାହାନ୍ତି, କାଗଜ କଲମ ଧରି ହାତରେ ବି କେହି ଚିଠି ଲେଖୁନାହାନ୍ତି ।

– କାହିଁକି ? ହସ୍ତାକ୍ଷର ଖରାପ କି ?

– ନାଇଁ । ସମସ୍ତେ ହୁଏତ ଏସ୍‌ଏମ୍‌ଏସ୍ କରୁଛନ୍ତି ନହେଲେ ଇ-ମେଲ୍ କରୁଛନ୍ତି । ଦୂରଦୂରାନ୍ତରୁ ଗୋଟେ ସେକେଣ୍ଡ ଭିତରେ ଚିଠି ଆସିଯାଉଛି, ଚାଲିଯାଉଛି । ଆମେରିକା, ଇଂଲଣ୍ଡରୁ ବି ଗୋଟେ ସେକେଣ୍ଡ ଭିତରେ ଚିଠି ଆସିଯିବ, ଚାଲିଯିବ ।

– ଆମେରିକା, ଇଂଲଣ୍ଡରେ ଆମକୁ ଚିଠି ଦେଲାବାଲା ଲୋକ କାଇଁ ଯେ ଚିଠି ଦେବ ?

– ଆଜି ନାହିଁ, କାଲିକୁ ହେବ । ତମେ ଇଣ୍ଟରନେଟ୍ କନେକ୍ସନ ନିଅ ।

ତାଙ୍କ ସହିତ ପୁଅ ବି ସାମିଲ ହୋଇଗଲା । କହିଲା, ହଁ, ହଁ ଇଣ୍ଟରନେଟ୍ କନେକ୍ସନ ନିଅ । ମୋର ଭାରି ସୁବିଧା ହେବ ।

ପ୍ରସଙ୍ଗତଃ ଜଣେଇଦିଏ ମୋ ପୁଅ ଶ୍ରୀମାନ ଜଗନ୍ନାଥ ଓରଫ ଜଗୁବାବୁ ଅଷ୍ଟମ ଶ୍ରେଣୀରେ ପଢନ୍ତି । ତାଙ୍କ ସ୍କୁଲରେ ସଦ୍ୟ ଗୋଟେ କମ୍ପ୍ୟୁଟର ଆସିଛି । ତାକୁ ସ୍କୁଲର ପ୍ରଧାନ ଶିକ୍ଷକ ନିଜ ରୁମ୍‌ରେ ରଖିଛନ୍ତି। କାହାକୁ ହାତ ମରେଇ ଦଉନାହାନ୍ତି । କହୁଛନ୍ତି, ଦାମୀ ଯନ୍ତ୍ରଟା–ପିଲା ହାତ ମାରିଲେ ଖରାପ ହୋଇଯିବ । ଜଗୁବାବୁ ଗୋଟେ କମ୍ପ୍ୟୁଟର କୋଚିଂ ସେଣ୍ଟରରେ କମ୍ପ୍ୟୁଟର ଶିଖେ । ତା ପାଇଁ ମୋତେ ଗୋଟେ କମ୍ପ୍ୟୁଟର କିଣିବାକୁ ପଡ଼ିଛି । ସେଥିରେ ସେ ପାଠ କେତେ ପଢେ ମୁଁ କହିପାରିବିନି, ମୁଁ ଯେତେବେଳେ ଦେଖେ ସେ ସେଥିରେ ହାତିଘୋଡ଼ା, ଗୁଳିଗୋଳା ଖେଳ ଖେଳୁଥାଏ ।

–ଇଣ୍ଟରନେଟ୍ କନେକ୍ସନ ନେଲେ ତୋର କ'ଣ ଲାଭ ହେବ ? ମୁଁ ପୁଅକୁ ପଚାରିଲି । ସେ କହିଲା, ବାଃ, ମୁଁ ବିଭିନ୍ନ ୱେବସାଇଟ୍ ସର୍ଫ କରିବି ।

– ସର୍ଫ କର, କି ସାବୁନ କର । ଇଣ୍ଟରନେଟ୍ କନେକ୍ସନ ନେବାର ଖର୍ଚ୍ଚ ମାଲୁମ ଅଛି ? ଜଗୁବାବୁ ମନ୍ତବ୍ୟ ଦେଲେ, ଖର୍ଚ୍ଚକୁ ଡରିଲେ ଦୁନିଆରେ କିଛି କାମ ହୋଇପାରିବନି । ତା ମା' ସେଥିକୁ ଯୋଡ଼ିଲେ, ଇ-ମେଲରେ ଚିଠି ଦେଲେ ଖର୍ଚ୍ଚ କମ୍ ହେବ । ସାହିରେ ଇଜ୍ଜତ ବଢିବ ।

ମା'ପୁଅଙ୍କ ଜିଦ୍‌ରେ ଭଦ୍ର ଗୃହସ୍ଥକୁ ବହୁ କଥା କରିବାକୁ ପଡ଼େ । ଏକ୍ଷଣେ ଇଣ୍ଟରନେଟ୍ କନେକ୍ସନ ନିଆଗଲା । ମୋତେ ଏସବୁ ଯନ୍ତ୍ରପାତି ଶିଖିବା ଭାରି ଭିଡ଼ ଲାଗେ । ତେଣୁ ମୋଠୁ ମୋ ପୁଅ ଆଗେ ସେସବୁ ଶିଖିଗଲା । ତା'ପରେ ମୋତେ ଶିଖେଇବାକୁ ଲାଗିଲା । ତାରି ଚେଷ୍ଟାରେ ମୁଁ କେମିତି ଇ-ମେଲ ଆକାଉଣ୍ଟ ଖୋଲାଯାଏ, ଚିଠି ଲେଖାଯାଏ, ପଠାଯାଏ– ଶିଖିଗଲି ।

ତା'ପରେ ଘଟିଲା ଗୋଟେ କାଣ୍ଡ । ସେଦିନ ଥାଏ ରବିବାର । ମୋର ଅଫିସ ଛୁଟି । ପୁଅ ଯାଇଛି ତା'ର କମ୍ପ୍ୟୁଟର କ୍ଲାସ । ପତ୍ନୀ ଯାଇଛନ୍ତି ପଡୋଶୀ ଘରକୁ । ଆମ ଘରେ ଇଣ୍ଟରନେଟ ଲାଗିଥିବାରୁ ସୁସମ୍ବାଦଟି ଜଣେଇବା ଗତ କେଇଦିନ ହେଲା ତାଙ୍କର ମୁଖ୍ୟ କାର୍ଯ୍ୟ ହୋଇଛି । ମୁଁ ଇଣ୍ଟରନେଟ ଲଗେଇ ମୋ ଇ-ମେଲ୍ ଆକାଉଣ୍ଟ ଖୋଲିଲାବେଳକୁ ଦେଖିଲି, ଦୁଇଟି ଚିଠି ଆସିଛି । ଲେଖା ହୋଇଛି : ଅରଜେଣ୍ଟ । ପ୍ରଥମ ଚିଠିଟି ଖୋଲି ଦେଖେ ତ କିଏ ଜଣେ ଇବ୍ରାହିମ୍ ଅହମେଦ ମୋ ପାଖକୁ ଗୋଟେ ଲମ୍ବା ଚିଠି ଦେଇଛନ୍ତି । ଚିଠିଟି ପଢି ମୋ ଲୋମ ଟାଙ୍କୁରି ଉଠିଲା । ଚିଠିର ମର୍ମ ହେଲା : ନାଇଜେରିଆରେ ଜଣେ କୋଟିପତି ରହୁଥିଲେ । ତାଙ୍କର ପିଲାପିଲି କେହି ନାହାନ୍ତି । ସେ ବହୁ ଶହ କୋଟି ଡଲାର ରଖି ଆଖି ବୁଜିଛନ୍ତି । ଏବେ ତାଙ୍କର ଉତ୍ତରାଧିକାରୀ ଖୋଜାଚାଲିଛି । ଇବ୍ରାହିମ୍ ବାବୁ ଗବେଷଣା କରି ଜାଣିଛନ୍ତି ଯେ ମୁଁ ହେଲି ସେ କୋଟିପତିଙ୍କ ଉତ୍ତରାଧିକାରୀ । ତେଣୁ ଇବ୍ରାହିମବାବୁ ସେ ବିପୁଳ ସମ୍ପତ୍ତି ମୋତେ ଦେବାକୁ ଚାହୁଁଛନ୍ତି । ମୁଁ ଇ-ମେଲ୍ ଯୋଗେ ତାଙ୍କୁ ଯୋଗାଯୋଗ କଲେ, ସେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।

ମୋ ମୁଣ୍ଡ ଝାଇଁ ଝାଇଁ ହୋଇଗଲା । ଆନନ୍ଦରେ ସ୍ରୋତସ୍ୱିନୀଟିଏ ମୋ ଅନ୍ତରରେ ଝରିବାକୁ ଲାଗିଲା । ପାଣି ଗିଲାସେ ପିଇ ଦ୍ୱିତୀୟ ଚିଠିଟି ଖୋଲିଲି । ସେ ଚିଠିରେ ଆଉ ଗୋଟେ ଝଟ୍‌କା : ମୁଁ ଗୋଟେ ଲଟେରି ପାଇଛି । ଲକ୍ଷେ ୟୁରୋ । ଗୋଟେ ୟୁରୋ ହେଲା ପଚାଶ ଟଙ୍କା । ଲଟେରି ପାଇବା ସଂକ୍ରାନ୍ତରେ କେତେକ ଦାପ୍ତରିକ ଫର୍ମାଲିଟିଜ୍ ପୂରା କରିବା ପାଇଁ ସେ ମୋତେ ତୁରନ୍ତ ଯୋଗାଯୋଗ କରିବାକୁ କହିଛନ୍ତି ।

ଗୋଟିଏ ଦିନରେ ଦୁଇଟି ଏପରି ଇ-ମେଲ ପାଇଁ ମୁଁ ପାଗଳ ଭଳିଆ ହୋଇଗଲି । କୋଟି କୋଟି ଡଲାର, ଲକ୍ଷେ ୟୁରୋ... ! ହାୟ, ମୁଁ ମୂଢ, ଇ-ମେଲ୍ ଆକାଉଣ୍ଟଟା ଆଗରୁ କିଆଁ ନଖୋଲିଲି, ଏତେବେଳକୁ ବିଲ୍ ଗେଟ୍‌ସଙ୍କ ପାଖାପାଖି କିସମର ଧନୀ ନହେଲେ ବି ଟାଟା ବିର୍ଲା ଅମ୍ବାନି ପାଖାପାଖି ହୋଇସାରନ୍ତିଣି ।

ଏଇ ସମୟରେ ପତ୍ନୀ ତାଙ୍କ ସାହିବୁଲା ସାରି ଫେରିଲେ । ମୋ ମୁହଁ ଦେଖି ପଚାରିଲେ, କ'ଣ ହୋଇଛି ? ଦେହ ଭଲ ନାହିଁ କି ?

ମୁଁ କହିଲି, ଦେହ ମନ ସବୁ ଭଲ ଅଛି । ତମେ ଆଗେ କବାଟଟା ବନ୍ଦ କରି ମୋ ପାଖରେ ଆସି ବସ ।

ସେ କହିଲେ, ତୁମେ ପାଗଳ ହେଲ ନା କ'ଣ ! ଆମର ଆଉ ବେଳ ଅବେଳରେ କବାଟ ବନ୍ଦ କରିବାର ବୟସ ଅଛି ?

ମୁଁ କହିଲି, ସେଥିପାଇଁ କହୁନି । ଅଲଗା କାରଣ ଅଛି । ହଉ କବାଟ ବନ୍ଦ ନକର ପଛେ ମୋ ପାଖରେ ଆସି ବସ ।

ସେ ଟିକେ ଶଙ୍କାଗ୍ରସ୍ତ ମୁହଁରେ ମୋ ପାଖକୁ ଆସି ବସିଲେ । ମୋର ହଠାତ୍– ଲବ୍ଧ ସୌଭାଗ୍ୟ ବିଷୟରେ ତାଙ୍କୁ ଜଣାଇ ସାବଧାନ କରି କହିଲି, ଖବରଦାର ଏ ଖବର ପଡୋଶୀମାନଙ୍କୁ ଜଣାଇବନି । ସେମାନେ ଈର୍ଷାରେ ଜଳିଯିବେ ।

ପତ୍ନୀ କହିଲେ, ଠିକ୍ ସେଇ କାରଣରୁ ମୁଁ ଏ ଖବରଟା ସମସ୍ତଙ୍କୁ ଜଣେଇବାକୁ ଚାହୁଁଛି । ଆଗେ ତୁ ସୁହାସିନୀକୁ କହିବି । ବାଲିଯାତ୍ରାରେ ଗୁଡି ମସଲା ଲଟେରିରେ ଗୋଟେ ରେଡିଓ ପାଇ ତା'ର ଯେଉଁ ଫୁଟାଣି । ମୋତେ କହିଲା, ମୁଁ ଭାରି ଭାଗ୍ୟବତୀ । ମୋ ସ୍ୱାମୀ କହନ୍ତି ମୁଁ ହେଲି ଲକ୍ଷ୍ମୀ ।

– ହଁ, ନରେନବାବୁ ଏକଥା ନିଶ୍ଚୟ କହୁଥିବେ । ସୁହାସିନୀର ବାପା ତାଙ୍କୁ ବହୁତ ଯୌତୁକ ଦେଇଥିଲେ । ଯୌତୁକ ଆଣୁଥିବା ସ୍ତ୍ରୀ ଲକ୍ଷ୍ମୀ ନୁହେଁ ତ ଆଉ କ'ଣ !

– ଲକ୍ଷ୍ମୀ ନା ଛେନାଗୁଡ ! ମୁଁ ଏବେ ତାକୁ କହିବି, ରେଡିଓ ଜିତି ଫୁଟାଣି, ଦେଖ ଏବେ ମୁଁ ଶହ ଶହ କୋଟି ଟଙ୍କା ଜିତିଛି । ସେଥିରେ ରେଡିଓ ଫ୍ୟାକ୍ଟରି ହୋଇଯିବ ।

ମୁଁ ମୋ ପତ୍ନୀଙ୍କୁ ଏକଥା ଚେତେଇ ଦେବାକୁ ଉଚିତ ମନେ କିଲିନି ଯେ ସେ ଲଟେରି ଜିତିନି । ମୁଁ ଜିତିଛି । ବିଚାରି ଯଦି ଖୁସି ହେଉଛି ତ ହେଉ । ସେ କିଏ ମୁଁ କିଏ । ଏମିତିରେ ହିଁ ସେ ମୋ ଅର୍ଦ୍ଧାଙ୍ଗିନୀ । ଶହେ କୋଟି ପାଇଲେ, ପଚାଶ କୋଟି ତା'ର ।

ଶହ ଶହ କୋଟି ଟଙ୍କାରେ ଆମେ କ'ଣ କରିବୁ, କେଉଁଠି ଘର କିଣିବୁ, କେଉଁ କାର୍ କିଣିବୁ ଏସବୁ ଆଲୋଚନା ଆରମ୍ଭ ହୋଇଗଲା । ପତ୍ନୀ କହିଲେ, ଗୋଟେ ମେବ୍ୟାକ୍ ନା କ'ଣ ସେଇ କାର୍ କିଣିଦେବା । ଜଣେ ଗୁଟ୍‌ଖା କମ୍ପାନୀର ମାଲିକ ତା ଝିଅ ପାଇଁ ତାକୁ କିଣିଲା ବୋଲି ଫଟୋ ବାହାରିଥିଲା, ଆମର ବି ବାହାରିବ । ଲଟେରି ଟଙ୍କା ଆଣିବାକୁ ଆମକୁ ୟୁରୋପ ଯିବାକୁ ପଡିପାରେ... ୟୁରୋପ୍ ଯେତେବେଳେ ଯିବା ୟୁରୋପର ବହୁ ଭଲ ଭଲ ଦେଶ, ଯାହାର ଫଟୋ ଆମେ ହିନ୍ଦୀ ସିନେମାରେ ଦେଖୁ ତାକୁ ବୁଲିଆସିବା, ସ୍ୱିଜରଲାଣ୍ଡ ତ ନିହାତି ଯିବା ।

ଏସବୁ କଳ୍ପନା ଜଳ୍ପନା ଭିତରେ ପୁତ୍ରଶିରୋମଣି କମ୍ପ୍ୟୁଟର କ୍ଲାସ ସାରି ଫେରିଲେ । ତାଙ୍କୁ ତା' ମା କହିଲା, ବୁଝିଲୁ ଦି' ଦି'ଟା ଖୁସି ଖବର । ତୋ ବାପା ଗୋଟେ ଲଟେରି ପାଇଛନ୍ତି । ଲକ୍ଷେ ୟୁରୋ । ଆଉ ତାଙ୍କର ଦୂର ସମ୍ପର୍କୀୟ ମଉସା କିଏ ନାଇଜେରିଆରେ ଥିଲେ । ଭାରି ଧନୀ ଲୋକ । ସେ ମରିଯାଇଛନ୍ତି । ତାଙ୍କର ସମ୍ପତ୍ତିଯାକ ତୋ ବାପାଙ୍କୁ ମିଳିବ ।

– ଆଚ୍ଛା ! ପୁଅ କହିଲା । ଏକାଦିନେ ଦି' ଦିଟା ଖୁସି ଖବର । ହେଲେ ଏ ଖବର ତୁମେ ପାଇଲ କେଉଁଠୁ ?

– ଇ-ମେଲ୍ ଆସିଛି ପରା ।

– ଇ-ମେଲ୍ ? ଆଉ ତୁମେ ତାକୁ ବିଶ୍ୱାସ କରି ବସିଛ ?

– ମାନେ ?

– ମାନେ ଇଏ ଗୋଟେ ପ୍ରକାର ଠକାମି !

– ଠକାମି ?

– ହଁ । ଖୋଜଖବର ନେଇ ଦେଖ, ଆହୁରି କେତେ ଲୋକଙ୍କ ପାଖକୁ ଏମିତି ଚିଠି ଆସୁଥିବ ।

ପୁଅ ଗୋଟେ ହସ ଫୋପାଡି ଚାଲିଗଲା ।

ତା' କଥା ମୁଁ ବିଶ୍ୱାସ କଲିନି । ସେ ପିଲାଲୋକ କ'ଣ ଜାଣିଛି ! ମୁଁ ସାଙ୍ଗେ ସାଙ୍ଗେ ଫୋନ୍ କରି ରାମବାବୁଙ୍କୁ ଡକେଇଲି, ଜରୁରୀ ଦରକାର ଶୀଘ୍ର ଆସ । ରାମବାବୁ ମୋ ବନ୍ଧୁ । ଅଧ୍ୟାପକ ଲୋକ । କମ୍ପ୍ୟୁଟର ଫମ୍ପ୍ୟୁଟର ବିଷୟରେ ବେଶୀ ଜାଣେ ।

ଅଳ୍ପ ସମୟ ଭିତରେ ରାମବାବୁ ପହଞ୍ଚିଗଲେ । ତାକୁ ସବୁ କଥା କହିଲି । କଥା ଶୁଣି ସେ ବି ହସିଲା । କହିଲା, ଇ-ମେଲରେ ତୁମକୁ ଯୋଗାଯୋଗ କରିବାକୁ ଲେଖିଥିବ ?

ହଁ ! ହେଇ ଦେଖୁନ । ମୁଁ କମ୍ପ୍ୟୁଟର ସ୍କ୍ରିନ୍‌ରେ ଚିଠିଟାକୁ ଦେଖେଇଲି ।

–ତୁମେ ଯୋଗାଯୋଗ କଲାପରେ ସେ କହିବ, ପ୍ରୋସେସିଂ ବାବଦ ଏତେ ଡଲାର ପଠାଅ, କି ସେତେ ୟୁରୋ ପଠାଅ । ତୁମେ ପଠେଇବ, ତା'ପରେ ଆଁ କରି ଉପରକୁ ଚାହିଁ ବସିଥିବ । ଆଗରୁ ଖବରକାଗଜରେ ବିଜ୍ଞାପନ ବାହାରୁଥିଲା– ଦୁଇଟି ପ୍ରଶ୍ନର ଉତ୍ତର ଦିଅନ୍ତୁ, ଆଉ ରେଡିଓ ପୁରସ୍କାର ପାଆନ୍ତୁ । ତା'ପରେ ଚିଠି ଆସେ, ଏତେ ଟଙ୍କା ପଠାଅ ରେଡିଓ ଯିବ । ତା'ପରେ ଲୋକ ଟଙ୍କା ପଠେଇ ଆକାଶକୁ ଚାହିଁ ରହନ୍ତି । ଇୟେ ସେମିତି ସଂସ୍ଥା ।

– ଆଚ୍ଛା ଇଣ୍ଟରନେଟ୍‌ରେ ବି ଏମିତି ଠକାମି ଧନ୍ଦା !

– କାରିଗରୀ ଜ୍ଞାନ ସିନା ଆଗେଇଗଲା, ହେଲେ ମଣିଷର ମୌଳିକ ଦୋଷଗୁଣ ଯାହା ଥିଲା ସେଇଆ ଅଛି ।

– ମାନେ, ଏସବୁ ଧନସମ୍ପତ୍ତି ଆମକୁ ମିଳିବ ନି ?

– ପାଗଳ !

ମୁଁ ଆଉ ମୋ ପତ୍ନୀ ଭାରି ଭାରି ଦୁଃଖୀ ହୋଇଗଲୁ । କମ୍ପ୍ୟୁଟର ସ୍କ୍ରିନରେ ଚିଠିଟା ସେପର୍ଯ୍ୟନ୍ତ ଝୁଲି ରହିଥିଲା । କି-ବୋର୍ଡର ଗୋଟେ ବୋତାମ ଚିପି ଚିଠିଟାକୁ ଡିଲିଟ୍ କରିଦେଲି । ଗଲା, ମୋର କେବେ ମିଳିନଥିବା ଶହେ କୋଟି ଟଙ୍କା ।

ଏହାପରେ ମୁଁ ଗୋଟିଏ କଥା ସାର ବୁଝିଲି । ଇ-ମେଲ୍ ଆଉ ଫିମେଲ୍ ଭିତରେ ଭାରି ସାମଞ୍ଜସ୍ୟ ରହିଛି । ଉଭୟେ ବଡ଼ ଶୀଘ୍ର ବାର କଥା ପହଞ୍ଚେଇ ପାରନ୍ତି । ସେଥିରୁ ଅଧିକାଂଶ କଥା ଅ-କାମର । ଉଭୟେ ଭାରି ରହସ୍ୟମୟୀ । ଉପରକୁ ଯାହା ଦିଶନ୍ତି ଅସଲରେ ତାହା ନୁହନ୍ତି । ଭିତରେ ଭିତରେ ବହୁତ କଥା ଥାଏ, ଯାହା ସାଧାରଣ ଲୋକ ବୁଝିବା କଷ୍ଟ । ଉଭୟେ ଆଶା ଦେଖାଇ, ତା'ପରେ ଦଗା ଦେବାରେ ଏକ୍ସପର୍ଟ ।

ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୧୨ ଫେବୃଆରୀ ୨୦୨୬ । ଗୁରୁବାର

# ଡକାୟତି ଉଦ୍ୟମ ପଣ୍ଡ

**ବୈଶିଙ୍ଗା, ୧୧।୨ ଏକ୍ସପ୍ରେସ୍ ନ୍ୟୁଜ୍**

ବୈଶିଙ୍ଗା ଥାନା ଅନ୍ତର୍ଗତ ରଘୁପୁର ପଞ୍ଚାୟତର ଖୁଣ୍ଟାପୁର ଗ୍ରାମରେ ମଙ୍ଗଳବାର ସନ୍ଧ୍ୟା ସମୟରେ ଏକ ସଶସ୍ତ୍ର ଡକାୟତ ଉଦ୍ୟମ ଗ୍ରାମବାସୀଙ୍କ ପାଇଁ ପଣ୍ଡ ହୋଇଥିବା ଜଣାଯାଇଛି । ଖବରରୁ ପ୍ରକାଶ ଖୁଣ୍ଟାପୁର ଗ୍ରାମର ଚିନ୍ମୟ ମିଶ୍ରଙ୍କ ଘରେ ଏକୁଟିଆ ଥିବାବେଳେ ଆଠ ଜଣ ଡକାୟତ ପଶି ଘର ମାଲିକଙ୍କୁ ମାଡ ମାରି ବାନ୍ଧି ପକାଇଥିଲେ । ପାଖ ପଡ଼ୋଶୀ ଚିତ୍କାର ଶୁଣି ଗ୍ରାମବାସୀଙ୍କୁ ଡାକ ପକାଇବାରୁ ଶହ ଶହ ଗ୍ରାମବାସୀ ରୁଣ୍ଡ ହୋଇଯାଇଥିଲେ । ଏହା ଜାଣି ଡକାୟତମାନେ ଖସି ପଳାଇଥିଲେ । ପଛରୁ ଗୋଡାଇ ଜଣକୁ ଗ୍ରାମବାସୀ ମାଡି ବସିଥିଲେ । ତାକୁ ଘୋଷାରି ଘୋଷାରି ଘର ନିକଟକୁ ଆଣିବା ସହିତ ଉତ୍ତମ ମଧ୍ୟମ ଦେବା ସହ ବୈଶିଙ୍ଗା ପୋଲିସକୁ ଖବର ଦେଇଥିଲେ । ପୋଲିସ ପହଞ୍ଚିବା ପରେ ଆଖପାଖ ୫/୭ ଖଣ୍ଡ ମୌଜାର ଲୋକେ ରୁଣ୍ଡ ହୋଇଥିବାର ଦେଖି ପରେ ଆଉ ଗୋଟିଏ ଗାଡି ଫୋର୍ସ ସହ ପହଞ୍ଚିଥିଲା । ଖସି ଯାଇଥିବା ଆଉ ସାତ ଜଣଙ୍କୁ ନ ଧରିଲେ ପୋଲିସ ଗାଡିକୁ ଛାଡ଼ିବେ ନାହିଁ ବୋଲି ଗ୍ରାମବାସୀ ଅଡି ବସିଥିଲେ । ଅନ୍ୟପଟେ ଆହତ ଘର ମାଲିକ ଚିନ୍ମୟ ମିଶ୍ରଙ୍କୁ ଚିକିତ୍ସା ପାଇଁ ବୈଶିଙ୍ଗା ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଯାଇଥିବା ଜଣାପଡିଛି । ବୈଶିଙ୍ଗା ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବାରୁ ପୋଲିସ ଜିଲ୍ଲା ଅଧୀକ୍ଷକ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଅଫିମ ଚାଷ ଉପରେ ଚଢ଼ାଉ, ୧୧ ଅଟକ

**ବନ୍ତଲା, ୧୧।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଅନୁଗୋଳ ଜିଲ୍ଲା ସାତକୋଶିଆ ଅଭୟାରଣ୍ୟରେ ଥିବା ଜଗନ୍ନାଥପୁର ପଞ୍ଚାୟତ ଟାକରସିଂହା ଗାଁରେ ଜିଲ୍ଲା ପୋଲିସ ପକ୍ଷରୁ ଚଢ଼ାଉ ଜାରି ରହିଛି । ବହୁଳ ପରିମାଣରେ ଅଫିମ ଚାଷ କରୁଥିବା ନେଇ ବର୍ତ୍ତମାନ ପର୍ଯ୍ୟନ୍ତ ୧୧ ଜଣଙ୍କୁ ଆଟକରେ ଅଟକ ରଖାଯାଇଛି । ପୋଲିସ୍ ଏନେଇ ଗାଁର ବିଭିନ୍ନ ଯାଗାରେ ଚଢ଼ାଉ ଜାରି ରଖିଛି । ଅନୁଗୋଳ ଏସପି ରାହୁଲ ଜୈନଙ୍କ ନେତୃତ୍ୱରେ ଜରପଡା, ପୁରୁଣାକୋଟେ ଆଇଆଇସିଙ୍କ ସମେତ ୬ଜଣ ଆଇଆଇସିଙ୍କ ସହ ସ୍ପେସିଆଲ ସ୍କ୍ୱାର୍ଡ, ଗୋଟିଏ ପ୍ଲାଟୁନ୍ ଫୋର୍ସ ନିୟୋଜିତ ହୋଇଛନ୍ତି । ଉକ୍ତ ଗାଁର ବିଭିନ୍ନ ସ୍ଥାନରେ ଲୋକମାନେ ନିଜ ଘର ବାଡ଼ିରେ ମଧ୍ୟ ଅଫିମ ଚାଷ କରୁଥିବା ପୋଲିସ ଖବର ପାଇ ଏହି ଚଢ଼ାଉ କରୁଛି । ବିଳମ୍ବିତ ରାତିରୁ ଏହି ଚଢ଼ାଉ ଜାରି ରହିଛି ।

# କାଉ ମଡକ, ପହଞ୍ଚିଲେ ବିଶେଷଜ୍ଞ

**ପଟ୍ଟାମୁଣ୍ଡାଇ, ୧୧।୨ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ପୋଖରିଆପଡା ଗ୍ରାମ ଓ ଏହାର ଆଖପାଖ ଅଞ୍ଚଳରେ ଗତ ୩ରୁ ୪ ଦିନ ମଧ୍ୟରେ ୨୦ରୁ ଊର୍ଦ୍ଧ୍ୱ କାଉଙ୍କର ପାଗଳଙ୍କ ଭଳି ବୁଲି ବୁଲି ପଡି ମରିଯାଉଥିବା । ଯାହାକୁ ନେଇ ମଙ୍ଗଳବାର ଖବର ପ୍ରକାଶ ପାଇବା ପରେ ପଟ୍ଟାମୁଣ୍ଡାଇ ପ୍ରାଣୀ ବିଶେଷଜ୍ଞ ପ୍ରଦିପ ଜେନା ଘଟଣା ସ୍ଥଳରେ ପହଁଚି ଥିଲେ । ବୁଧବାର ମୃତ୍ୟୁ କାଉଙ୍କ ନମୁନା ଯାଞ୍ଚ ପରେ କାରଣ ଜଣାପଡ଼ିବ ବୋଲି ସେ କହିଛନ୍ତି ।

ଗ୍ରାମର ଅଧିବାସୀ ଫୁଲକଦେବ ପାଣ୍ଡବ କୁହନ୍ତି ଗତ କିଛି ଦିନ ହେବ କାଉ ଗୁଡ଼ିକର ବେକ ଫୁଲି ଯାଇଥିବା ବେଳେ ରାଉଣ୍ଡ ରାଉଣ୍ଡ ଘୁରିଘୁରି ଥରୁଛନ୍ତି । ପରେ ସେଠାରେ ଆଖି ମିଟି ମିଟି କରି ପଡି ମରି ଯାଉଛନ୍ତି । ମାତ୍ର ମୃତ କାଉଗୁଡିକୁ ବିଲୁଆ, କୁକୁର ନେଇ ଯାଇଥିବା ଦେଖି ମଙ୍ଗଳବାର ସ୍ଥାନୀୟ ଭିଏସଙ୍କୁ ଜଣାଇଥିଲୁ । ଯେଉଁ କାଉମାନଙ୍କର ମୃତ୍ୟୁ ହେଉଛି ତାକୁ ପୋତିଦେବାକୁ ସେ ପରାମର୍ଶ ଦେଇଥିଲେ ।

# ରାଷ୍ଟ୍ରୀୟ ପେନସନ୍ ଯୋଜନା ଦକ୍ଷତା ବିକାଶ କାର୍ଯ୍ୟକ୍ରମ

**କେନ୍ଦୁଝର, ୧୧।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଜିଲ୍ଲା କୋଷାଗାର ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ବିଭିନ୍ନ ବିଭାଗର ବିତରଣ ଅଧିକାରୀଙ୍କ ଅଂଶଗ୍ରହଣ ଏନପିଏସ୍ ବ୍ୟବସ୍ଥାକୁ ସଫଳତାର ସହ କାର୍ଯ୍ୟକାରୀ କରିବା ଲକ୍ଷ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାରହଲ ଠାରେ ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗ ଅଧୀନସ୍ଥ କୋଷାଗାର ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ୍ରମେ କେନ୍ଦୁଝର ଜିଲ୍ଲା କୋଷାଗାର ପକ୍ଷରୁ ଦକ୍ଷତା ବିକାଶ ଏବଂ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ବିଭାଗୀୟ ଅଧିକାରୀଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରାଇବା ସହ ଏନପିଏସକୁ ନେଇ ଅଧିକ ସଚେତନତା ସୃଷ୍ଟି କରିବ । ଏହାଦ୍ୱାରା ପ୍ରତ୍ୟେକ କାର୍ଯ୍ୟାଳୟରେ ଅଧିକାରୀ ଏବଂ କର୍ମଚାରୀମାନେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ଉପକୃତ ହେବେ । ଏହି ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଓଡ଼ିଶା କୋଷାଗାର ଓ ନିରୀକ୍ଷଣ ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ ଭୁବନେଶ୍ୱର ପଙ୍କଜ କୁମାର ମହାନ୍ତ ଏନପିଏସ୍ ସମ୍ପର୍କିତ ବିଭିନ୍ନ ବୈଷୟିକ ତଥ୍ୟ ପ୍ରଦାନ କରିବା ସହ ଆଲୋଚନା କରିଥିଲେ । ଜିଲ୍ଲାର ବିଭିନ୍ନ ସରକାରୀ କାର୍ଯ୍ୟାଳୟର ବିତରଣ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ରାଷ୍ଟ୍ରୀୟ ପେନସନ୍ ଯୋଜନା ସମ୍ବନ୍ଧୀୟ ବିଭିନ୍ନ ଜଟିଳ ପ୍ରଶ୍ନର ସରଳ ସମାଧାନ ସମ୍ପର୍କିତ ଏକ ମାର୍ଗଦର୍ଶିକା ସଭିଙ୍କୁ ପ୍ରଦାନ କରାଯାଇଥିଲା । ସୂଚନାଯୋଗ୍ୟ ଯେ, ରାଷ୍ଟ୍ରୀୟ ପେନସନ୍ ଯୋଜନାରେ ଅନ୍ତର୍ଭୁକ୍ତ ଓଡିଶା ସରକାରଙ୍କ ସମସ୍ତ କର୍ମଚାରୀ ଏବଂ ଡିଡିଓମାନଙ୍କ ନିମନ୍ତେ ଚଳିତମାସ ୯ରୁ ୧୩ ତାରିଖ ପର୍ଯ୍ୟନ୍ତ ଏନପିଏସର ରାଜ୍ୟବ୍ୟାପୀ ସେବା ସପ୍ତାହ ପାଳନ ହେଉଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଅତିରିକ୍ତ ଜିଲ୍ଲା କୋଷାଗାର ଅଧିକାରୀ ଏସ. ହିମାନୀ, କାର୍ଯ୍ୟାଳୟର ଅଡିଟର ଚିନ୍ମୟ ପ୍ରଧାନ, କନିଷ୍ଠ ସହାୟକ ଆର୍ତ୍ତସାରଥୀ ପଟ୍ଟନାୟକଙ୍କ ସମେତ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ ।

# ନେତାଜୀ କ୍ଲବକୁ ହରାଇ ଜଗନ୍ନାଥ କ୍ଲବ ବିଜୟୀ

**ରାଜନଗର, ୧୧।୨ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ଖମାରସାହି ପଞ୍ଚାୟତରେ ଆରପିଜି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ମ୍ୟାଚରେ ଜଗନ୍ନାଥ କ୍ରିକେଟ କ୍ଲବ ରଗଡାପାଟିଆ ବନାମ ନେତାଜୀ କ୍ରିକେଟ କ୍ଲବ ନଳିତାପାଟିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଟସ ଜିତି ଜଗନ୍ନାଥ କ୍ରିକେଟ କ୍ଲବ ବ୍ୟାଟିଂ ନିଷ୍ପତ୍ତି ନେଇ ପଡିଆକୁ ଓହ୍ଲାଇଥିଲା । ଦଳ ନିର୍ଦ୍ଧାରିତ ୧୦ଓଭରରେ ୧୫୭ରନ କରିଥିଲା । ଜବାବରେ ନେତାଜୀ କ୍ରିକେଟ କ୍ଲବ ୧୦ ଓଭରରେ ସମସ୍ତ ୱିକେଟ ହରାଇ ୧୫୨ରନ କରି ପରାଜୟବରଣ କରିଥିଲା । ଶୁଭାଷିଶ ଗନ୍ତାୟତ ମ୍ୟାନ ଅଫ ଦି ମ୍ୟାଚ ଓ ଶିବସୁନ୍ଦର ରାଉତ ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ ଘୋଷିତ ହୋଇଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ୬ଟି ଦଳ ଭାଗ ନେଇଥିଲେ । ଉଦ୍‌ଯାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ତାଳଚୁଆ ଆଇଆଇସି ସନ୍ଧ୍ୟାରାଣୀ ଜେନା, ସମ୍ମାନୀତ ଅତିଥି ଭାବେ ସମାଜସେବୀ ସମୀର ବେହେରା ଓ ଲକ୍ଷ୍ମଣ ସିଂ, ସୟ ମହାନ୍ତି, ପ୍ରଦୀପ କୁଣ୍ଡ, ରଶ୍ମିରନ ଦାସ, ଏଡିଇଓ କୈଳାସ ବାରିକ, ଶ୍ରୀମନ୍ତ ମଣ୍ଡଳ ପ୍ରମୁଖ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ ।

# ରୁଦ୍ର ମହାଯଜ୍ଞ ପ୍ରସ୍ତୁତି

**ପଟ୍ଟାମୁଣ୍ଡାଇ, ୧୧।୨ ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ହାଟପାଟଣା ହଟକେଶ୍ୱର ମହାଦେବଙ୍କ ୧୪ତମ ବାର୍ଷିକ ରୁଦ୍ର ମହାଯଜ୍ଞ ପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି । ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଯଜ୍ଞ କମିଟି ସଭାପତି ଭୀମସେନ ଦାସଙ୍କ ପୌରହିତ୍ୟରେ ଆୟୋଜିତ ବୈଠକ ପୁରୁଷୋତ୍ତମ ଦାସ, ନିରନ ମହାନ୍ତି, ବ୍ରହ୍ମାନନ୍ଦ ରାଉତ, ବିଜୟ କବି ତ୍ରିଲୋଚନ ମହାନ୍ତି ବିଜୟ ଦାସ ସୁରେଶ ମହାନ୍ତି ଦାଶରଥୀ ପରିଡା ସୁଶାନ୍ତ ନାୟକ, ଉମାକାନ୍ତ ଦାସ ଭକ୍ତ ରନ ମହାନ୍ତି ପ୍ରଶାନ୍ତ ନାୟକ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ । ଏହି ରୁଦ୍ର ମହାଯଜ୍ଞ ଆସନ୍ତା ୧୨ରୁ ୧୫ ତାରିଖ ଶିବ ରାତ୍ରୀ ପର୍ଯ୍ୟନ୍ତ ୪ଦିନ ବ୍ୟାପି ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଏହି ଧର୍ମାନୁଷ୍ଠାନରେ ବହୁ ସଂଖ୍ୟାରେ ଯୋଗଦେଇ ସଫଳ କରିବାକୁ ନିବେଦନ କରାଯାଇଛି ।

# ଚେତନା ସମାଜର ସାମାଜିକ ସଚେତନତା

**କେନ୍ଦ୍ରାପଡା, ୧୧।୨ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ଶ୍ୟାମସୁନ୍ଦରପୁର ମାଧ୍ୟମିକ ବିଦ୍ୟାଳୟରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଇପ୍ସିତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ସାମାଜିକ ସଚେତନତା ସଂପର୍କିତ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ସଂଗଠନର ସଭାପତି ବଜ୍ରକିଶୋର ବିଶ୍ୱାଳ ମୂଲ୍ୟବୋଧ ଭିତିକ ସମାଜ ଗଠନ ପାଇଁ ଛାତ୍ରମାନଙ୍କର ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ସମ୍ପାଦକ ଅଧାପକ ଅଜୟ ସାମଲ ଛାତ୍ରମାନେ ଦୂରଦୃଷ୍ଟୀ ସମ୍ପନ୍ନ ହେବାପାଇଁ ଦେଶ ବିଦେଶ ଖବର, ମୂଲ୍ୟବୋଧ ଭିତିକ ଶିକ୍ଷା ଗ୍ରହଣ କରିବା ଏବଂ ଗାନ୍ଧିଜୀଙ୍କ ନୀତି ଆଦର୍ଶ ସମ୍ପର୍କରେ ଜ୍ଞାନ ଆହରଣ କରିବା, ନିଶା ନିବାରଣ, ଯୌତୁକ ପ୍ରଥା, ବୃକ୍ଷ ରୋପଣ ଓ ସାମାଜିକ ସଚେତନତା ଉପରେ ଆଲୋକପାତ କରିଥିଲେ । ଶିକ୍ଷକ ଶ୍ରୀଚରଣ ସାମଲ ବୈଜ୍ଞାନିକ ବିଚାରଧାରା ସାମ୍ପ୍ରତିକ ସମାଜ ପାଇଁ ଆବଶ୍ୟକ ବୋଲି ମତ ରଖି ଅନ୍ଧବିଶ୍ୱାସଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ । ପୂର୍ବତନ ଶିକ୍ଷକ ରବିନ୍ଦ୍ର ପ୍ରସାଦ ଜେନା, ପରିବେଶ ପ୍ରଦୂଷଣ ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ ଉପରେ ବକ୍ତବ୍ୟ ରଖିଥିଲେ । ଯୁଗ୍ମ ସମ୍ପାଦକ ଆଦିକନ୍ଦ ରାଉଳ ନିଶା ନିବାରଣ, ଗାନ୍ଧୀବାଦ ଏବଂ ସର୍ବୋପରି ଛାତ୍ରଛାତ୍ରୀମାନେ ଶୃଙ୍ଖଳିତ ଏବଂ ଧର୍ଯ୍ୟବାନ୍ ହେବା ପାଇଁ ପରାମର୍ଶ ଦେଇଥିଲେ । ଶିକ୍ଷକ ପ୍ରତାପ କୁମାର ନାୟକ ସାମ୍ପ୍ରତିକ ସମାଜରେ ମୂଲ୍ୟବୋଧ ଭିତିକ କାର୍ଯ୍ୟକ୍ରମ ଗ୍ରହଣ କରିବା ପାଇଁ ଆହ୍ୱାନ ରଖିଥିଲେ । ଶିକ୍ଷକ ନୃସିଂହ ଚରଣ ତ୍ରିପାଠୀ ଛାତ୍ରଛାତ୍ରୀମାନଙ୍କର ସାକାରାତ୍ମକ ଦୃଷ୍ଟୀଭଙ୍ଗୀ ନେଇ ଆଲୋଚନା କରାଇ ଧର୍ଯ୍ୟବାନ୍ ଏବଂ ସାହାସୀ ହେବା ସହ ସାମାଜିକ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ । ଶିକ୍ଷୟିତ୍ରୀ ମଧୁସ୍ମିତା ଦାସ, ନିର୍ମଳା ସାମଲ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ।

# ଉଚ୍ଛେଦ ପରେ କ୍ଷତିଗ୍ରସ୍ତଙ୍କୁ ଥଇଥାନ ଦାବି

**ବୌଦ୍ଧ, ୧୧।୨ ଏକ୍ସପ୍ରେସ୍ ନ୍ୟୁଜ୍**



ବୌଦ୍ଧ ସହର ମଧ୍ୟରେ ରାସ୍ତାକଡରେ ଦୀର୍ଘ ବର୍ଷ ଦୋକାନ କରି ବିଭିନ୍ନ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିଲେ । ବୌଦ୍ଧ ଜିଲ୍ଲା ପ୍ରଶାସନ ପକ୍ଷରୁ ଗତ ୨୦୨୫ ଡିସେମ୍ବର ମାସରେ ରାସ୍ତାକଡରୁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା । ଯାହାଫଳରେ ରାସ୍ତାକଡରେ ଥିବା ଦୋକାନୀଙ୍କ ଦୋକାନ ଜବରଦଖଲ ଉଚ୍ଛେଦ ନାମରେ ଭଙ୍ଗା ଯାଇଥିଲା । ଯାହାଫଳରେ ଏନେକ ଦୋକାନୀ ନିଜର ଜୀବିକା ହରାଇ ବସିଥିଲେ । ସେହିପରି ବୌଦ୍ଧ ବସଷ୍ଟାଣ୍ଡ ଠାରେ ବୌଦ୍ଧଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ପିଏଚଡି କାନ୍ଥକୁ ଲଗାଇ ପ୍ରାୟ ୩୨ଟି ଛୋଟ ଛୋଟ ଷ୍ଟଲମାନ କରାଯାଇ ବିଭିନ୍ନ ଲୋକଙ୍କୁ ଭଡା ସୂତ୍ରରେ ପ୍ରଦାନ କରାଯାଇଥିଲା । ଏହି ଦୋକାନୀମାନେ ସେଠାରେ ଫଳଦୋକାନ, ଥଣ୍ଡା ପାନୀୟ ଦୋକାନ, ପାନଦୋକାନ, ସେଲୁନ, ମୋବାଇଲ ଦୋକାନ, ମୋବାଇଲ ରିଚାର୍ଜ ଦୋକାନ, ଅଣ୍ଡା ଦୋକାନ ଆଦି କରି ସେମାନଙ୍କର ପରିବାର ପ୍ରତିପୋଷଣ କରୁଥିଲେ । ହେଲେ ନୂତନ ବସଷ୍ଟାଣ୍ଡ ସଂପ୍ରସାରଣ ନାମରେ ଦୋକାନ ଗୁଡିକୁ ଭାଙ୍ଗିବା ପାଇଁ ଏହି ଦୋକାନୀମାନଙ୍କୁ ଦୋକାନ ଖାଲି କରିବାକୁ ନିର୍ଦ୍ଦେଶ ଦିଆଗଲା । ପ୍ରଶାସନ ଓ ଏନଏସିର ନିର୍ଦ୍ଦେଶ ଅନୁସାରେ ଦୋକାନୀମାନେ ସେମାନଙ୍କ ସମସ୍ତ ଜିନିଷ ଉଠାଇ ନେଇ ଦୋକାନ ଗୁଡିକ ଛାଡିଦେଇଥିଲେ । ପ୍ରଶାସନ ପକ୍ଷରୁ ସମସ୍ତ ଦୋକାନଗୁଡିକୁ ଭାଙ୍ଗି ଦିଆଗଲା । ଯାହାଫଳରେ ଏଠାରେ ଦୋକାନ କରି ଗୁଜୁରାଣ ମେଣ୍ଟାଉଥିଲେ ସେହି ଦୋକାନୀମାନଙ୍କ ଏବେ ଚିନ୍ତାରେ ପଡିଯାଇଛନ୍ତି । ସେମାନଙ୍କ ଆଗକୁ କ'ଣ କରିବେ ତାହାକୁ ନେଇ ଚିନ୍ତାରେ ପଡିଯାଇଛନ୍ତି । ଇତିମଧ୍ୟରେ କିଛି ଦୋକାନୀ ଛତାଟାଣି, ଜରିପାଲଟାଣି ଆଉ କିଏ ଠେଲାଗାଡି କରି ସେଠାରେ ଅସ୍ଥାୟୀ ଭାବରେ ଦୋକାନ ଖୋଲି ବ୍ୟବସାୟ କରୁଛନ୍ତି । ବାକି ଦୋକାନୀ ଜିନିଷଗୁଡିକୁ ଘରେ ବାନ୍ଧି ରଖିଛନ୍ତି କେଉଁଠାରେ ସେମାନଙ୍କ ଦୋକାନ ଖୋଲିବେ ତାହାକୁ ନେଇ ଚିନ୍ତାରେ ପଡିଯାଇଛନ୍ତି । ସେପଟେ ଦୋକାନଗୁଡିକ ଭାଙ୍ଗିଦିଆଯିବା ଫଳରେ ଯାତ୍ରୀମାନଙ୍କ ଉପରେ ଏହାର ପ୍ରଭାବ ପଡିଛି । ଯାତ୍ରୀମାନେ ସେମାନଙ୍କ ଆବଶ୍ୟକ ଜିନିଷ ଆଉ ପାଉନାହାନ୍ତି । ଏପରିକି ପିଇବା ପାଣି ବୋତଲଟେ ପାଇଁ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବସଷ୍ଟାଣ୍ଡ ଆଗଭଳି ଯେପରି ଗହଳ ଚହଳ ଜଣାପଡୁଥିଲା ଦୋକାନ ଗୁଡିକ ଭଙ୍ଗାଯିବା ପରେ ଏକପ୍ରକାର ଖାଁ ଖାଁ ଜଣାପଡୁଛି । ଆଗକୁ ଖରା ଦିନ ଆସୁଥିବା ବେଳେ ବର୍ତ୍ତମାନ ଯେଉଁମାନେ ଅସ୍ଥାୟୀ ଭାବରେ ଦୋକାନ କରିଛନ୍ତି ସେମାନେ ଆଉ ଖରାବେଳ ସମୟରେ ଦୋକାନ କରିବା କଷ୍ଟକର ହୋଇପଡିବ । ଏପରିକି ଅଦିନିଆ ମେଘ ହେଲେ ବାଧ୍ୟ ହୋଇ ଦୋକାନଗୁଡିକ ବନ୍ଦ କରିଦେବେ । ଦୋକାନ ବନ୍ଦ ହେବା ଫଳରେ ସେମାନଙ୍କ ସହିତ ଯାତ୍ରୀମାନଙ୍କର ଅନେକ ଅସୁବିଧା ହେବ । ପ୍ରଶାସନ ଭାଙ୍ଗି ପୂର୍ବରୁ ଏମାନଙ୍କ ବିଷୟରେ ପ୍ରଥମେ ଚିନ୍ତା କରିବାର ଥିଲା । ଏହି ଦୋକାନୀମାନଙ୍କୁ ପ୍ରଥମେ ଥଇଥାନ କରିଥାନ୍ତା ତାପରେ ଦୋକାନ ଗୁଡିକ ଭାଙ୍ଗିଥିଲେ ଏମାନଙ୍କର ରୋଜଗାରରେ ସେତେଟା ପ୍ରଭାବ ପଡିନଥାନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି । ଏନେଇ ବୌଦ୍ଧଗଡ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରି ସତ୍ୟନାରାୟଣ ପ୍ରଧାନଙ୍କୁ ପଚାରିବାରୁ ସେମାନଙ୍କ ଥଇଥାନ ପାଇଁ ଉଦ୍ୟମ କରାଯାଉଛି ବୋଲି କହିଥିଲେ ।

# ଦଶମ ପରୀକ୍ଷା ପରିଚାଳନା ପ୍ରସ୍ତୁତି

**ମାଲକାନଗିରି, ୧୧।୨ ଏକ୍ସପ୍ରେସ୍ ନ୍ୟୁଜ୍**

ମାଲକାନାଗିରି ଜିଲ୍ଲାରେ ଚଳିତ ବର୍ଷ ଦଶମ ବୋର୍ଡ ପରୀକ୍ଷା ଆୟୋଜନ ନେଇ ସ୍ଥାନୀୟ ଜିଲ୍ଲା ପରିଷଦ ସଭାକକ୍ଷ ଠାରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ, ଉପ ଆରକ୍ଷୀ ଅଧିକ୍ଷକ ଓନମ୍ ଲାକ୍ରା, ଜିଲ୍ଲା ମଙ୍ଗଳ ଅଧିକାରୀ ଏ ଶ୍ରୀନିବାସ ଆଚାରୀ, ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ଉପସ୍ଥିତି ଥିଲେ । ଏହି ବୈଠକରେ ଦଶମ ବୋର୍ଡ ପରୀକ୍ଷା କେନ୍ଦ୍ର ପରିଚାଳକ, ନୋଡାଲ କେନ୍ଦ୍ର ପ୍ରଧାନ ଶିକ୍ଷକ ଏବଂ ପ୍ରଶ୍ନପତ୍ର ରହିଥିବା କେନ୍ଦ୍ରର ଥାନା ଅଧିକାରୀଙ୍କୁ ନେଇ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଏହି ପ୍ରଶିକ୍ଷଣ ଶିବିରରେ ଅତିରିକ୍ତ ଶିକ୍ଷା ଅଧିକାରୀ ଭାଗୀରଥି ବେହେରା ବୋର୍ଡ କାର୍ଯ୍ୟାଳୟ କଟକ ଦ୍ୱାରା ନିର୍ଦ୍ଧାରିତ ନିୟମାବଳୀ ସବୁ ବୁଝାଇଥିଲା ବେଳେ ଅତିରିକ୍ତ ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ଅନ୍ୟାନ୍ୟ ନୀତି ନିୟମ ପରିବେଷଣ କରିଥିଲେ । ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜଗନ୍ନାଥ ପ୍ରସାଦ ବେହେରା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲା ବେଳେ ସମସ୍ତ ୪୬ ପରୀକ୍ଷା କେନ୍ଦ୍ର ପରିଚାଳକ ଓ ୨୦ ନୋଡାଲ ପ୍ରଧାନ ଶିକ୍ଷକ ସହ ପୋଲିସ ଅଫିସର ଯୋଗ ଦେଇଥିଲେ । କାର୍ଯ୍ୟାଳୟ ତରଫରୁ ଏହି ବର୍ଷ ମାଲକାନଗିରି ଜିଲ୍ଲାରୁ ଦଶମ ପରୀକ୍ଷାରେ ରେଗୁଲାର ଓ ଓପନ ସ୍କୁଲ ମିଶେଇ ୯୮୭୫ ପରୀକ୍ଷାର୍ଥୀ ୧୯ ଫେବୃଆରୀରୁ ୨ ମାର୍ଚ୍ଚ ଯାଏଁ ଭାଗ ନେବେ ।

# ଚାଷୀ ସମସ୍ୟା ସମାଧାନ ନହେଲେ ଆନ୍ଦୋଳନ

**ଝାରସୁଗୁଡ଼ା, ୧୧।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଝାରସୁଗୁଡ଼ା ଜିଲ୍ଲାରେ ଦୀର୍ଘ ଦିନ ଧରି ଲାଗି ରହିଥିବା ଚାଷୀ ସମସ୍ୟା ନେଇ ପୂର୍ବତନ ବିଧାୟିକା ଦୀପାଳି ଦାସ ମୁହଁ ଖୋଲିଛନ୍ତି । ଚାଷୀଙ୍କ ପାଇଁ ବିକ୍ଷୋଭ ପ୍ରଦର୍ଶନ ପୂର୍ବକ ଜିଲ୍ଲାପାଳଙ୍କ ନିକଟରେ ନ୍ୟାୟ ମାଗିଛନ୍ତି । ଝାରସୁଗୁଡ଼ା ଜିଲ୍ଲା କୃଷକ କ୍ରିୟାନୁଷ୍ଠାନ କମିଟି ଏବଂ ପୂର୍ବତନ ବିଧାୟିକା ଦୀପାଳି ଦାସଙ୍କ ନେତୃତ୍ୱରେ ଶତାଧିକ ଚାଷୀ ବେହେରାମାଳ କିଷାନ ଛକରୁ ବିରାଟ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ । ସେଠାରେ ଜିଲ୍ଲାର ଚାଷୀମାନଙ୍କ ପ୍ରତି ହେଉଥିବା ମୁଁ ଅବିଚାର ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପରେ ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଧାନ କ୍ରୟରେ ହୋଇଥିବା ଅନିୟମିତତା, ଟାର୍ଗେଟ ନିର୍ଦ୍ଧାରଣ ଏବଂ ଟୋକନ ସମସ୍ୟାର ତୁରନ୍ତ ସମାଧାନ କରିବାକୁ ଦାବି ହୋଇଛି । ଚାଷୀମାନଙ୍କୁ ଦିଆଯାଉଥିବା ବୋନସ ୮୦୦ ଟଙ୍କା ସହିତ ୩୧୬୯ ଟଙ୍କା ମିଳିବା କଥା । କିନ୍ତୁ ମିଳୁଛି ୩୧୦୦ ଟଙ୍କା । କ୍ୱିଣ୍ଟାଲ ପ୍ରତି ଅବଶିଷ୍ଟ ୬୯ ଟଙ୍କା ମଧ୍ୟ ଦିଆଯାଉ ବୋଲି ଚାଷୀ ଦାବି କରିଛନ୍ତି । ଅବଧି ସରି ଯାଇଥିବା ଟୋକନର ତୁରନ୍ତ ନବୀକରଣ, ୧୫୦ କ୍ୱିଣ୍ଟାଲରୁ ଅଧିକ ଧାନ ବିକ୍ରି କରୁଥିବା ଚାଷୀଙ୍କୁ ମଧ୍ୟ ଇନ୍‌ପୁଟ ସବ୍‌ସିଡି ପ୍ରଦାନ, ୧୫୦ କ୍ୱିଣ୍ଟାଲ ଧାନ ବିକ୍ରି ଟୋକନ ପାଇଥିବା ଚାଷୀ ୭୫ କ୍ୱିଣ୍ଟାଲ କରିଥିବା ବିକ୍ରି ବେଳେ ବାକି ୭୫ କ୍ୱିଣ୍ଟାଲ ଧାନ ବିକ୍ରି ବ୍ୟବସ୍ଥା ନେଇ ଦାବି ହୋଇଛି । ଲଇକେରା ବ୍ଲକରେ ବାକିଥିବା ୩୯୭୦୦ କ୍ୱିଣ୍ଟାଲ, କିମିରା ବ୍ଲକର ୨୧ ହଜାର କ୍ୱିଣ୍ଟାଲ, କୋଲାବିରା ବ୍ଲକ ୨୪୬୫୦ କ୍ୱିୟାଲ, ଝାରସୁଗୁଡା ବ୍ଲକର ୧ ଲକ୍ଷ କ୍ୱିଣ୍ଟାଲ, ଲଖନପୁର ବ୍ଲକର ୩୦ ହଜାର କ୍ୱିଣ୍ଟାଲ ଧାନ ବିକ୍ରି ପାଇଁ ଜିଲ୍ଲାପାଳ ତୁରନ୍ତ ବ୍ୟବସ୍ଥା କରନ୍ତୁ ବୋଲି ଦାବି ହୋଇଛି । ଚାଷୀ ସମସ୍ୟା ସମାଧାନ ନେଇ ତୁରନ୍ତ ପଦକ୍ଷେପ ଗ୍ରହଣ ନକଲେ ଜୋରଦାର ଆନ୍ଦୋଳନ ସହିତ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦିଆଯାଇଛି । ପୂର୍ବତନ ବିଧାୟିକା ଦୀପାଳି ଦାସଙ୍କ ସହିତ ଚାଷୀ ସଂଗଠନର ଜଗନ୍ନାଥ ଜେନା, ଟଙ୍କ ନାଇକ, ଦିଲୀପ ବଡେଇ, ଅର୍ଜୁନ ମେହେର, ଲକ୍ଷ୍ମଣ ସାହୁ, ଭୁପାଳ ବେହେରା, ଶାନ୍ତନୁ ନାଇକ, ପୁରୁଷୋତ୍ତମ ନାଇକ, ନବୀନ ନାଇକ, ତପୀ ମରେଇ, ଚୂଡ଼ାମଣି ସାହୁ, ପିଣ୍ଟୁ ପାଢ଼ୀ, ଦାମୋଦର ନାଥ, ରାଜୀବ ପାଣିଗ୍ରାହୀ, ରବିରନ୍ ପ୍ରଧାନ, ଦିଗାମ୍ବର ଭୋଇ, ମଣ୍ଟୁ ନାଇକ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ ।

# ସମବାୟ ଓ ଯୋଗାଣ ମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ

**ମାହାଙ୍ଗା, ୧୧।୨ ଏକ୍ସପ୍ରେସ୍ ନ୍ୟୁଜ୍**




ସାରା ରାଜ୍ୟରେ ମଣ୍ଡି ଅବ୍ୟବସ୍ଥା, ଧାନ କିଣା ବିକାରେ ହେରଫେର ଓ କଟନିଛଟନି ବିରୋଧରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସଙ୍କ ଆହ୍ୱାନ କ୍ରମେ ଓ ରାଜ୍ୟ କିଷାନ କଂଗ୍ରେସ ସଭାପତି ଅଭୟ ସାହୁଙ୍କ ନିର୍ଦ୍ଦେଶରେ ମାହାଙ୍ଗା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ମାହାଙ୍ଗା କିଷାନ କଂଗ୍ରେସ ପକ୍ଷରୁ ପ୍ରତିବାଦ ସଭା କରାଯିବା ସହ କୃଷକ ବିରୋଧି କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ କୁଶ ପୁତଳିକା ଦାହ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ କିଷାନ କଂଗ୍ରେସ ଉପସଭାପତି ଡଃ କାର୍ତ୍ତିକ ଚନ୍ଦ୍ର ବରାଳ, ମାହାଙ୍ଗା ଯୁବନେତା ସେକ ମସୁଦ ଅଲି, ପ୍ରାକ୍ତନ ବ୍ଲକ କଂଗ୍ରେସ ସଂପାଦକ ଆଇନଜୀବୀ ଦୀପକ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ସରକାରଙ୍କ ବିରୁଦ୍ଧରେ କୃଷକ ମାରଣ ନୀତି ପ୍ରତିବାଦରେ ବିଭିନ୍ନ ନାରା ବାଜି ଦେଇ ମାହାଙ୍ଗା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି କୁଶ ପୁତଳିକା ଦାହ କରିଥିଲେ । ଏହି ଅବସରରେ ଖ୍ୟାତନାମା ଚାଷୀ ତ୍ରୈଲୋଚନ ପରିଡା ଏବଂ ପୂର୍ବତନ ମନ୍ତ୍ରୀ ସେକ ମତଲୁବ ଅଲିଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଦେଇ ଶୋଭାଯାତ୍ରାରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା କିଷାନ କଂଗ୍ରେସ ସଂଯୋଜକ ସୁକାନ୍ତ ନନ୍ଦ, କ୍ଷୀରୋଦ କୁମାର ସାହୁ, ସଂଗ୍ରାମ ସାମଲ, ଗଣେଶ୍ୱର ସ୍ୱାଇଁ, ନଳିନୀକାନ୍ତ ନାୟକ, କାର୍ତ୍ତିକ ସିଂହ, ଶ୍ୟାମସୁନ୍ଦର ସ୍ୱାଇଁ, ବୟକୃଷ୍ଣ ସାମଲ, ଦାମୋଦର ସ୍ୱାଇଁ, କେଶବ ସ୍ୱାଇଁ, ଦିଲୀପ କୁମାର ସ୍ୱାଇଁ, ବିଦ୍ୟାଧର ବେହେରା, ବଳରାମ ସ୍ୱାଇଁଙ୍କ ସମେତ ବହୁ ଚାଷୀ ଉପସ୍ଥିତ ରହିଥିଲେ ।

# ଦକ୍ଷତା ବିକାଶ ମିଶନ ବୈଠକ

**କେନ୍ଦୁଝର, ୧୧।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଜିଲ୍ଲାପାଳ ବିଶାଳ ସିଂହଙ୍କ ଅଧ୍ୟକ୍ଷତାରେ ଦରବାରହଲ୍‌ଠାରେ ୨୦୨୫-୨୬ ଆର୍ଥିକବର୍ଷର ଦ୍ୱିତୀୟ ଜିଲ୍ଲା ଦକ୍ଷତା ବିକାଶ ମିଶନ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାର ଯୁବକ ଯୁବତୀମାନଙ୍କ ଦକ୍ଷତା ବିକାଶ ଏବଂ ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ବୈଠକରେ ମୁଖ୍ୟତଃ 'ନୂଆ ଓଡ଼ିଶା' ଓ ପ୍ଲେସମେଣ୍ଟ ଲିଙ୍କଡ୍ ଟ୍ରେନିଂ କାର୍ଯ୍ୟକ୍ରମ ଜରିଆରେ ଜିଲ୍ଲାର ୧୩ଟି ବ୍ଲକରେ ଚାଲୁଥିବା ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମର ସମୀକ୍ଷା କରାଯିବା ସହ ଏହାର ସଫଳ ରୂପାୟନ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ୨୦୨୫-୨୬ ଓଏସଏମଇ କ୍ୟାମ୍ପସରେ ଆୟୋଜନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଏଥିରେ ପ୍ରାୟ ୬୦ ଜଣ ସିଧାସଳଖ ନିଯୁକ୍ତିଦାତା ଏବଂ ବିଭିନ୍ନ ଶିଳ୍ପ ସଂସ୍ଥା ଯୋଗଦେବା କାର୍ଯ୍ୟକ୍ରମ ରହିଛି ।

# ପୋଲସରା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ

**ବ୍ରହ୍ମପୁର/ପୋଲସରା, ୧୧।୨ ଏକ୍ସପ୍ରେସ୍ ନ୍ୟୁଜ୍**



ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ପୋଲସରା ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ ମଙ୍ଗଳବାର ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପୋଲସରା ବିଧାନସଭା କ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ସମୀକ୍ଷା ସହ ଭବିଷ୍ୟତ ପରିକଳ୍ପନା ଉପରେ ବିଷଦ ଆଲୋଚନା ହୋଇଥିଲା । ମନ୍ତ୍ରୀ ଶ୍ରୀ ମଲ୍ଲିକ ସମସ୍ତ ବିଭାଗକୁ ପୋଲସରା ବିଧାନସଭା କ୍ଷେତ୍ରର ସାମଗ୍ରିକ ଉନ୍ନତି ପାଇଁ ଡିପିଆର ତା'ସହ ପୋଲସରା ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କ ସାମୁହିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଭିନ୍ନ ପ୍ରକଳ୍ପର ରୂପରେଖ ଓ ସେହି ସମ୍ପର୍କିତ ପ୍ରସ୍ତାବ ଆଗତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତା'ସହ ସେ ସଠିକ ଅନ୍ତର୍ବିଭାଗୀୟ ସମନ୍ୱୟ ଓ ପାରସ୍ପରିକ ସହଯୋଗ ଉପରେ ପ୍ରାଧାନ୍ୟ ଦେବା ପୂର୍ବକ 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ' ଲକ୍ଷ୍ୟ ପୂରଣରେ ପୋଲସରାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ୍ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ଅଗଷ୍ଟ ୧୬, ୨୦୨୪ ତାରିଖରେ ଆୟୋଜିତ ପୂର୍ବବର୍ତ୍ତୀ ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକରେ ଗୃହୀତ ନିଷ୍ପତ୍ତି ଗୁଡ଼ିକର କାର୍ଯ୍ୟାନୁଷ୍ଠାନ/ତତସଂପର୍କିତ ରିପୋର୍ଟ ସମ୍ବନ୍ଧରେ ଅବଗତ କରିବା ପାଇଁ ପରାମର୍ଶ ଦେବା ସହ ମନ୍ତ୍ରୀ ଶ୍ରୀ ମଲ୍ଲିକଙ୍କ ନିର୍ଦ୍ଦେଶର ପୁନରାବୃତ୍ତି କରି ସମସ୍ତ ସରକାରୀ ଯୋଜନାର ସଫଳ ରୂପାୟନ ଓ ପ୍ରକଳ୍ପ ଗୁଡିକର ତ୍ୱରିତ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ବିଭାଗ ଭିତ୍ତିକ ଉନ୍ନୟନ ଓ କଲ୍ୟାଣମୂଳକ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ଆଲୋଚନା ହୋଇଥିଲା । ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଗଞ୍ଜାମ ବିଜୟ କୁମାର ବେହେରା ସ୍ୱାଗତ ଭାଷଣରେ ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକର ଆଭିମୁଖ୍ୟ ଓ ଆଲୋଚ୍ୟ ବିଷୟବସ୍ତୁ ସମ୍ପର୍କରେ ବୈଠକକୁ ଅବଗତ କରିଥିଲେ । ପୋଲସରା ବ୍ଲକ୍ ଅଧକ୍ଷା କଳ୍ପନା ପ୍ରଧାନ ଓ ଛତ୍ରପୁର ଉପ ଜିଲ୍ଲାପାଳ ଶିବାଶିଷ ବରାଳ ବୈଠକରେ ଯୋଗଦେଇଥିଲେ । ଯୁଗ୍ମ ନିର୍ଦ୍ଦେଶକ ଅଶୋକ କୁମାର ଦାସ, ସହକାରୀ ନିର୍ଦ୍ଦେଶକ ଜଗନ୍ନାଥ ବିଶ୍ୱାଳ, ବରିଷ୍ଠ ଅର୍ଥନୈତିକ ଅଧିକାରୀ ଇନ୍ଦ୍ରଜିତ୍ ମଲ୍ଲିକ ଓ ଅନ୍ୟ ଅଧିକାରୀମାନେ ବୈଠକର ସଂଯୋଜନା କରିଥିଲେ ।

# ଗୁଳନଗର ହାଇସ୍କୁଲରେ ବନ୍ଧୁମିଳନ

**କେନ୍ଦ୍ରାପଡ଼ା: ଏକ୍ସପ୍ରେସ୍ ନ୍ୟୁଜ୍**

ଗୁଳନଗର ମଧ୍ୟ ଇଂରାଜୀ ବିଦ୍ୟାଳୟ ୧୯୭୦ ଓ ଉଚ୍ଚ ବିଦ୍ୟାଳୟ ୧୯୭୪ ବ୍ୟାଚର ପୁରାତନ ବିଦ୍ୟାର୍ଥୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ସଂଜୀବନୀ ବିଦ୍ୟା ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସମସ୍ତ ପୁରାତନ ବିଦ୍ୟାର୍ଥୀ ଯୋଗ ଦେଇଥିଲେ । ଦୀର୍ଘ ଦିନ ପରେ ପରସ୍ପରକୁ ଭେଟି ପୁରୁଣା ସ୍ମୃତିକୁ ରୋମନ୍ଥନ କରିଥିଲେ । ଏହି କାର୍ଯ୍ୟକ୍ରମ ଅବସରରେ ଏକ ସଭାର ଆୟୋଜନ କରାଯାଇଥିଲା । ଏଥିରେ ସଂଗଠନ ସଭାପତି ଅବସରପ୍ରାପ୍ତ ଶିକ୍ଷକ ଭରତ ଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ । ସଭାରେ ଇହଧାମ ତ୍ୟାଗ କରିଥିବା ଶିକ୍ଷକ ଓ ବିଦ୍ୟାର୍ଥୀ ମାନଙ୍କ ଆତ୍ମାର ସଦଗତି ପାଇଁ ନିରବ ପାର୍ଥନା କରାଯାଇଥିଲା । ସମ୍ପାଦିକା ମମତା ଜେନା ସ୍ୱାଗତ ଭାଷଣ ଦେଇଥିବା ବେଳେ ସହ ସମ୍ପାଦକ ରାମଚନ୍ଦ୍ର ପଣ୍ଡା ବିଗତ ଦିନର ସ୍ମୃତି ରୋମନ୍ଥନ କରିଥିଲେ । ସଂଗଠନର ସଂଯୋଜକ ବରିଷ୍ଟ ଜୀବନ ବୀମା ଅଭିକର୍ତ୍ତା ଲକ୍ଷ୍ମୀକାନ୍ତ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏଥିରେ ସାବିତ୍ରୀ ସାହୁ, ମମତା ବଳ, ଗୋକୁଳି ପ୍ରଧାନ, ବସନ୍ତ ବେହେରା, ନିରଞ୍ଜନ ପାତ୍ର, ପଦ୍ମାବତୀ ସାହୁ, ବାନାମ୍ବର ନାୟକ, ନଳିନୀକାନ୍ତ ନାୟକ, ସାବିତ୍ରୀ କର, ନୟନାରାଣୀ ପଣ୍ଡିତ, ପଞ୍ଚାନନ ଦାଶ, ଗୟାସୁଦ୍ଦିନ ଖାଁ, ଉପଦେଷ୍ଟା ତଥା ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବିନାରାୟଣ ସାହୁ, ପ୍ରହଲ୍ଲାଦ ପ୍ରଧାନ, ଅନ୍ନପୂର୍ଣ୍ଣା ସାହୁ, ମୀରାରାଣୀ ଶତପଥି ପ୍ରମୁଖ ବକ୍ତବ୍ୟ ଦେଇଥିଲେ । ପ୍ରତିବର୍ଷ ବିଭିନ୍ନ ସ୍ଥାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସଂଯୋଜକ ଶ୍ରୀ ଦାଶ ସୂଚନା ଦେଇଥିଲେ । ଦୀର୍ଘ ୫୬ ବର୍ଷ ପରେ ପୁରୁଣା ବନ୍ଧୁମାନେ ଏକାଠି ହୋଇ ପୁରୁଣା ସ୍ମୃତିକୁ ମନେ ପକାଇ ଭାବବିହ୍ୱଳ ହୋଇଥିଲେ । ବାକି ଜୀବନ ସମାଜସେବା କରି ବିତାଇ ଦେବା ପାଇଁ ପୁରାତନ ଛାତ୍ରଛାତ୍ରୀମାନେ ଶପଥ ନେଇଥିଲେ । ଲକ୍ଷ୍ମୀକାନ୍ତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# କଟକ ଜୁଭେନାଇଲକୁ ହରାଇ ଭୁବନେଶ୍ୱର ରାମେଶ୍ୱର ସେମିରେ

**କୋଣାର୍କ, ୧୧।୨ ଏକ୍ସପ୍ରେସ୍ ନ୍ୟୁଜ୍**




କୋଣାର୍କ ସ୍ପୋର୍ଟସ ଏକାଡେମୀ ଦ୍ୱାରା କୋଣାର୍କ ଭଗବତୀ ମହାବିଦ୍ୟାଳୟ ଖେଳ ପଡିଆରେ ଆୟୋଜିତ ରାଜ୍ୟସ୍ତରୀୟ ଦ୍ୱିତୀୟ ବାର୍ଷିକ କୋଣାର୍କ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ କ୍ୱାଟର ଫାଇନାଲ ମ୍ୟାଚ୍‌ରେ କଟକ ଜୁଭେନାଇଲକୁ ୩୧ ରନରେ ହରାଇ ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂ ସେମି ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି । ଉଦଘାଟନୀ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟରେ ହରାଇ ୧୫୩ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ସିଦ୍ଧାର୍ଥ ଚନ୍ଦ୍ର ବେହେରା ସର୍ବାଧିକ ୫୮ ବଲରେ ୬୮ ରନ ସଂଗ୍ରହ କରିଥିଲେ । କଟକ ଜୁଭେନାଇଲର ପୀୟୂଷ ମନ୍ତ୍ରୀ ୪ ଓଭର ବୋଲିଂ କରି ୧୫ ରନ ଦେଇ ଚାରି ୱିକେଟ ନେଇଥିଲେ । ଜବାବରେ ଜୁଭେନାଇଲ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୨୨ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ଆୟୁଷ ରଞ୍ଜନ ମନ୍ତ୍ରୀ ୩୧ ବଲରେ ୩୦ ରନ ସଂଗ୍ରହ କରିଥିଲେ । ରାମେଶ୍ୱର ଦଳର ଜଗଦୀଶ ମହାପାତ୍ର ୪ ଓଭର ବୋଲିଂ କରି ୨୦ ରନ ଦେଇ ତିନି ୱିକେଟ ନେଇଥିଲେ । ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂର ସିଦ୍ଧାର୍ଥ ଚନ୍ଦ୍ର ବେହେରା ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ । ଉଦଘାଟିତ ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ କୋଣାର୍କ ଏନଏସି ଅଧ୍ୟକ୍ଷା ସଂଯୁକ୍ତ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଉପାଧକ୍ଷ ସୁରେଶ ଚନ୍ଦ୍ର ରାଉତରାୟ, କୋଣାର୍କ ଭଗବତୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଅବତାର ମିଶ୍ର, ଅଗ୍ନିଶମ ବିଭାଗ ଅଧିକାରୀ ବିଚିତ୍ର କୁମାର ଚୌଧୁରୀ, ଯୁବ ନେତା ପଦ୍ମଚରଣ ବେହେରା, କାଉନସିଲର ନିହାର ବେଉରା, ସ୍ୱପ୍ନା ଗୋଛାୟତ, ସମୟ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଓସିଏ ପ୍ୟାନେଲ ଆମ୍ପେୟର ନିର୍ମଳ ମିଶ୍ର ଓ ଅୟସକାନ୍ତ ମିଶ୍ର ଖେଳ ପରିଚାଳନା କରିଥିଲେ ।

# ଫାଇଲେରିଆ ନିରାକରଣ ଲାଗି ଔଷଧ

**ଯାଜପୁର, ୧୧।୨ ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରସୁଲପୁର ବ୍ଲକ ଅନ୍ତର୍ଗତ ଦର୍ଶନ ସରକାରୀ ଉଚ୍ଚ ବିଦ୍ୟାଳୟ କୁଣ୍ଡପାଟଣା ଓ ପଞ୍ଚାୟତ କାର୍ଯ୍ୟାଳୟରେ ଫାଇଲେରିଆ ରୋଗ ନିରାକରଣ ନିମନ୍ତେ ଜିଲ୍ଲାସ୍ତରୀୟ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ୨୦୨୬ର ଶୁଭାରମ୍ଭ ହୋଇଛି । ଜିଲ୍ଲାପାଳ ଅମ୍ବର କୁମାର କର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଫେବୃଆରୀ ୧୦ରୁ ୧୯ ତାରିଖ ଯାଏଁ ହେବାକୁଥିବା ଏହି କାର୍ଯ୍ୟକ୍ରମରେ ରସୁଲପୁର ବ୍ଲକର ଜନସାଧାରଣ ଶତ ପ୍ରତିଶତ ଅଂଶଗ୍ରହଣ କରି ଔଷଧ ସେବନ କରିବାକୁ ଜିଲ୍ଲାପାଳ ଶ୍ରୀ କର ଅନୁରୋଧ କରିବା ସହ ଯାଜପୁର ଜିଲ୍ଲାକୁ ଫାଇଲେରିଆ ମୁକ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଜୟ କୁମାର ମିଶ୍ର ଔଷଧ ସେବନର ଉପକାରିତା ସମ୍ପର୍କରେ ଆଲୋକପାତ କରିବା ସହ ଜାତୀୟ କୃମି ନାଶକ ଦିବସ ଉପଲକ୍ଷେ ଔଷଧ ସେବନ କରିବାକୁ ଲୋକଙ୍କୁ ଅନୁରୋଧ କରିଥିଲେ । ଦିଲ୍ଲୀରୁ ଆସିଥିବା ଡ଼ା. ରନପାଲ ସିଂ ଓଡ଼ିଶାରେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମର ସଫଳ ରୂପାୟନକୁ ଅନ୍ୟ ରାଜ୍ୟ ଅନୁସରଣ କରିବା ଉଚିତ ବୋଲି କହିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ରାଉତରାପୁର ସରପଞ୍ଚ ସ୍ୱର୍ଣ୍ଣଲତା ସାହୁ ସ୍ୱାଗତ ଭାଷଣ ଦେଇଥିଲେ । ଏଥିରେ ରସୁଲପୁର ବିଡିଓ, ମଣ୍ଡଳ ଶିକ୍ଷା ଅଧିକାରୀ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ପଞ୍ଚାୟତର ସଦସ୍ୟ ଓ ସଦସ୍ୟା, ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ସ୍ୱେଚ୍ଛାସେବୀ ସଂଗଠନ, ବୁଦ୍ଧିଜୀବୀ, ଶିକ୍ଷକ, ଛାତ୍ରଛାତ୍ରୀ ଏବଂ ଅଭିଭାବକ ଯୋଗ ଦେଇଥିଲେ । ରସୁଲପୁର ମଣ୍ଡଳ ଉନ୍ନୟନ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/25-26/E-Tender/110, ତା.09.02.2026ରିଖ

ଟେଣ୍ଡର ସଂ. e-Tender-estatekur-348-25, ତା.06.02.2026ରିଖ

**ବିବରଣୀ :** ମଞ୍ଚେଶ୍ୱରରେ ନୂତନ ଜୋନାଲ୍ ଡ଼ଗ୍ ସ୍କ୍ୱାର୍ଡ (Dog Squad) ର ନିର୍ମାଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 101.21 ଲକ୍ଷ, EMD : ₹ 2,00,600/-, ଶେଷ ହେବା ଅବଧି : 10 (ଦଶ) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** 27.02.2026, 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼

PR-1116/Q/25-26

ଶେଷ ପୃଷ୍ଠା
# ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର | 12th February, 2026 Thursday | RNI Regd. No. ODIODI/2006/23033 | Postal Regd. No. : BN/169/13-15

## ପତି-ପତ୍ନୀଙ୍କ ସମଭାବ

**ହେଲ୍‌ଥ ଟନିକ୍**



ସେଦିନ ସ୍ୱାମୀ-ସ୍ତ୍ରୀ ବିଭିନ୍ନ ବିଷୟକୁ ନେଇ ଆଲୋଚନା କରୁଥିବାବେଳେ ସ୍ୱାମୀ ଖୁବ୍ ଭାବ ବିହ୍ୱଳ ହୋଇ ସ୍ତ୍ରୀକୁ ପଚାରିଲେ- ଆଚ୍ଛା, ମୁଁ ଯଦି ଏବେ ମରିଯାଏ ତା'ହେଲେ ତୁମେ ଆଉଥରେ ବାହା ହେବ ?

ସ୍ତ୍ରୀ ଜିଭ କାମୁଡ଼ି କହିଲେ- ଛି, ଏମିତି କଥା କ'ଣ କହୁଛ ? ମୁଁ କାହିଁକି କାହାକୁ ବାହା ହେବି ?

ସ୍ୱାମୀ ପଚାରିଲେ- ତା'ହେଲେ ତୁମେ କ'ଣ କରିବ ?

ସ୍ତ୍ରୀ କହିଲେ- ମୁଁ ସାରା ଜୀବନ ମୋ ଭଉଣୀ ପାଖରେ ରହିବି।

ଏତକ କହିସାରି ସ୍ତ୍ରୀ ପଚାରିଲେ- ଆଚ୍ଛା, ମୁଁ ଯଦି ଏବେ ମରିଯାଏ ତମେ କ'ଣ ଆଉଥରେ ବାହା ହେବ ?

ସ୍ୱାମୀ କହିଲେ- ମୁଁ କାହିଁକି ଆଉଥରେ ବାହା ହେବି ?

ସ୍ତ୍ରୀ ପଚାରିଲେ- ତା'ହେଲେ ତୁମେ କ'ଣ କରିବ ?

ସ୍ୱାମୀ କହିଲେ- ମୁଁ ବି ତୁମ ଭଳି ତୁମ ଭଉଣୀ ପାଖରେ ସାରା ଜୀବନ ରହିଯିବି !

# ଟି-୨୦ ବିଶ୍ୱକପ: ପାକ୍ ଭଳି ୟୁ-ଟର୍ଣ୍ଣ ନେଲା ବାଂଲାଦେଶ

**ଢାକା,୧୧।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବାଂଲାଦେଶର ଅନ୍ତରୀଣ ସରକାରରେ କ୍ରୀଡା ପରାମର୍ଶଦାତା ଭାବେ କାମ କରୁଥିବା ଆସିଫ ନଜରୁଲ ଟି-୨୦ ବିଶ୍ୱକପ ବିବାଦରେ ଚକିତ କରିବା ଭଳି ୟୁ-ଟର୍ଣ୍ଣ ନେଇଛନ୍ତି। ଟି-୨୦ ବିଶ୍ୱକପ ୨୦୨୬ରେ ଭାଗ ନ ନେବାର ନିଷ୍ପତ୍ତି ସଂପୂର୍ଣ୍ଣ ଭାବେ ଖେଳାଳି ଓ ବାଂଲାଦେଶ କ୍ରିକେଟ ବୋର୍ଡର ଥିଲା। ଏଥିରେ ସରକାର କୌଣସି ଭୂମିକା ଗ୍ରହଣ କରି ନଥିଲେ ବୋଲି ସେ କହିଛନ୍ତି।



କିନ୍ତୁ ତାଙ୍କର ଏପରି ବୟାନ ସମସ୍ତଙ୍କୁ ଚକିତ କରିଛି। କାରଣ ପୂର୍ବରୁ ସେ କହିଥିଲେ ଯେ ବିଶ୍ୱକପର ଗ୍ରୁପ ପର୍ଯ୍ୟାୟ ମ୍ୟାଚ୍ ଖେଳିବାକୁ ବାଂଲାଦେଶ କ୍ରିକେଟ ଟିମ ଭାରତ ନ ଯିବା ନିଷ୍ପତ୍ତି ସଂପୂର୍ଣ୍ଣ ସରକାର ନେଇଛନ୍ତି। ବାଂଲାଦେଶ କ୍ରିକେଟର ଓ ବିସିବି ସହ ଟି-୨୦ ବିଶ୍ୱକପରେ ଭାଗ ନ ନେବା ପାଇଁ ହୋଇଥିବା ବୈଠକରେ ସେ ନିଜେ ଉପସ୍ଥିତ ରହିଥିଲେ।

ବାଂଲାଦେଶ ସରକାର ସୁରକ୍ଷାର ଆଳ କରି ନିଜ ଟିମର ଖେଳାଳିଙ୍କୁ ଭାରତ ପଠାଇ ନଥିଲେ। ସେହିପରି ଏଥିରେ ବାଂଲାଦେଶ କ୍ରିକେଟର ବିଶେଷ କିଛି କହିବାକୁ ସୁଯୋଗ ପାଇ ନଥିଲେ ବୋଲି ସ୍ଥାନୀୟ ଗଣମାଧ୍ୟମରେ ପ୍ରକାଶ ପାଇଥିଲା।

ଜାନୁଆରୀ ୨୨ରେ ଆସିଫ ସର୍ବସମ୍ମୁଖରେ କହିଥିଲେ ଯେ "ସରକାର କାହିଁକି ଏପରି ନିଷ୍ପତ୍ତି ନେଲେ ଓ ପୂରା ଘଟଣା ସମ୍ପର୍କରେ ଏପରି ବୈଠକ ହୋଇଥିଲା। ମୋର ଆଶା ଆଜିର ବୈଠକ ପରେ ଖେଳାଳିମାନେ ସବୁ ବୁଝି ଯାଇଥିବେ। ଏହା ହିଁ ବୈଠକର ଉଦ୍ଦେଶ୍ୟ ଥିଲା। ଏହା ଛଡା ଆଉ କୌଣସି ଆଲୋଚନା ହୋଇନି। ଆଇସିସି ଠାରୁ ଆମକୁ ନ୍ୟାୟ ମିଳିଲାନି। ଆମେ ବିଶ୍ୱକପ ଖେଳିବୁ କି ନ ଖେଳିବୁ, ସେକଥା ସଂପୂର୍ଣ୍ଣ ଭାବେ ସରକାରଙ୍କ ନିଷ୍ପତ୍ତି ଉପରେ ନିର୍ଭର କରେ।"

ହେଲେ ମଙ୍ଗଳବାର ସେ ଗଣମାଧ୍ୟମକୁ ଦେଇଥିବା ବୟାନରେ ପୂର୍ବ କଥାରୁ ପୂରା ଓହରି ଯାଇଛନ୍ତି। ସେ କହିଛନ୍ତି, "ବିଶ୍ୱକପ ନ ଖେଳିବାର ଅନୁତାପ ଆଦୌ ନାହିଁ। ବିଶ୍ୱକପ ନ ଖେଳିବା ନିଷ୍ପତ୍ତି ସଂପୂର୍ଣ୍ଣ ଭାବେ ବିସିବି ଓ ଖେଳାଳିମାନେ ନେଇଥିଲେ। ସେମାନେ ବାଂଲାଦେଶ କ୍ରିକେଟର ସୁରକ୍ଷା, ଲୋକଙ୍କ ସୁରକ୍ଷା ଓ ଜାତୀୟ ସମ୍ମାନକୁ ସୁରକ୍ଷା ଦେବାକୁ ଯାଇ ଏପରି ବଳିଦାନ ଦେଇଛନ୍ତି। ବିଶ୍ୱକପ ନ ଖେଳିବା ନିଷ୍ପତ୍ତିରେ ସରକାର କୌଣସି ଭୂମିକା ଗ୍ରହଣ କରି ନଥିଲେ।"

ସୁରକ୍ଷା ଆଳ ଦେଖାଇ ବାଂଲାଦେଶ ତା'ର ମ୍ୟାଚଗୁଡିକ ଭାରତ ବଦଳରେ ଶ୍ରୀଲଙ୍କାରେ ଆୟୋଜନ କରିବାକୁ ଆଇସିସିକୁ କହିଥିଲା। ହେଲେ ଆଇସିସି ତା'ର କୌଣସି କଥା ଶୁଣି ନଥିଲା। ବାଂଲାଦେଶ ଜିଦରେ ଅଟଳ ରହିବାରୁ ଆଇସିସି ଦଳକୁ ପୂରା ବିଶ୍ୱକପରୁ ବାଦ ଦେଇ ସ୍କଟଲ୍ୟାଣ୍ଡକୁ ସାମିଲ କରିଛି।

## ୧୦ ଆଇନଜୀବୀଙ୍କୁ ବରିଷ୍ଠ ଭାବେ ମନୋନୀତ

**କଟକ,୧୧।୨: ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ କୋର୍ଟର ୧୦ଜଣ ଓକିଲଙ୍କୁ ବରିଷ୍ଠ ଓକିଲ ଭାବରେ ନିଯୁକ୍ତ କରିଥିବା ଜଣାପଡ଼ିଛି। ରେଜିଷ୍ଟ୍ରାର ଜେନେରାଲଙ୍କ ଦ୍ୱାରା ଜାରି କରାଯାଇଥିବା ଏକ ବିଜ୍ଞପ୍ତି ଅନୁଯାୟୀ ଓଡ଼ିଶା ହାଇକୋର୍ଟ (ବରିଷ୍ଠ ଓକିଲଙ୍କ ପଦବୀ) ନିୟମ, ୨୦୨୫ ର ନିୟମ ୭(୧) ସହିତ ଓକିଲ ଆଇନ, ୧୯୬୧ର ଧାରା ୧୬ ଅନୁଯାୟୀ ଏବଂ ବିଜ୍ଞାପନ ସଂଖ୍ୟା ୦୧/୨୦୨୫ ଅନୁଯାୟୀ, ମୁଖ୍ୟ ବିଚାରପତି ନିମ୍ନଲିଖିତ ଓକିଲମାନଙ୍କୁ ବରିଷ୍ଠ ଓକିଲ ଭାବରେ ନିଯୁକ୍ତ କରିଛନ୍ତି। ସେମାନେ ହେଲେ ବିଜୟ କୁମାର ଦାଶ, ହରମୋହନ ଧଳ, ସୁଜାତା ଜେନା, ନିରୋଦ କୁମାର ସାହୁ, ସଂଜୀବ କୁମାର ସ୍ୱାଇଁ, ଉପେନ୍ଦ୍ର କୁମାର ସାମଲ, ଲଲାଟେନ୍ଦୁ ସାମନ୍ତରାୟ, ଗୋପିନାଥ ମିଶ୍ର, ବିରଜା ପ୍ରସାଦ ତ୍ରିପାଠୀ ଓ ପ୍ରସନ୍ନ କୁମାର ପ୍ରହି।

## ୨ ପୁଅଙ୍କ ପାଇଁ ମୁଣ୍ଡ ନୁଆଁଇଲି: ସୁର

**ଭୁବନେଶ୍ୱର,୧୧।୨: ଏକ୍ସପ୍ରେସ୍ ନ୍ୟୁଜ୍**

୨୦୨୪ ନିର୍ବାଚନରେ ଜଟଣୀରେ କଂଗ୍ରେସ ପରାଜୟ ପ୍ରସଙ୍ଗରେ ବଡ ବୟାନ ଦେଇଛନ୍ତି ବରିଷ୍ଠ କଂଗ୍ରେସ ନେତା ସୁର ରାଉତରାୟ। ମଙ୍ଗଳବାର ଜଟଣୀରୁ ନିର୍ବାଚନ ଲଢ଼ିବା ନେଇ କହିଥିଲେ। ବୁଧବାର ଏହି ବୟାନ ବଦଳାଇ ସୁର କହିଛନ୍ତି ଯେ ଆଉ ନିର୍ବାଚନ ଲଢ଼ିବାର ନାହିଁ। ଥରେ ସନ୍ୟାସ ଘୋଷଣା ପରେ ପୁଣି ନିର୍ବାଚନ ଲଢ଼ିବା ପ୍ରଶ୍ନ ଉଠୁନି ବୋଲି ସେ କହିଛନ୍ତି। କିନ୍ତୁ ମୋ ସମ୍ମତିରେ ଜଟଣୀରୁ କଂଗ୍ରେସ ଟିକେଟ ଫାଇନାଲ ହେବ। ୨ ପୁଅଙ୍କ ପାଇଁ ମୁଣ୍ଡ ନୁଆଁଇବାରୁ କଂଗ୍ରେସ ଜଟଣୀରେ ହାରିଲା। ଦ୍ୱିତୀୟଥର ପାଇଁ ସେ ଭୁଲ ଆଉ ହେବାକୁ ଦେବି ନାହିଁ। ମୋ ପୁଅ ହେଉ କି ଯିଏ ହେଉ, ମୋ ସମ୍ମତିରେ ଛିଡା ହେବେ ଆଉ ଜିତିବେ ବୋଲି ସୁର କହିଛନ୍ତି।

## ଯୁବକଙ୍କୁ ମାଡ଼ ଓ ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ୬ ଗିରଫ

**କଟକ,୧୧।୨: ଏକ୍ସପ୍ରେସ୍ ନ୍ୟୁଜ୍**

ପୂର୍ବ ଶତୃତାକୁ କେନ୍ଦ୍ର କରି ଜଣକ ଘରେ ପଶି ଆକ୍ରମଣ କରିବା ସହିତ ମହିଳାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ସ୍ଥାନୀୟ ଚାଉଳିଆଗଂଜ ଥାନା ପୋଲିସ ୬ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଶିଖରପୁର ନଦୀକୂଳ ସାହିର ଅରୁଣ ମହାପାତ୍ର, ରାକେଶ ସ୍ୱାଇଁ, ଶିବୁନା ବେହେରା, ବିକାଶ ସ୍ୱାଇଁ, ଅମର ମହାରଣା ଏବଂ ମନୋରଂଜନ ସାହୁ। ସମସ୍ତଙ୍କୁ କୋର୍ଟ ଚାଲାଣ ପରେ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଚାଉଳିଆଗଂଜ ଥାନା ଅଧିକାରୀ ଚିନ୍ତେଶ୍ୱର ମୁଣ୍ଡ ସୂଚନା ଦେଇଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଶିଖରପୁର ନଦୀକୂଳ ସାହି ଓ ତଳସାହି ମଧ୍ୟରେ ଭିନ୍ନ ଭିନ୍ନ ଘଟଣାକୁ ନେଇ ଦୀର୍ଘଦିନ ହେଲା ବିବାଦ ଲାଗି ରହିଛି। ତେବେ ନଦୀକୂଳ ସାହିର ମୁକେଶ ବେହେରା ତଳ ସାହିର କିଛି ପିଲାଙ୍କୁ ବିବାଦୀୟ ଘଟଣାରେ ସମର୍ଥନ କରୁଥିବା ଅଭିଯୋଗ ହୋଇଥିଲା। ଏ ନେଇ ସାହିର ଅପରଗୋଷ୍ଠୀ ଏହାକୁ ବିରୋଧ କରୁଥିଲେ। ଗତ ସରସ୍ୱତୀ ପୂଜାରେ ଏହି କଥାକୁ ନେଇ ସେମାନେ ମୁକେଶକୁ ତାଗିଦ କରିଥିଲେ, ହେଲେ ସେ ସେମାନଙ୍କ କଥାକୁ କର୍ଣ୍ଣପାତ କରିନଥିଲା। ସୋମବାର ରାତି ପ୍ରାୟ ୧୦ ଟା ସମୟରେ ୬ ଜଣ ଅଭିଯୁକ୍ତଙ୍କ ସହ ଆହୁରି ୩/୪ଜଣ ମୁକେଶର ଘରର କବାଟ ବାଡ଼େଇଥିଲେ। କବାଟ ଖୋଲିବା ମାତ୍ରେ ସମସ୍ତେ ଘରକୁ ପଶିଯାଇ ଆକ୍ରମଣ ଆରମ୍ଭ କରିଦେଇଥିଲେ। ଭାଇ ମୁକେଶକୁ ମାଡ଼ ମାରୁଥିବା ଦେଖି ଭଉଣୀ ମିଳି ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ବି ଛାଡ଼ି ନଥିଲେ। ମାଡ଼ ମାରିବା ସହିତ ଲୁଗା ଚିରାଚିରି କରି ଅସଦାଚରଣ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ତେବେ ମିଳି ପାଟି କରିବାକୁ ପଡୋଶୀଘରର ଲୋକେ ସେଠାକୁ ଚାଲି ଆସିବାରୁ ଅଭିଯୁକ୍ତମାନେ ସେଠାରୁ ଚମ୍ପଟ ମାରିଥିଲେ। ଏ ନେଇ ସେ ଚାଉଳିଆଗଂଜ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ୬ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେହିପରି ଫେରାର ଅଭିଯୁକ୍ତକୁ ଧରିବା ଲାଗି ଉଦ୍ୟମ କରାଯାଉଥିବା ଥାନା ଅଧିକାରୀ ଶ୍ରୀ ମୁଣ୍ଡ ସୂଚନା ଦେଇଛନ୍ତି।

# ଚୋରା ଗଞ୍ଜେଇ ଜବତରେ ଓଡ଼ିଶାର ସ୍ଥାନ ପ୍ରଥମ

**ଭୁବନେଶ୍ୱର,୧୧।୨**
**ତଥ୍ୟ**

ଦେଶର ବିଭିନ୍ନ ରାଜ୍ୟରେ ଯେତେ ପରିମାଣର ଚୋରା ଗଞ୍ଜେଇ ଜବତ ହେଉଛି ସେଥିରେ ଓଡ଼ିଶାର ସ୍ଥାନ ପ୍ରଥମରେ ରହିଛି। ଆଳୁ, କପଡ଼ା, ଲୁଣ, ତେଲ, ଚିନି ଆଦି ଉତ୍ପାଦନ କ୍ଷେତ୍ରରେ ଢେର ପଛରେ ପଡ଼ିଥିବା ଓଡ଼ିଶାରେ ସର୍ବାଧିକ ଗଞ୍ଜେଇ ଜବତ ହେଉଥିବାବେଳେ ଏଠି ଗଞ୍ଜେଇ ଉତ୍ପାଦନର ନିର୍ଦ୍ଦିଷ୍ଟ ପରିମାଣ କିନ୍ତୁ ଜଣାପଡୁନାହିଁ।

ରିପୋର୍ଟ ମୁତାବକ ୫ବର୍ଷରେ ଓଡ଼ିଶାରୁ ସର୍ବାଧିକ ୧୦ଲକ୍ଷ ୬୦ ହଜାର କିଲୋ ଗଞ୍ଜେଇ ଜବତ ହୋଇଥିବାବେଳେ ଏହି ସମୟରେ ସିକିମ୍ ଭଳି ପାହାଡ଼ିଆ ରାଜ୍ୟରୁ ଜବତ ହୋଇଛି ମାତ୍ର ୪କିଲୋ ଗଞ୍ଜେଇ। ଗଞ୍ଜେଇ ଧରା ହେବା କ୍ଷେତ୍ରରେ ଓଡ଼ିଶା ପଛକୁ ରହିଛି ଆନ୍ଧ୍ର ପ୍ରଦେଶର ସ୍ଥାନ। ଏଠାରେ ଗତ ୫ବର୍ଷରେ ପ୍ରାୟ ୫ଲକ୍ଷ ୫୦ ହଜାର କିଲୋ ଗଞ୍ଜେଇ ଧରାପଡିଛି। ଉତ୍ତରପ୍ରଦେଶରେ ଏହି ସମୟ ଭିତରେ ୨ଲକ୍ଷ ୪୦ ହଜାର କିଲୋ ଗଞ୍ଜେଇ ଧରାପଡିଥିବାବେଳେ ଆସାମ, ରାଜସ୍ଥାନ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ ଆଦି ରାଜ୍ୟରେ ୧ଲକ୍ଷରୁ ୨ଲକ୍ଷ କିଲୋ ପର୍ଯ୍ୟନ୍ତ ଗଞ୍ଜେଇ ଧରାହୋଇଛି। ତେବେ କେରଳ ଭଳି ଶିକ୍ଷିତ ଏବଂ ସ୍ୱାସ୍ଥ୍ୟ ଓ କର୍ମ ସଚେତନ ରାଜ୍ୟରେ କିନ୍ତୁ ବିଗତ ୫ବର୍ଷ ଭିତରେ ଧରାପଡିଛି ମାତ୍ର ସାଢ଼େ ୫ କିଲୋ ଚୋରା ଗଞ୍ଜେଇ।



ରାଜ୍ୟ ସରକାରଙ୍କ ଗୃହ ବିଭାଗର ତଥ୍ୟ ମୁତାବକ ୨୦୨୪ ବର୍ଷରେ ଓଡ଼ିଶାରେ ୨୧୬୦ଟି ମାମଲା ମାଦକ ଦ୍ରବ୍ୟ ନିରୋଧ ଆଇନ୍ ବଳରେ ପଞ୍ଜିକରଣ କରାଯାଇ ୨୨୭୬ ଜଣଙ୍କୁ ଗିରଫ କରାଯାଇଥିଲା। ଏମାନଙ୍କଠାରୁ ଉକ୍ତ ବର୍ଷ ୧୪୫୨ କ୍ୱିଣ୍ଟାଲ ୭୬ କେଜି ୯୧୦ ଗ୍ରାମର ଗଞ୍ଜେଇ ଏବଂ ୧୦ କେଜି ୨ ଗ୍ରାମ ୬୦୨ ମିଲିଗ୍ରାମ ବ୍ରାଉନସୁଗାର ଜବତ ହୋଇଥିଲା।

ଅବକାରୀ ବିଭାଗର ତଥ୍ୟ ମୁତାବକ ଏନ୍‌ଡିପିଏସ୍ ଆଇନ୍ ଆଧାରରେ ୨୦୨୪-୨୫ ବର୍ଷର ଜାନୁଆରୀ ମାସ ସୁଦ୍ଧା ୧୨୫୧ଟି ମାମଲା ରୁଜୁ କରାଯାଇ ୧୫୫୪ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିଲା। ଏହି ସମୟ ମଧ୍ୟରେ ପାଖାପାଖି ୨୫ କ୍ୱିଣ୍ଟାଲ ଗଞ୍ଜେଇ, ୨୫ କେଜିରୁ ଅଧିକ ବ୍ରାଉନ୍ ସୁଗାର ଓ ୧୧୬୬ ବିୟର ଲିଟର କଫ୍ ସିରପ୍ ମଧ୍ୟ ଧରାପଡିଥିଲା। ଅବକାରୀ ବିଭଗର ଦାବି ମୁତାବକ ୨୦୨୪-୨୫ ବର୍ଷର ଜାନୁଆରୀ ସୁଦ୍ଧା ୨୨ଲକ୍ଷ ୫୦ ହଜାରରୁ ଅଧିକ ଗଞ୍ଜେଇ ଗଛ ନଷ୍ଟ କରାଯାଇଥିଲା, ଯାହା ୨୨ ହଜାର ଏକରରୁ ଅଧିକ ଜମିରେ ଚାଷ କରାଯାଉଥିଲା।

ଏବେ ପ୍ରାୟ ପ୍ରତିଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ଚୋରା ଗଞ୍ଜେଇ ଜବତ ହେଉଥିବାର ଖବର ପ୍ରକାଶ ପାଉଛି। ଏମିତିକି ଓଡ଼ିଶାରୁ ଚୋରା ଚାଲାଣ ହେଉଥିଲା ବ୍ୟାପକ ପରିମାଣର ଗଞ୍ଜେଇ ବିଭିନ୍ନ ରାଜ୍ୟରୁ ମଧ୍ୟ ଧରାପଡୁଛି। ଏମିତିକି ଚୋରା ନିଶା ବେପାରୀମାନେ ଗଞ୍ଜେଇ ତେଲ ପ୍ରସ୍ତୁତ କରି ତାହା ଚାଲାଣ କରୁଛନ୍ତି। ବେଳେବେଳେ ବି ଏହି ଦାମୀ ଗଞ୍ଜେଇ ତେଲ ଧରାପଡୁଛି। ମୋଟାମୋଟି ଭାବେ ଓଡ଼ିଶାରେ ମଦ, ଗଞ୍ଜେଇ, ବ୍ରାଉନସୁଗାର ସମେତ ବିଭିନ୍ନ କିସମର ନିଶା ବ୍ୟବହାର ଓ କାରବାର ବଢୁଛି।

ଗଞ୍ଜେଇ ଚାଷକୁ ମୂଳରୁ ନିଷିଦ୍ଧ ନକରି ଗଞ୍ଜେଇ ଉତ୍ପାଦନ ସମୟରେ ଅବଶ୍ୟ କେତେକ ଅଞ୍ଚଳରେ ଗଞ୍ଜେଇ କ୍ଷେତ ନଷ୍ଟ କରାଯାଉଛି। ଗ୍ରାମାଞ୍ଚଳକୁ ପ୍ରତିନିଧିତ୍ୱ କରୁଥିବା ଦଳମତ ନିର୍ବିଶେଷରେ ରାଜନେତା ଏବଂ କ୍ଷେତ୍ର କର୍ମଚାରୀମାନେ ଜାଣନ୍ତି କେଉଁ ଅଞ୍ଚଳରେ କେଉଁଠି କିଏ ଗଞ୍ଜେଇ ଚାଷ କରୁଛି। ମୂଳରୁ ଏହାକୁ ସଂପୂର୍ଣ୍ଣ ନିବାରଣ କରାଗଲେ ଚୋରା ଗଞ୍ଜେଇ ଘେନି ଓଡ଼ିଶାର ବଦନାମ ବଢ଼ନ୍ତା ନାହିଁ। ଏଣେ ଅବକାରୀ ବିଭାଗର ତଥ୍ୟ ମୁତାବକ ୨୦୨୦-୨୧ରୁ ୨୦୨୫ ପର୍ଯ୍ୟନ୍ତ ୫ବର୍ଷରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ୩ଲକ୍ଷ ୧୭ ହଜାରରୁ ଅଧିକ ଅବକାରୀ ମାମଲା ବିଚାର ପାଇଁ ଥିବାବେଳେ ଏଥିରୁ ମାତ୍ର ୨୨୧ଟି ଦଣ୍ଡବିଧାନ କରାଯାଇଥିବାବେଳେ ୫୭,୬୮୬ଟି ମାମଲାରେ ଅଭିଯୁକ୍ତ ଦୋଷମୁକ୍ତ ହୋଇଛନ୍ତି।

## ତ୍ରିକୋଣୀୟ ପ୍ରେମରୁ ସତ୍ୟବ୍ରତକୁ ହତ୍ୟା: ଏସିପି

**ଭୁବନେଶ୍ୱର,୧୧।୨: ଏକ୍ସପ୍ରେସ୍ ନ୍ୟୁଜ୍**

ନୀଳାଦ୍ରିବିହାର ସତ୍ୟବ୍ରତ ହତ୍ୟା ଘଟଣା ଉପରୁ ପୁଲିସ୍ ପର୍ଦ୍ଦା ଉଠାଇଛି। ତ୍ରିକୋଣୀୟ ପ୍ରେମରୁ ସତ୍ୟବ୍ରତକୁ ହତ୍ୟା କରାଯାଇଥିବା ଏସିପି ସୋନାଲ ସିଂ ପରମାର୍ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି ବର୍ତ୍ତମାନ ସୁଦ୍ଧା ଦିନେଶ ଏକମାତ୍ର ଅଭିଯୁକ୍ତ ରହିଛି। ଯେଉଁ ଲିଜାଙ୍କୁ ନେଇ ତ୍ରିକୋଣୀୟ ପ୍ରେମ ବୋଲି କୁହାଯାଉଥିଲା, ତାଙ୍କର ହତ୍ୟାରେ କୌଣସି ସମ୍ପୃକ୍ତି ନାହିଁ। ହତ୍ୟାକାଣ୍ଡ ପଛରେ କୌଣସି ଷଡ଼ଯନ୍ତ୍ର ନ ଥିବା ମଧ୍ୟ ସ୍ପଷ୍ଟ ହୋଇଛି। ଦିନେଶ ଗୋଟିଏ ରୁମ୍‌ରେ ଲିଜା ଏବଂ ସତ୍ୟବ୍ରତଙ୍କୁ ପାଇ ଆକ୍ରମଣ କରିଥିଲା। ଲିଜା ସତ୍ୟବ୍ରତଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲା, ତେଣୁ ତାହାର ହତ୍ୟା ସମ୍ପୃକ୍ତି ନାହିଁ।

ପୂର୍ବରୁ କିଛି ଦିନ ପାଇଁ ଦିନେଶ ଓ ଲିଜା ଲିଭ୍ ଇନ୍‌ରେ ରହୁଥିଲେ। ଏହାପରେ ଦିନେଶ ତାଙ୍କ ଠାରୁ ଅଲଗା ହୋଇ ଜଗତସିଂହପୁର ଯାଇଥିଲେ। ଯେଉଁ ଦିନ ଘଟଣା ଘଟିଥିଲା, ସେଦିନ ଲିଜା ଦିନେଶଙ୍କ ଫୋନ୍ ନ ଉଠାଇବାରୁ ସନ୍ଦେହ କରିଥିଲେ। ଏହାପରେ ଦିନେଶ ସିଧା ଲିଜାଙ୍କ ରୁମ୍‌କୁ ଆସି ଦେଖିବା ପରେ ହତ୍ୟାକାଣ୍ଡ ଘଟାଇଥିଲା। ସତ୍ୟବ୍ରତ ଯେଉଁ କାର୍ ଚଳାଉଥିଲେ ତାହାକୁ ମାଲିକ ନେଲା ବେଳେ ଦୁର୍ଘଟଣା ଘଟିଥିଲା। କାର୍ ମାଲିକ ଯେଉଁ ଡ୍ରାଇଭରଙ୍କୁ ଦେଇଥିଲେ ସେ ମଦ ପିଇ ଦୁର୍ଘଟଣା ଘଟାଇଥିଲେ। ସେପଟେ ଦିନେଶ ନୀଳାଦ୍ରିବିହାରର ଯେଉଁ ଘରେ ଛୁରାମାଡ କରିଥିଲା ତାହା କ୍ରାଇମସିନ୍ ରିକ୍ରିଏସନ୍ କରି ଦେଖାଉଛି।

## ୪୨କେଜି ଗଂଜେଇ ଜବତ: ୪ ଗିରଫ

**କଟକ,୧୧।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଗଂଜେଇ ଚାଲାଣ ଓ ବେପାର କରୁଥିବା ଅଭିଯୋଗରେ ୨ଟି ପୃଥକ ପୃଥକ ଘଟଣାରେ କଟକ ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାଡ୍ ଭୁବନେଶ୍ୱର ବରମୁଣ୍ଡା ଅଂଚଳରୁ ୪ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କନ୍ଧମାଳ ଜିଲ୍ଲାର ଦେବରାଜ ଦିଗଲ (୪୦), ଯାଜପୁର ଜିଲ୍ଲାର ମିନତି ମଲ୍ଲିକ(୪୦), କନ୍ଧମାଳ ଜିଲ୍ଲାର ନମିତା ନାୟକ (୪୦)ଓ ପୁରୀ ଜିଲ୍ଲାର ନମିତା ମଲ୍ଲିକ (୩୦)। ଗିରଫ ଅଭିଯୁକ୍ତଙ୍କ ନିକଟରୁ ଅବକାରୀ ପୋଲିସ ୪୨.୫ କେଜି ଗଂଜେଇ ଜବତ କରିଛି। ଜବତ ଗଂଜେଇର ଆନୁମାନିକ ମୂଲ୍ୟ ୪ଲକ୍ଷ ୨୫ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଇନ୍ସପେକ୍ଟର ହୀରା ଦଳପତି ଓ ସୁଶାନ୍ତ ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀମାନେ ସାମିଲ ଥିଲେ। ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ଆଜି ଭାରତ...

ନିଷ୍ପତ୍ତି ନେଇଥିବାରୁ ବସ୍, ଟ୍ରକ୍ ଓ ଟ୍ୟାକ୍ସି ଚଳାଚଳ ସଂପୂର୍ଣ୍ଣ ବନ୍ଦ ରହିପାରେ। ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ବୀମା କମ୍ପାନୀ ଏବଂ ଶିକ୍ଷାନୁଷ୍ଠାନଗୁଡିକ ମଧ୍ୟ ବନ୍ଦ କରାଯିବ ବୋଲି ଟ୍ରେଡ୍ ୟୁନିୟନଗୁଡିକ ପକ୍ଷରୁ ସୂଚନା ଦିଆଯାଇଛି। ସହରର ବଜାର, ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ସିନେମା ହଲଗୁଡିକ ମଧ୍ୟ ଆନ୍ଦୋଳନକୁ ସମର୍ଥନ କରି ବନ୍ଦ ରହିବାର ଆଶଙ୍କା ରହିଛି। ସମ୍ବଲପୁର, ପାରାଦୀପ ଓ ଝାରସୁଗୁଡା ଭଳି ଶିଳ୍ପାଞ୍ଚଳରେ ଖଣି ଓ କଳକାରଖାନା କାର୍ଯ୍ୟ ମଧ୍ୟ ପ୍ରଭାବିତ ହେବ।

ତେବେ ସାଧାରଣ ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଡାକ୍ତରଖାନା, ଆମ୍ବୁଲାନ୍ସ, ଔଷଧ ଦୋକାନ ଓ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀଙ୍କୁ ଧର୍ମଘଟରୁ ବାଦ୍ ଦିଆଯାଇଛି। ଏହାସହିତ କ୍ଷୀର ଗାଡି, ପାନୀୟ ଜଳ ଯୋଗାଣ ଓ ବିଦ୍ୟୁତ୍ ସେବା ଭଳି ଅତ୍ୟାବଶ୍ୟକ କାର୍ଯ୍ୟକ୍ରମକୁ ମଧ୍ୟ କୋହଳ କରାଯାଇଛି। ବିମାନ ବନ୍ଦରକୁ ଯାଉଥିବା ଯାତ୍ରୀ ଓ ଜରୁରୀ କାର୍ଯ୍ୟରେ ଥିବା ସମ୍ବାଦିକମାନଙ୍କୁ ମଧ୍ୟ ପରିଚୟ ପତ୍ର ଦେଖାଇ ଯିବାକୁ ଅନୁମତି ମିଳିବ ବୋଲି ଟ୍ରେଡ୍ ୟୁନିୟନ ପକ୍ଷରୁ ସୂଚନା ଦିଆଯାଇଛି। ଭୁବନେଶ୍ୱରର ପ୍ରାୟ ୧୮ଟି ପ୍ରମୁଖ ସ୍ଥାନ ସମେତ ସମ୍ବଲପୁର, ପାରାଦୀପ ଓ ମୟୂରଭଞ୍ଜର ବିଭିନ୍ନ ଛକରେ ରାସ୍ତା ଅବରୋଧ ଓ ପିକେଟିଂ କରାଯିବ ବୋଲି ଜଣାପଡିଛି। ରାଜ୍ୟ ସରକାର ଏହି ୧୨ଘଣ୍ଟିଆ ବନ୍ଦକୁ ଦୃଷ୍ଟିରେ ରଖି ସୁରକ୍ଷାବ୍ୟବସ୍ଥାକୁ କଡାକଡି କରିବା ସହ ନିଜର କର୍ମଚାରୀମାନଙ୍କ ନିମନ୍ତେ ସ୍ୱତନ୍ତ୍ର ପରାମର୍ଶ ଜାରି କରିଛନ୍ତି।

### ରଶ୍ମିତା ଏମଏସଏମଇ...

ପୂର୍ଣ୍ଣକାଳୀନ ଦାୟିତ୍ୱ ତୁଲାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ସେ ଏମଏସଏମଇ ସଚିବ ସହ ଅତିରିକ୍ତ ଭାବେ ଇଡକୋ ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ତୁଲାଉଥିଲେ।

ସେହିପରି ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଅତିରିକ୍ତ ସଚିବ ୨୦୧୨ ବ୍ୟାଚ୍ ଆଇଏଏସ୍ ସୁରେନ୍ଦ୍ର କୁମାର ମୀନାଙ୍କୁ ସେଂଟର ଫର ମଡର୍ଣ୍ଣାଇଜେସନ୍ ଗଭର୍ଣ୍ଣମେଂଟ ଇନିସିଏଟିଭ(ସିଏମଜିଆଇ), ପ୍ରଶାସନିକ ଓ ଶାସନ ସଂସ୍କାର କମିଟିର ଆବାହକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ।

ରାଜ୍ୟ ଶିଳ୍ପ ନିର୍ଦ୍ଦେଶକ ୨୦୧୫ ବ୍ୟାଚ୍ ଆଇଏଏସ୍ ଆବୋଲି ସୁନୀଲ ନରୱଣେଙ୍କୁ ଇପିକଲ ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ ହୋଇଛି। ସେ ପୂର୍ବଭଳି ଓଡିଶା କ୍ଷୁଦ୍ର ଶିଳ୍ପ ନିଗମ ଓ ଓଡିଶା ଅର୍ଥ ନିଗମରର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇବେ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି।

ତେବେ ଗୁରୁତ୍ୱପୂର୍ଣ୍ଣ ପଦବୀ ବିଡିଏ ଉପାଧକ୍ଷ ଭାବେ ଆଇଏଏସ୍ ଚଂଚଳ ରାଣା କାର୍ଯ୍ୟ ଜାରି ରଖିବେ ନା ରାଜ୍ୟ ସରକାର ଆଉ କାହାକୁ ସେଠାରେ ଅବସ୍ଥାପିତ କରିବେ ତାହା ଜଣାପଡିନାହିଁ।

### ୧୬ରେ ସର୍ବଦଳୀୟ...

ଚରଣ ମାଝୀ ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ରାଜ୍ୟ ବଜେଟ୍ ଆଗତ କରିବେ। ବଜେଟ୍ ଅଧିବେଶନ ଦୁଇଟି ପର୍ଯ୍ୟାୟରେ ଚାଲିବ ଓ ଏଥିରେ ମୋଟ୍ ୨୮ଟି କାର୍ଯ୍ୟଦିବସ ରହିବ। ପ୍ରଥମ ପର୍ଯ୍ୟାୟ ଅଧିବେଶନ ଫେବୃୟାରୀ ୧୭ ତାରିଖରୁ ୨୪ ତାରିଖ ଯାଏଁ ଚାଲିବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୯ ତାରିଖରୁ ଏପ୍ରିଲ ୮ ତାରିଖ ଯାଏଁ ଚାଲିବ।

### ଭାରତକୁ ବିକ୍ରି...

ଭାବେ ଡୋନାଲ୍ଡ ଟ୍ରମ୍ପଙ୍କୁ ଭାରତ ସହ ସମାନ ବ୍ୟବହାର ପ୍ରଦର୍ଶନ କରିବାକୁ କହିଥାଆନ୍ତା ବୋଲି ସେ କହିଛନ୍ତି।

ରାହୁଲ କହିଛନ୍ତି, "ଏହା ସଂପୂର୍ଣ୍ଣ ଭାବେ ଆତ୍ମସମର୍ପଣ। ଏହା ଏକ ଟ୍ରାଜେଡୀ। କାରଣ ଏହା କେବଳ ପ୍ରଧାନମନ୍ତ୍ରୀଙ୍କ ଆତ୍ମସମର୍ପଣ ନୁହେଁ। ସେ ୧୫୦ କୋଟି ଭାରତୀୟଙ୍କ ଭବିଷ୍ୟକୁ ସରେଣ୍ଡର କରି ଦେଇଛନ୍ତି। ସେ ବିଜେପିର ଆର୍ଥିକ ଆର୍କିଟେକଚରକୁ ସୁରକ୍ଷା ଦେବା ପାଇଁ ଦେଶର ଭବିଷ୍ୟତକୁ ବନ୍ଧା ପକାଇ ଦେଇଛନ୍ତି। ଚାଷୀଙ୍କ ସ୍ୱାର୍ଥରେ ବୁଝାମଣା କରାଯାଇଛି। ଆମେରିକାରୁ କୃଷି ଜାତୀୟ ଦ୍ରବ୍ୟର ବନ୍ୟା ଭାରତୀୟ ମାର୍କେଟକୁ ଆସିବାରୁ ଚାଷୀମାନେ ଗୋଟିଏ ଝଡର ସମ୍ମୁଖୀନ ହେଉଛନ୍ତି। ଭାରତର ବୟନଶିଳ୍ପ ଖତମ ହୋଇଯାଇଛି। ଆମେ ଗୋଟିଏ ସମସ୍ୟା ମୂଳକ ସମୟ ଆଡକୁ ଯାଉଛୁ ଓ ଦେଶକୁ ବିକ୍ରି କରାଯାଉଛି। ଦେଶକୁ ବିକ୍ରି କରି ଦିଆଯାଇଛି। ଦେଶର ତଥ୍ୟକୁ ବିକ୍ରି କରାଯାଇଛି। ଦେଶର ଚାଷୀଙ୍କୁ ବିକି ଦିଆଯାଇଛି।"

### ଭିଜିଲାନ୍ସ ଜାଲରେ...

୪୫୦ ଗ୍ରାମ୍ ସୁନା ଓ ଦାମୀ କାର୍ ରହିଛି। ଚଢ଼ଉ ଶେଷ ହୋଇ ନଥିବାରୁ ସଂପତ୍ତିର ପରିମାଣ ଅଧିକ ବଢ଼ିବାର ସମ୍ଭାବନା ରହିଛି।

ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କନିଷ୍ଠ କିରାଣି ସୁବ୍ରତ ବେହେରା ସରକାରୀ ଅର୍ଥ ତୋଷରପାତ କରିଥିବା ପୂର୍ବରୁ ଅଭିଯୋଗ ହୋଇଥିଲା। ମିଥ୍ୟା ବିଲ, ଭାଉଚର୍ କରି ସେ ୨ କୋଟି ୩୮ ଲକ୍ଷ ଟଙ୍କା ଠକି ନେଇଥିବା ଜଣାପଡିବା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପୁଲିସରେ ଅଭିଯୋଗ କରାଯାଇଥିଲା। ପରେ ଏହି ମାମଲାକୁ ଭିଜିଲାନ୍ସ ନେଇଥିଲା। ଗତକାଲି ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଜେରା କରିବା ପରେ ଛାଡି ଦେଇଥିଲେ। ଆଜି ସକାଳୁ ତାଙ୍କର ୫ଟି ଠିକଣାରେ ଚଢ଼ଉ କରାଯାଇଥିଲା। ଅନୁଗୁଳ ସହର ହାକିମପଡାସ୍ଥିତ ତାଙ୍କର ୩ ମହଲା କୋଠା, ବଅଁରପାଳ ବ୍ଲକ୍ ବନ୍ଧା ଗାଁରେ ଥିବା ତାଙ୍କ ସଂପର୍କୀୟଙ୍କ ଘର, ହିନ୍ଦୋଳ ଥାନା ବାଉଁଶପୋଖରୀରେ ଥିବା ତାଙ୍କ ପୈତୃକ ବାସଭବନ, ଭୁବନେଶ୍ୱର ଶ୍ରୀବିହାରରେ ଥିବା ତାଙ୍କର ଜଣେ ସଂପର୍କୀୟଙ୍କ ଘର ଓ ଅନୁଗୁଳ ସିଡିଏମ୍‌ଓଙ୍କ କାର୍ଯ୍ୟାଳୟରେ ଥିବା ଶ୍ରୀ ବେହେରାଙ୍କ ଥିବା ପ୍ରକୋଷ୍ଠରେ ଏକକାଳୀନ ଚଢ଼ଉ କରାଯାଇଥିଲା। ୫ ଜଣ ଡିଏସପିଙ୍କ ନେତୃତ୍ୱରେ ୮ ଜଣ ଇନ୍ସପେକ୍ଟର, ୧୪ ଜଣ ଏଏସ୍ଆଇ ଓ ଅନ୍ୟ କର୍ମଚାରୀ ଏହି ଚଢ଼ଉରେ ସାମିଲ ହୋଇଥିଲେ।

### ସ୍କୁଲ ଭିତରେ...

ସେହି ଅଞ୍ଚଳରେ କର୍ଫ୍ୟୁ ଜାରି କରାଯାଇଛି।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ, ଉକ୍ତ ଯୁବକର ଭଉଣୀ ସେହି ସ୍କୁଲରେ ପଢୁଥିଲେ। ବନ୍ଧୁକ ଧରି ସଶସ୍ତ୍ର ଯୁବକ ଜଣକ ସେହି ଶିକ୍ଷକଙ୍କୁ ଖୋଜୁଥିଲା ଯିଏ କିଛି ଦିନ ପୂର୍ବରୁ ତାଙ୍କ ଭଉଣୀଙ୍କୁ ପାଠ ପଢ଼ାକୁ ନେଇ ମାଡ଼ ମାରିଥିଲେ। ଭଉଣୀକୁ ମାଡ଼ ମରା ଘଟଣା ନେଇ ଯୁବକ ଜଣକ ଏପରି କରିଥାଇପାରନ୍ତି ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

ସେପଟେ, ଗୁଳିକାଣ୍ଡ ପରେ ଆକ୍ରମଣକାରୀ ଅନେକ ପିଲା ଓ ଶିକ୍ଷକଙ୍କୁ ବନ୍ଧକ କରିନେଇଛି। ସ୍କୁଲ ଭିତରେ ଏବେ ବି ଅନେକ ଛାତ୍ର ଫସି ରହିଛନ୍ତି। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ, ସ୍ୱତନ୍ତ୍ର ବାହିନୀ ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ପୁଲିସ ସମଗ୍ର ସ୍କୁଲକୁ ଘେରି ପରିସ୍ଥିତି ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଛି। ଆକ୍ରମଣକାରୀର ପରିଚୟ ଏପର୍ଯ୍ୟନ୍ତ ଜଣାପଡିନାହିଁ। ପୁଲିସ ତଦନ୍ତ କରୁଛି ଏବଂ ଆହତମାନଙ୍କୁ ଡାକ୍ତରଖାନାକୁ ନିଆଯାଉଛି।

### ପିଲାଙ୍କୁ ଆବଶ୍ୟକ...

କେନ୍ଦ୍ରାପଡ଼ା ଜିଲ୍ଲାର ଏହି କୁନିକୁନି ପିଲାମାନେ ସେମାନଙ୍କ ପ୍ରତିବାଦ ମାଧ୍ୟମରେ ସଚେତନ ବ୍ୟକ୍ତି ବିଶେଷଙ୍କ ଆଖି, କାନ ଓ ପାଟି ଖୋଲିବା ପାଇଁ ଏକ ପ୍ରକାର ଆହ୍ୱାନ ଦେଇଛନ୍ତି।

ଏଠାରେ ଉଲ୍ଲେଖନୀୟ ଯେ ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ସୂଚାଇଥିଲେ ଯେ ୨୦୨୩ ଡିସେମ୍ବର ଶେଷ ସୁଦ୍ଧା ରାଜ୍ୟରେ ୫,୯୬,୬୪୭ଟି ମଞ୍ଜୁରୀପ୍ରାପ୍ତ ସରକାରୀ କର୍ମଚାରୀ ପଦବୀ ଥିବାବେଳେ ସେଥିରୁ ୨,୦୫,୨୨୮ଟି ଖାଲି ପଡ଼ିଥିଲା। ଏଥିମଧ୍ୟରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୬୩,୪୮୫ ଖାଲି ପଦବୀ ଥିବାବେଳେ ସ୍ୱାସ୍ଥ୍ୟ ବିଭାଗରେ ୩୯,୧୨୭ ପଦବୀ ଓ ଗୃହ ବିଭାଗର ୧୯,୮୮୯ ପଦବୀ ଖାଲି ପଡିଥିଲା। ଅବଶ୍ୟ ଦୁଇବର୍ଷ ଭିତରେ କିଛି କର୍ମ ନିଯୁକ୍ତି ଦିଆଯାଇଥିବା ବେଳେ ଅବସର ଓ ଅନ୍ୟାନ୍ୟ କାରଣରୁ ଅନେକ ପଦବୀ ଖାଲି ହୋଇଛି। ପ୍ରାଥମିକ ବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ ଏବଂ ପ୍ରାଥମିକ ଚିକିତ୍ସାକେନ୍ଦ୍ରରୁ ସରକାରୀ ମେଡିକାଲ୍ କଲେଜ୍ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ମାଳମାଳ ପଦବୀ ଖାଲି ପଡିବା ଫଳରେ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ ହେଉଛି। ଏ ପରିପ୍ରେକ୍ଷୀରେ ଲୋକେ ସରକାରୀ ବିଦ୍ୟାଳୟରୁ ମୁହଁ ଫେରାଇ ଘରୋଇ ବିଦ୍ୟାଳୟରେ ଅଧିକରୁ ଅଧିକ ସଂଖ୍ୟକ ପିଲାଙ୍କୁ ପଢ଼ାଇବା ଯୋଗୁ ହଜାର ହଜାର ସରକାରୀ ସ୍କୁଲ ବନ୍ଦ ହୋଇଯାଇଛି। ଏ ପରିପ୍ରେକ୍ଷୀରେ କଖାରୁଣୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ମରୁଡ଼ି ସମସ୍ୟା କେବେ ସମାଧାନ ହେବ ସେଥିପାଇଁ ଅପେକ୍ଷା।

## ସରକାର ଶିକ୍ଷକ କର୍ମଚାରୀମାନଙ୍କ ସମସ୍ୟା ସମାଧାନ କରନ୍ତୁ: ଓଷ୍ଟା

**କଟକ,୧୧।୨: ଏକ୍ସପ୍ରେସ୍ ନ୍ୟୁଜ୍**

ମାଧ୍ୟମିକ ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟାଗୁଡ଼ିକୁ ସରକାର ତୁରନ୍ତ ସମାଦାନ କରନ୍ତୁ ବୋଲି ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଓଷ୍ଟା ର ସାଧାରଣ ସଂପାଦକ ରଂଜନ ଦାଶ ଏକ ପ୍ରେସ ବିବୃତି ମାଧ୍ୟମରେ ଜଣାଇଛନ୍ତି। ସୂଚନା ଥାଉକି, ଶିକ୍ଷକ କର୍ମଚାରୀମାନଙ୍କ ପ୍ରମୁଖ ସମସ୍ୟା ମଧ୍ୟରେ ଦୀର୍ଘ ବର୍ଷ ଧରି ନିଜ ଜୀବନକୁ ଜଳାଜଂଳି ଦେଇ ୩୦ ବର୍ଷ ବିନା ଦରମାରେ କାର୍ଯ୍ୟ କରି ଅନୁଦାନ ନିମନ୍ତେ ଅପେକ୍ଷାରତ ଯୋଗ୍ୟ ବିବେଚିତ ବିଦ୍ୟାଳୟର ଶିକ୍ଷକ କର୍ମଚାରୀମାନଙ୍କୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟରୁ ରିକ୍ତହସ୍ତରେ ଅବସର ନେଇଥିବା ଓ ନେବାକୁ ଥିବା ଶିକ୍ଷକ ଓ କର୍ମଚାରୀମାନଙ୍କ ପାଇଁ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରି ୧୯୮୧ ରୁଲ ଅନୁଯାୟୀ ପେନସନ, ଚାକିରୀ ସର୍ତ୍ତାବଳୀ ଓ ଅବସରକାଳୀନ ସୁବିଧା ପ୍ରଦାନ ଆଦି ବିଭିନ୍ନ ଦାବି ଓଷ୍ଟା ପକ୍ଷରୁ କରାଯାଇଛି। ଇତି ମଧ୍ୟରେ ନୂତନ ସରକାରଙ୍କ କାର୍ଯ୍ୟକାଳ ଏକ ବର୍ଷ ୯ ମାସ ପହଁଚିଥିବାବେଳେ ସରକାରଙ୍କ ପକ୍ଷରୁ ବିଭିନ୍ନ ସମୟରେ ସମାଧାନ ନିମନ୍ତେ ଭିନ୍ନ ଭିନ୍ନ କମିଟି ମାନ ଗଠନ କରାଯାଇଛି। ଏହି କମିଟି ବିଭିନ୍ନ ସମସ୍ୟା ସମାଧାନ ନିମନ୍ତେ ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କ ସହ ଆଲୋଚନା ଜାରି ରଖିଛନ୍ତି। ବର୍ତ୍ତମାନ ସରକାର ଜୁନିଅର ଏସଇଏସ ଶିକ୍ଷକମାନଙ୍କର ଏକ ଗ୍ରେଡ଼େସନ ତାଲିକା ପ୍ରକାଶ କରିଛନ୍ତି। ମାଟ୍ରିକ ପରୀକ୍ଷାର ଅବ୍ୟାବହିତ ପୂର୍ବରୁ ଖାଲି ପଡ଼ିଥିବା ପ୍ରଧାନ ଶିକ୍ଷକ ପଦବୀ ପୂରଣ କରିବାକୁ ଓଷ୍ଟା ପକ୍ଷରୁ ଦାବି କରାଯାଇଛି।

ରାଜ୍ୟ ସରକାର ଶିକ୍ଷକ, ଶିକ୍ଷୟତ୍ରୀ ଓ କର୍ମଚାରୀମାନଙ୍କୁ ଅନୁଦାନ ପେନସନ ପ୍ରଦାନ ନିମନ୍ତେ ସରକାରୀ ବିଦ୍ୟାଳୟରେ ଖାଲି ପଡ଼ିଥିବା ପ୍ରଧାନ ଶିକ୍ଷକ ପୂରଣ, ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟରେ ଶୂନ୍ୟ ପଡ଼ିଥିବା ସମସ୍ତ ସହକାରୀ ଶିକ୍ଷକ ଓ ଅନ୍ୟାନ୍ୟ ପଦବୀ ପୂରଣ ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ଓଷ୍ଟା ପକ୍ଷରୁ ସଭାପତି ଅକ୍ଷୟ ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ଯୁଗ୍ମ ସାଧାରଣ ସଂପାଦକ ବ୍ରଜକିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ ମହାପାତ୍ର ଏବଂ ଶିକ୍ଷା ପ୍ରଦୀପ ସଂପାଦକ ଶଙ୍କର ସୁବୁଦ୍ଧି ପ୍ରମୁଖ ସରକାରଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି।

## ଦୁଇ ହୋଟେଲ ସିଲ୍

**କଟକ,୧୧।୨: ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ମଂଗଳାବାଗ ମେଡ଼ିକାଲ ରୋଡ଼ରେ ରାସ୍ତାକଡ଼ରେ ଥିବା ବିଭିନ୍ନ ହୋଟେଲଗୁଡ଼ିକରେ ବୁଧବାର ମଧ୍ୟାହ୍ନରେ ଚଢ଼ାଉ କରାଯାଇଛି। କଟକ ମହାନଗର ନିଗମର ଫୁଡ଼ ସେଫ୍ଟି ଟିମ ଅଚାନକ ଚଢ଼ାଉ କରିଛି। ଏହି ଚଢ଼ାଉରେ ୨ଟି ହୋଟେଲ ସିଲ ହୋଇଛି। ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ କରୁଥିବା ଅଭିଯୋଗରେ ସିଏମସି ଫୁଡ଼ ସେଫ୍ଟି ଟିମ ୨ଟି ହୋଟେଲକୁ ସିଲ କରିଥିବା ଜଣାପଡ଼ିଛି।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460
Editor : Ambika Prasad Das ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ
Chief Editor : Umapada Bose ମୁଖ୍ୟ ସମ୍ପାଦକ : ଉମାପଦ ବୋଷ